RNI No.ODIODI/2010/33031

୧୭ ବର୍ଷ Volume-17

ISSUE -167 ସଂଖ୍ୟା-୧୬୭

ଭୁବନେଶ୍ୱର, ମଙ୍ଗଳବାର ୧୫ ସେପ୍ଟେମ୍ବର ୨୦୨୬

Bhubaneswar, Tuesday 15 September, 2026

୦୮ ପୃଷ୍ଠା Pages-08

ମୂଲ୍ୟ : ୨.୦୦ ଟଙ୍କା Price : Rs.2.00

www.odishamanthan.com

MANTHAN

# ମନ୍ଥନ

www.odishamanthan.com RNI No. ORIORI/2010/33031

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର






# ୨୦୨୯ ସୁଦ୍ଧା ୟୁସିସି ଲାଗୁ ଘୋଷଣା ପରେ ଅସନ୍ତୁଷ୍ଟ

ନୂଆଦିଲ୍ଲୀ, ୧୪।୯ : ୟୁସିସିକୁ ନେଇ ଗୃହମନ୍ତ୍ରୀ ଅମିତ୍ ଶାହଙ୍କ ଘୋଷଣା ପରେ ବିଜେପିର ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଚର୍ଚ୍ଚା ଜୋର୍ ଧରିଛି । ମୁମ୍ବାଇରେ ଏକ ସାମ୍ବାଦିକ ସମ୍ମିଳନୀରେ ଶାହ କହିଥିଲେ ଯେ, ୨୦୨୯ ସୁଦ୍ଧା ଏନ୍‌ଡିଏ ଶାସିତ ସମସ୍ତ ୨୧ଟି ରାଜ୍ୟରେ ସମାନ ନାଗରିକ ସଂହିତା ଲାଗୁ କରାଯିବ । ଏହି ବୟାନ ପରେ ଜେଡିୟୁ ଗୃହମନ୍ତ୍ରୀଙ୍କୁ ଭେଟି ଏହି ବିଷୟରେ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛି ।

ଜେଡିୟୁ ସମାନ ନାଗରିକ ସଂହିତା ସପକ୍ଷରେ ନାହିଁ, ମାତ୍ର ବର୍ତ୍ତମାନ ଏହାର ଆଭିମୁଖ୍ୟରେ କିଛିଟା ପରିବର୍ତ୍ତନ ଦେଖିବାକୁ ମିଳିଛି । ଦଳର କହିବା କଥା ହେଉଛି ଟଉଉ କୁ ଆଗି ଅତି ଶୀଘ୍ରତା କିମ୍ବା ବଳପୂର୍ବକ ଲାଗୁ କରାଯିବା ଉଚିତ୍ ନୁହେଁ । ବିଧି ଆୟୋଗଙ୍କୁ ଲେଖିଥିବା ଚିଠିରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମଧ୍ୟ ଏହା ଦର୍ଶାଇଥିଲେ । ଦଳ ଦାବି କରିଛି ଯେ ସାମାଜିକ ସୌହାର୍ଦ୍ଦ୍ୟ ବଜାୟ ରଖିବା ପାଇଁ ସମସ୍ତ ଧର୍ମ, ବିଶେଷ କରି ଧାର୍ମିକ ସଂଖ୍ୟାଲଘୁ, ରାଜ୍ୟ ସରକାର ଏବଂ ସମ୍ପୃକ୍ତ ପକ୍ଷମାନଙ୍କ ସହ ବ୍ୟାପକ ଆଲୋଚନା କରାଯିବା ଆବଶ୍ୟକ ।

ଶାହଙ୍କ ବୟାନ ପରେ ଜେଡିୟୁ ଜାତୀୟ ମହାସଚିବ ଶ୍ୟାମ ରଜକ କହିଛନ୍ତି ଯେ ବିହାରରେ ଏହାକୁ କୌଣସି ପରିସ୍ଥିତିରେ ଲାଗୁ ହେବାକୁ ଦିଆଯିବ ନାହିଁ । ଅନ୍ୟପଟେ, ଜେଡିୟୁ କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୟ ଝା କହିଛନ୍ତି ଯେ ଦଳୀୟ ନେତାମାନେ ଶୀଘ୍ର ଗୃହମନ୍ତ୍ରୀ ଅମିତ୍ ଶାହଙ୍କୁ ଭେଟି ଦଳର ପକ୍ଷ ରଖିବେ । ଏଥିସହିତ ଆନ୍ଧ୍ରପ୍ରଦେଶର ଶାସକ ଦଳ ଟିଡିପି ମଧ୍ୟ ଆଇନର ଚିଠା ଉପରେ ବ୍ୟାପକ ତର୍କ



ଓ ଆଲୋଚନା ପରେ ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନେବା ସପକ୍ଷରେ ରହିଛି ।ବିଜେପି ସୂତ୍ର ଅନୁଯାୟୀ, ଦୁଇ ସହଯୋଗୀ ଦଳର ଏହି ଆଭିମୁଖ୍ୟ କୌଣସି ଆଶ୍ଚର୍ଯ୍ୟଜନକ ନୁହେଁ । ପୂର୍ବରୁ ବାଜପେୟୀ ସରକାର ସମୟରେ ମଧ୍ୟ ରାମ ମନ୍ଦିର, ଧାରା ୩୭୦ ଏବଂ ୟୁସିସି ଭଳି ବିବାଦୀୟ ପ୍ରସଙ୍ଗଗୁଡ଼ିକୁ ସାଧାରଣ ନ୍ୟୁନତମ କାର୍ଯ୍ୟକ୍ରମରୁ ବାହାରେ ରଖାଯାଇଥିଲା । ତେବେ ଗତ କିଛି ବର୍ଷ ମଧ୍ୟରେ ରାଜନୈତିକ ପରିସ୍ଥିତି ବଦଳିଛି । ୨୦୨୪ ନିର୍ବାଚନ ପରେ ଏନ୍‌ଡିଏରେ ବାଗୀ ସାଂସଦଙ୍କ ଯୋଗଦାନ ଏବଂ ରାଜନୈତିକ ସମୀକରଣ ବଦଳିବା ଦ୍ୱାରା ବିଜେପିର ସ୍ଥିତି ଅଧିକ ମଜବୁତ୍ ହୋଇଛି ।

ଏହା ସତ୍ତ୍ୱେ, ବିଜେପି ସମାନ ନାଗରିକ ସଂହିତା ପ୍ରସଙ୍ଗରେ ଏହି ଦୁଇ ଦଳକୁ ବିଶ୍ୱାସକୁ ନେଇ ଆଗକୁ ବଢ଼ିବାକୁ ଚାହୁଁଛି । ଉତ୍ତରାଖଣ୍ଡରେ କିପରି ସମସ୍ତଙ୍କ ସହ ଆଲୋଚନା କରି ୟୁସିସି ଲାଗୁ କରାଯାଇଛି ଏବଂ ଏହା ଦ୍ୱାରା ମୁସଲିମ୍ ମହିଳାମାନେ କିପରି ଉପକୃତ ହୋଇଛନ୍ତି, ସେ ସମ୍ପର୍କରେ ସେମାନଙ୍କୁ ବୁଝାଯିବ ।

ପୂର୍ବରୁ ଅନେକ ବିବାଦୀୟ ପ୍ରସଙ୍ଗରେ ଟିଡିପି ଏବଂ ଜେଡିୟୁ ମୋଦୀ ସରକାରଙ୍କୁ ସମର୍ଥନ କରିଛନ୍ତି । ୨୦୧୯ରେ ଜମ୍ମୁ-କାଶ୍ମୀରରୁ ଧାରା ୩୭୦ ହଟାଇବା ଏବଂ ନାଗରିକତା ସଂଶୋଧନ ଆଇନ ପାରିତ କରିବା ସମୟରେ ଉଭୟ ଦଳ ବିଜେପି ସପକ୍ଷରେ ମତଦାନ କରିଥିଲେ । ସେହିପରି ତିନି ତଲାକ୍ ଆଇନ ଏବଂ ୱାକଫ୍ ବୋର୍ଡ ସଂଶୋଧନ ବିଲ୍‌ରେ ମଧ୍ୟ ଏହି ଦୁଇ ସହଯୋଗୀ ଦଳ ସରକାରଙ୍କୁ ସମର୍ଥନ ଜଣାଇଥିଲେ ।



ଗଣେଶ ପୂଜାରେ ପୂଜା ପାଉଛନ୍ତି ମୃଣ୍ମୟୀ ପ୍ରତିମୂର୍ତ୍ତି ।

# ବଙ୍ଗୋପସାଗରରେ ଲଘୁଚାପର ଲହରୀ

## ରାଜ୍ୟରେ ପୁଣି ବଢ଼ିବ ବର୍ଷା

ଭୁବନେଶ୍ୱର, ୧୪।୯ : ବଙ୍ଗୋପସାଗରରେ ପଛକୁ ପଛ ଆସୁଛି ଲଘୁଚାପ । ଗୋଟିଏ ଲଘୁଚାପ ଦୁର୍ବଳ ହେଲାବେଳକୁ ତା ପଛକୁ ଆସୁଛି ଆଉ ଗୋଟିଏ । ମୌସୁମୀ ଆସିବା ପରଠାରୁ ଚଳିତ ବର୍ଷ ବାରମ୍ବାର ଦେଖିବାକୁ ମିଳିଛି ଏମିତି



ବିଚିତ୍ର ସ୍ଥିତି । ଉତ୍ତରଓଡିଶା ଭଳି ନିର୍ଦ୍ଧିଷ୍ଟ ଅଂଚଳକୁ ଆକ୍ରାମାକ୍ତ କରୁଛି । ସମାନ ଢ଼ଂଗରେ ଆଗକୁ ଆଉ ଏକ ଲଘୁଚାପ ଆସୁଥିବା ଆକଳନ କରିଛି ପାଣିପାଗ ବିଭାଗ ।

ବଙ୍ଗୋପସାଗରରେ ଆସୁଛି ପୁଣି ଏକ ଲଘୁଚାପ ! ସେପ୍ଟେମ୍ବର ୨୦ରୁ ୨୩ ମଧ୍ୟରେ ଉତ୍ତର ଆଣ୍ଡାମାନ ସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ, ପରେ ଏହା ଲଘୁଚାପର ରୂପ ନେଇପାରେ । ଏହାର ଗତିପଥ ଓ ପ୍ରଭାବ ଉପରେ ଏବେଠାରୁ ନଜର ରହିଛି । ସମ୍ଭାବ୍ୟ ଲଘୁଚାପଟି ପ୍ରାୟ ୨୨ ସେପ୍ଟେମ୍ବର ବେଳକୁ ଦକ୍ଷିଣ ଓଡ଼ିଶା–ଉତ୍ତର ଆନ୍ଧ୍ର ଉପକୂଳ ନିକଟକୁ ଆସିପାରେ । ଏହା କେତେ ଶକ୍ତିଶାଳୀ ହେବ ଓ କେଉଁ ଦିଗକୁ ଗତି କରିବ, ତାହା ଏବେଠାରୁ ସ୍ପଷ୍ଟ ହୋଇନାହିଁ । ତେବେ ସିଷ୍ଟମ୍ ?ଟି ଲଘୁଚାପରେ ପରିଣତ ହେଲେ ଓଡ଼ିଶାରେ ବର୍ଷା ବଢ଼ିପାରେ ।ଏପଟେ ରାଜ୍ୟରେ ଜାରି ରହିଛି ମୌସୁମୀ ବର୍ଷା । ଆସନ୍ତା ୨୪ ଘଣ୍ଟାରେ କିଛି ସ୍ଥାନରେ ବର୍ଷା ସହ ବଜ୍ରପାତ ହୋଇପାରେ । ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜକୁ ଭାରି ବର୍ଷା ପାଇଁ ହଳଦିଆ ସତର୍କତା ଜାରି ହୋଇଛି । ତେବେ ନଜର ଏବେ ବଙ୍ଗୋପସାଗରର ସମ୍ଭାବ୍ୟ ନୂଆ ଲଘୁଚାପ ଉପରେ । ସିଷ୍ଟମ୍ ? ସୃଷ୍ଟି ହେବା ପରେ ହିଁ ଓଡ଼ିଶା ଉପରେ ଏହାର ପ୍ରକୃତ ପ୍ରଭାବ ସ୍ପଷ୍ଟ ହେବ । ଏହାସହ ୧୫ଟି ଜିଲ୍ଲାର କିଛି ସ୍ଥାନରେ ବଜ୍ରପାତ ସହ ଝଡ଼ବର୍ଷା ଏବଂ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ । ଗତ ୨୪ ଘଣ୍ଟାରେ କନ୍ଧମାଳ, ପୁରୀ ଓ ଜଗତସିଂହପୁରର କିଛିସ୍ଥାନରେ ଭାରି ବର୍ଷା ହୋଇଛି । ଫୁଲବାଣୀରେ ସର୍ବାଧିକ ୧୦ ସେଣ୍ଟିମିଟର, କାକଟପୁରରେ ୯ ସେଣ୍ଟିମିଟର ଏବଂ ବାଲିକୁଦା ଓ ଫିରିଙ୍ଗିଆରେ ୭ ସେଣ୍ଟିମିଟର ବର୍ଷା ରେକର୍ଡ ହୋଇଛି ।୨୦୨୬ ମସିହାର ମୌସୁମୀ ଋତୁରେ, ଜୁନ୍ ?ରୁ ସେପ୍ଟେମ୍ବର ମଧ୍ୟଭାଗ ପର୍ଯ୍ୟନ୍ତ ବଙ୍ଗୋପସାଗର ଉପରେ ଏକାଧିକ ଲଘୁଚାପ ସୃଷ୍ଟି ହୋଇଛି । ଜୁଲାଇ ମାସରେ ୩ଟି ଲଘୁଚାପ ସୃଷ୍ଟି ହୋଇଥିବା ବେଳେ, ଅଗଷ୍ଟ ମାସରେ ୬ଟି ଲଘୁଚାପ ଦେଖାଦେଇଥିଲା ଯାହାର ପ୍ରଭାବରେ ଓଡ଼ିଶାରେ ଭାରିରୁ ଅତିଭାରି ବର୍ଷା ହୋଇଥିଲା ।

# ରାତି ପାହିଲେ ଆଜି ନୂଆଁଖାଇ

ଭୁବନେଶ୍ୱର, ୧୪।୯ : ରାତି ପାହିଲେ ଉତ୍ସବ ମୁଖର ହୋଇଉଠିବ ପଶ୍ଚିମ ଓଡିଶା । ଘରେ ଘରେ ପାଳନ ହେବ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ । ଚାଲିବ ପୂଜାର୍ଚ୍ଚନା, ସପରିବାର ଏକାଠି ବସି ନବାନ୍ନ ଭକ୍ଷଣ କରିବେ । ତା ସହ ଜମିବ ଲୋକସଂଗୀତ ଓ ନୃତ୍ୟର ଆସର । ଏଥିପାଇଁ ସମ୍ବଲପୁରରୁ ସୁନ୍ଦରଗଡ; ବଲାଙ୍ଗିରରୁ ବରଗଡ, ବୌଦ୍ଧରୁ କଳାହାଣ୍ଡି । ସବୁଠି ଚଳଚଞ୍ଚଳ ପରିବେଶ । ""ଅଥୟ ହେଲାଣି ମନ... ଅଧୀର ହେଲାଣି ପାଦ । ଢୋଲ୍-ନିଶାନ୍‌ର ତାଲେ ତାଲେ କାଲି ଦୁଲୁକିବ ପଶ୍ଚିମ ଓଡିଶା । ଡାଲଖାଇ-ରସରକେଲି ନାଚରେ ଝୁମି ଉଠିବ ପୂରପଲ୍ଲୀ । ରାତି ପାହିଲେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ । ସେଥିଲାଗି ସଜେଇ ହେଲାଣି ଘର, ସଜେଇ ହେଲାଣି ମନ୍ଦିର । ଜମିଲାଣି ପିଠା ପଣାର ଆସର । ବାହାରେ ରହୁଥିବା ଲୋକେ ଘରକୁ ବାହୁଡିଲେଣି, ବଜାର, ଲୁଗାଦୋକାନରେ ଭିଡ ଜମିଲାଣି । ନୂଆ ଲୁଗା ପିନ୍ଧି ଦେବଦେବୀ ଓ ଗୁରୁଜନଙ୍କ ଆଶୀର୍ବାଦ ନେଇ, ଏକାଠି ନବାନ୍ନ ଖାଇବେ ସପରିବାର । ରାଗରୁଷା ଭୁଲି ଭାଇଚାରାର ରଙ୍ଗରେ ରଙ୍ଗେଇ ହେବେ ସମସ୍ତେ । ଏଇ ଯେମିତି ବଲାଙ୍ଗୀର ଜିଲ୍ଲା ବେଲପଡା ଡାହିମାଲ ଓ ଜଳିଆ ଗାଁର ଲୋକେ । ବର୍ଷ ବର୍ଷ ଧରି ଏକାଠି ନୂଆଖାଇ ଆସୁଛନ୍ତି ପ୍ରାୟ ୧ ହଜାର ପରିବାରର ୫ ହଜାର ଲୋକ ।"" ଆହୁରି ପ ?ନ୍ତୁ....ବ୍ରିକ୍ସ ସମ୍ମିଳନୀର ମହାମଞ୍ଚ ଡିନର ମେନ୍ୟୁକୁ ନେଇ ମହାଭାରତ"" ବଲାଙ୍ଗୀର ଜିଲ୍ଲାରେ ନୂଆଖାଇ ପୂର୍ବ ସଂଧ୍ୟା ଅର୍ଥାତ ଆଜି ଗ୍ରାମଦେବା ଦେବୀ ନିକଟକୁ ଶୋଭାଯାତ୍ରାରେ ଯାଇଛି ନୂଆଧାନ, ପନିପରିବା,ଲୁଗାପଟା । ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପାଳନ କରିଛନ୍ତି ପାହୁର ଯାତ୍ରା । ସେପଟେ ନୂଆଁଖାଇ ପାଇଁ କଳାହାଣ୍ଡିରେ ଅଛି ନିଆରା ପରମ୍ପରା । ଜିଲ୍ଲା ଗୋଟିଏ, କିନ୍ତୁ ୪ ଥର ପାଳନ ହୁଏ ନୂଆଁଖାଇ । କେଉଁଠି ରାଖୀ ପୂର୍ଣ୍ଣିମାରେ, କେଉଁଠି ପଞ୍ଚମୀରେ ତ ଆଉ କେଉଁଠି ଦଶମୀରେ । ପରମ୍ପରା ଭିନ୍ନ ହେଲେ ବି ଭାବନା ସେଇ ଗୋଟିଏ । ନିଜ ମାଟି ସହ ଯୋଡ଼ି ହେବାର ପର୍ବ ନୂଆଖାଇ । ଦୁଃଖ ଥାଉ କି ସମସ୍ୟା... ଅଭାବ ଥାଉ କି ଅସୁବିଧା... ନୂଆଖାଇ ଆସିଲେ ସବୁକିଛି ଭୁଲି ଏକାଠି ହୋଇଯାଆନ୍ତି ପରିବାର ।" "ନୂଆଁଖାଇରେ ଜଙ୍ଗଲୀ ପତ୍ରରେ ତିଆରି ଖଲିଦନାର ରହିଛି ବିଶେଷ ମହତ୍ତ୍ୱ । ଏବେ ରାସ୍ତାକଡରେ ଦେଖିବାକୁ ମିଳୁଛି ଶାଳ, ସର୍ଗି, କୁରେଇ ଓ ଭେଲୁଆଁ ପତ୍ରର ଏହାର ପସରା ।










## ନୂଆଁଖାଇ-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀ ତଥା ରାଜ୍ୟବାସୀଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0097

15001/97/2627



## ନୂଆଁଖାଇ ତିହାର୍ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଁଖାଇ ଜୁହାର୍!

ପବିତ୍ର ନୂଆଁଖାଇ ତିହାର୍‌ର ଉଧେ ସମ୍‌କୁ ମୋର୍ ଅଭିନନ୍ଦନ୍ ଆର୍ ଜୁହାର୍ ।

ନୂଆଁ ଧାନ୍ ଘରକେ ଆନିକରି ନିଜର ଇଷ୍ଟ ଦେବାଦେବୀଙ୍କୁ ପୂଜା କରି, ସଭେ ମିଶିକରି ନୂଆଁ ଖାଏବାର୍ ଇ ମହାନ୍ ପରମ୍ପରା- ଆମର୍ ସଂସ୍କୃତି, ଭାଇଚାରା ଆର୍ ଏକତାର୍ ସବୁନୁ ବଡ଼ ପ୍ରତୀକ୍ ଆଏ । ନୂଆଁ ଆଶା, ନୂଆଁ ସପନ୍ ଆର୍ ବହୁତ୍ ଖୁସି ନେଇକରି ଆସିଥିବାର୍ ଇ ମହାନ ତିହାର୍ ସମକର୍ ଜୀବନ୍ କେ ସୁଖ୍, ଶାନ୍ତି ଆର୍ ସମୃଦ୍ଧିଥି ଭରି ଦଉ- ମାଁ ସମଲେଇଙ୍କର ପାହାତଲେ ଇଟା ହିଁ ଗୁହାରି କରୁଛେଁ ।

ସମକର ନୂଆଁଖାଇ ଭଲ୍ ସେ କଟୁ, ମାଁ ସମଲେଇ ସମକୁ ଭଲ୍ ସେ ରଖୁନ୍!

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆଞ୍ଚଳିକ ମନ୍ଥନ
ମଙ୍ଗଳବାର,୧୫ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର Tuesday,15 September 2026, Bhubaneswar



## ଶିଶୁ ମନ୍ଦିରର ରଜତ ଜୟନ୍ତୀ ଉତ୍ସବ ଉପଲକ୍ଷେ ପ୍ରସ୍ତୁତି ବୈଠକ

**ବୁଗୁଡା,୧୪।୯ :(ମନ୍ଥନ)**ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଉତ୍ସବ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ପ୍ରାର୍ଥନା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରଜତ ଜୟନ୍ତୀ ଉତ୍ସବ କମିଟି ସଭାପତି ଗୋପାଳ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ପରିଚାଳନା ସମିତିର କର୍ମକର୍ତ୍ତା ଏବଂ ପ୍ରାକ୍ତନ କମିଟିମାନର କର୍ମକର୍ତ୍ତାଗଣଙ୍କ ସମେତ ଶିଶୁ ମନ୍ଦିରର ସେବାବ୍ରତୀମାନେ ଉପସ୍ଥିତ ରହିଥିଲେ। ଏ ଅବସରରେ ରଜତ ଜୟନ୍ତୀ ଉତ୍ସବର ୨୨ ଜଣିଆ କମିଟିବୃନ୍ଦଙ୍କ ଦାୟିତ୍ୱ ସହ ଅନ୍ୟ ସବ୍-କମିଟି ଗୁଡିକର ଦାୟିତ୍ୱ କଣ ରହିବ ସେନେଇ ଆଲୋଚନା କରାଯାଇଥିଲା। ଏଥି ସହ ଆଗାମୀ ଜାନୁଆରୀ ମାସରେ ହେବାକୁ ଥିବା ତ୍ରିଦିବସୀୟ ରଜତ ଜୟନ୍ତୀ ଉତ୍ସବର ବଜେଟ୍ ପ୍ରସ୍ତୁତ କରାଯାଇଥିଲା। ଶିକ୍ଷା ବିକାଶ ସମିତିର ମାର୍ଗ ଦର୍ଶିକା ଅନୁସାରେ ରଜତ ଜୟନ୍ତୀ ଉତ୍ସବ ପାଳନର ସଫଳ ରୂପାୟନ ନିମନ୍ତେ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିବା ବେଳେ ଯଥାଶୀଘ୍ର ପୂର୍ବଛାତ୍ର ଏବଂ ଅଭିଭାବକ ବୈଠକ ଆହ୍ୱାନ କରାଯାଇ ଆଗାମୀ ରଜତ ଜୟନ୍ତୀ ସମାରୋହ ସମ୍ପର୍କେ ଆଲୋଚନା କରାଯିବାକୁ ସ୍ଥିର କରାଯାଇଥିଲା। ବୈଠକର ପରିଶେଷରେ ପ୍ରଧାନାଚାର୍ଯ୍ୟ ଚଣ୍ଡି ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଛେଣ୍ଡିପଦା ବ୍ଲକ ଅଞ୍ଚଳ ରେ ବିଦ୍ୟାଦାତା ପ୍ରଭୁ ଶ୍ରୀ ଗଣେଶଙ୍କ ବାର୍ଷିକ ପୂଜା ଉତ୍ସବ ପାଳିତ

**ଛେଣ୍ଡିପଦା,୧୪।୯ :(ମନ୍ଥନ)**ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅଞ୍ଚଳ ରେ ବିଭିନ୍ନ ସ୍ଥାନରେ ତଥା ସମସ୍ତ ଶିକ୍ଷାନୁଷ୍ଠାନ ,ସରକାରୀ ଅନୁଷ୍ଠାନ,ବେସରକାରୀ ପ୍ରତିଷ୍ଠାନ, କ୍ଲବ ଓ ପୂଜା କମିଟି ପକ୍ଷରୁ ବିଦ୍ୟା ଦାତା ପ୍ରଭୁ ଶ୍ରୀ ଗଣେଶଙ୍କ ବାର୍ଷିକ ପୂଜା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଭୁ ଶ୍ରୀ ଗଣେଶଙ୍କ ମୃଣ୍ମୟୀ ପ୍ରତିମା କୁ ଯଥାବିଧି ପୂଜାନୀତି ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା । ବିଶେଷ କରି କଳସ ଯାତ୍ରା, ଜୀବ ନ୍ୟାସ ପ୍ରଦାନ ,ହୋମ ଯଜ୍ଞ, ନାମ ସଂକୀର୍ତ୍ତନ, ସାମୂହିକ ପୁଷ୍ପାଞ୍ଜଳି ପ୍ରଦାନ, ଶ୍ରୀ ଗଣେଶଙ୍କ ସ୍ତୋତ୍ର ଗାନ, ପ୍ରସାଦ ସେବନ ଆଦି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସମସ୍ତ ଶିକ୍ଷାନୁଷ୍ଠାନ , ପୂଜା କମିଟି, କ୍ଲବ୍ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ନିମନ୍ତ୍ରିତ ଅତିଥି ମାନେ ଯୋଗ ଦେଇଥିଲେ । ସମସ୍ତ ଛାତ୍ରୀ ଛାତ୍ର ଅଭିଭାବକ ଅଭି ଭାବିକା, ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ଓ ପୂଜା କମିଟି ସଦସ୍ୟ ମାନେ ଉପସ୍ଥିତ ରହି ଉତ୍ସବ ପାଳନ କରିଥିଲେ । ସୂଚନା ଯୋଗ୍ୟ,ଛେଣ୍ଡିପଦା ସରକାରୀ ଉଚ୍ଚ ବିଦ୍ୟାଳୟ , ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପି ସି ଆଇ ଟି ଇଞ୍ଜିନିୟରିଙ୍ଗ କଲେଜ, କୋଶଳ। , ବାଗ ଡିଆ, ଖମାର , ପାତ୍ର ପଡା, ନୂଆଗାଁ, କଣଲୋଇ, ପାଟକୁମଣ୍ଡା, ବସନ୍ତ ପୁର, ମାଛକୁଟା, ଶିମିଳୀ ପାଳ, ତେନ୍ତୁଲୋଇ, କୁକୁରପେଟା, ବାଲିପଟ୍ଟା,ଦୁର୍ଗାପୁର , ଜରପଡା, ପରା, ତୁକୁଡା, ଓଗି, ଜେରେଙ୍ଗ , କତଡା, କୋରଡ଼ା, ନିଶା, ପରଙ୍ଗ, ନତଡା, କଙ୍କରେଇ, ରାଇ ଝରଣ , ବ୍ରାହ୍ମଣ ବିଲ, ଚାଙ୍ଗୁଡିଆ, ବାହାଲସାହି, କମ୍ପସଲା, ଟାଙ୍ଗିରୀ,କୁଶ କିଳା, ବରପଦା ସମେତ କଞ୍ଚରା , ଜରଡା, ସାଆନ୍ତରାପୁର, ବଡ ହିଂଶର, ତୁବେ, ବଡ କେରେଜାଙ୍ଗ, ସାନ କେରେଜାଙ୍ଗ , ବେଣା ଗାଡିଆ, ମଝିକା, କୁମଣ୍ଡ, ଜରାସିଂହା, ପରତରା, କରଡାଗାଡିଆ ଆଦି ସ୍ଥାନରେ ଏହି ପବିତ୍ର ଶ୍ରୀ ଗଣେଶଙ୍କ ବାର୍ଷିକ ପୂଜା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି ।



## ପିପିଲି ଆଇଆଇସି ରଥସେବା ସମ୍ମାନରେ ସମ୍ବର୍ଦ୍ଧିତ

**ପିପିଲି,୧୪।୯ :(ମନ୍ଥନ)**ଚଳିତ ବର୍ଷ ରଥଯାତ୍ରା ଶୃଙ୍ଖଳିତ ପରିଚାଳିତ ହୋଇଥିବାରୁ ପୁରୀ ଜିଲ୍ଲା ପୋଲିସ ଅଧିକାରୀ ଙ୍କ ମଧ୍ୟରେ ରାଜ୍ୟ ଆଇନ ମନ୍ତ୍ରୀ ଙ୍କ ଠାରୁ ରଥସେବା ୨୦୨୬ ସମ୍ମାନ ରେ ସମ୍ବର୍ଦ୍ଧିତ ହେଇଛନ୍ତି ପିପିଲିର ବରିଷ୍ଠ ଦକ୍ଷ ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀ ସୌମେନ୍ଦୁ ସେଖର ତ୍ରିପାଠୀ । ଶ୍ରୀ ତ୍ରିପାଠୀ ଙ୍କ କାର୍ଯ୍ୟ ଦକ୍ଷତା, କଠିନ ପରିଶ୍ରମ, ଅଭିଜ୍ଞତା ସହ ଆଇନ ଶୃଙ୍ଖଳାକୁ ସୁଚାରୁ ରୂପେ ତୁଲାଇଥିବାରୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଶ୍ରୀ ତ୍ରିପାଠୀ ଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ର ଶୁଅ ଛୁଟୁଛି।

## ଦାମୋଦରପୁର ରେ ଦବିଲା ଋଷିକୁଲ୍ୟା ନଦୀର ପଥର ବାଜ

**ଗଞ୍ଜାମ,୧୪।୯ :(ମନ୍ଥନ)**୯ସ୍ଥାନୀୟ ଜନବସତି କୁ ବନ୍ୟା ଜଳ ରୁ ସୁରକ୍ଷା ଦେବା ପାଇଁ ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମ ନିକଟସ୍ଥ ସଡକ ପୋଲ ଠାରୁ ଗଞ୍ଜାମ ବ୍ଲକ ଅନ୍ତର୍ଗତ କାଇଁଚପୁର ମଧ୍ୟରେ ଋଷିକୁଲ୍ୟା ନଦୀକୂଳରେ ପଥର ବାଜ ନିର୍ମାଣ କରାଯାଇଥିଲା । କିଛି ବର୍ଷ ହେଲା ଏହି ସଡ଼କ ପୋଲ ନିର୍ମାଣ କରାଯାଇଥିବା ବେଳେ ଲଘୁଚାପ ଜନିତ ଲଗାଣ ବର୍ଷାରେ ଦାମୋଦରପୁର ଠାକୁରାଣୀ ମନ୍ଦିର ନିକଟ ରେ ଏକ ଶଙ୍ଖ ନିକଟରେ ପଥର ବନ୍ଧ ଦବିଯାଇଥିବା ଲକ୍ଷ କରାଯାଇଛି । ତାହା ତୁରନ୍ତ ନିର୍ମାଣ କରାନଗଲେ ଶଙ୍ଖଟି ଭୁଶୁଡି ଯିବାର ଆଶଙ୍କା ପ୍ରକାଶ ପାଇଛି । ତତ ସହିତ ଦବି ଯାଇଥିବା ପଥର ବାଜ ଉପରେ ରହିଥିବା ରାସ୍ତା ନଷ୍ଟ ହୋଇପଡିବାର ସମ୍ଭାବନା ରହିଛି । ଉକ୍ତ ରାସ୍ତା ଦେଇ ପ୍ରତିଦିନ ଉକ୍ତ ରାସ୍ତା ଦେଇ ମତ୍ସ୍ୟଜୀବି ଓ ଅଂଚଳବାସୀ ଯିବାଆସିବା ଆସିବା କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେବ । ତେଣୁ ତୁରନ୍ତ ବିଭାଗିୟ କର୍ତ୍ତୃପକ୍ଷ ମରାମତି କରିବା ଦିଗରେ ପଦକ୍ଷେପ ନେବା ପାଇଁ ପଦକ୍ଷେପ ନେବାକୁ ଦାବୀ ହେଉଛି ।

## ପିଏମ୍ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଭକ୍ତିମୟ ପରିବେଶରେ ଗଣେଶ ପୂଜା

**ବଲାଙ୍ଗୀର,୧୪।୯ :(ମନ୍ଥନ)**ସ୍ଥାନୀୟ ଗାନ୍ଧୀନଗର ପଡା ସ୍ଥିତ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଭକ୍ତି ଓ ଉତ୍ସାହର ପରିବେଶ ମଧ୍ୟରେ ଶ୍ରୀଗଣେଶ ପୂଜା ପାଳିତ ହୋଇଯାଇଛି ।ବିଦ୍ୟା,ବୁଦ୍ଧି ଓ ଜ୍ଞାନର ଆରାଧ୍ୟ ଦେବତା ଶ୍ରୀଗଣେଶଙ୍କ ଆରାଧନାରେ ସମଗ୍ର ବିଦ୍ୟାଳୟ ପରିସର ଆଧ୍ୟାତ୍ମିକ ପରିବେଶରେ ପରିପୂର୍ଣ୍ଣ ହୋଇଉଠିଥିଲା ।ସକାଳ ୧୧ଟାରୁ ପାରମ୍ପରିକ ରୀତିନୀତି ଓ ବିଧିବିଧାନ ଅନୁଯାୟୀ ପୂଜାବିଧି ଆରମ୍ଭ ହୋଇଥିଲା ।ପୂଜକ ଭାବେ ହିମାଂଶୁ ନନ୍ଦ ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଦଶମ ଶ୍ରେଣୀର ଛାତ୍ରୀ ଶ୍ରୀୟା ସାହୁ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ ।ମନ୍ତ୍ରୋଚ୍ଚାରଣ ଓ ପୂଜାର୍ଚ୍ଚନାରେ ବିଦ୍ୟାଳୟ ପରିବେଶ ଭକ୍ତିମୟ ହୋଇଉଠିଥିଲା ।ଏହି ପୂଜା ଅବସରରେ ବିଦ୍ୟାଳୟର ଶିକ୍ଷକ ଡ. ସୁରେଶ ଚନ୍ଦ୍ର ବାରିକଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ସାଜସଜ୍ଜା ବିଶେଷ ଆକର୍ଷଣର କେନ୍ଦ୍ର ପାଲଟିଥିଲା ।ହିମାଳୟ ପର୍ବତର ଅବଧାରଣାକୁ ଆଧାର କରି ପୂଜା ମଣ୍ଡପକୁ ସୁନ୍ଦର ଭାବେ ସଜାଯାଇଥିଲା ।ପର୍ବତ,ପ୍ରକୃତି ଓ ପରିବେଶର ଅନନ୍ୟ ସମନ୍ୱୟରେ ତିଆରି ଏହି ସାଜସଜ୍ଜା ଛାତ୍ରୀ,ଶିକ୍ଷକ ଓ ଅତିଥିମାନଙ୍କ ମନ ମୋହିଥିଲା ।ପୂଜାର ସମସ୍ତ ଦାୟିତ୍ୱ ଶିକ୍ଷୟିତ୍ରୀ ସ୍ୱରୂପା ହୋତା ନିଷ୍ଠାର ସହ ତୁଲାଇଥିଲେ। ତାଙ୍କ ତତ୍ତ୍ୱାବଧାନରେ ପୂଜାସାମଗ୍ରୀ ପ୍ରସ୍ତୁତି,ମଣ୍ଡପ ପରିଚାଳନା ଓ ଅନ୍ୟାନ୍ୟ ବ୍ୟବସ୍ଥା ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା ।କାର୍ଯ୍ୟକ୍ରମର ଅନ୍ୟତମ ବିଶେଷ ଆକର୍ଷଣ ଥିଲା ପୂର୍ବତନ ଛାତ୍ରୀମାନଙ୍କ ଯୋଗଦାନ ।ବିଦ୍ୟାଳୟର ଗତବର୍ଷ ଅଧ୍ୟୟନ କରିଥିବା ଛାତ୍ରୀମାନେ ନିଜ ପୁରୁଣା ବିଦ୍ୟାଳୟ ପ୍ରତି ଭଲପାଇବା ଓ ଆତ୍ମୀୟତାର ସହ ପୂଜାରେ ଯୋଗଦେଇଥିଲେ ।ଏହା ବିଦ୍ୟାଳୟ ଓ ପୂର୍ବତନ ଛାତ୍ରୀମାନଙ୍କ ମଧ୍ୟରେ ଥିବା ଆତ୍ମିକ ସମ୍ପର୍କକୁ ଆହୁରି ମଜବୁତ କରିଥିଲା ।ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ସରୋଜ ନାୟକଙ୍କ ସମେତ ଶିକ୍ଷୟିତ୍ରୀ ଅନୁପମା ଉଦ୍ଗାତା,ଶୋଭନା ଚାନ୍ଦ ଓ ସୁପ୍ରଭା ମିଶ୍ର ଯୋଗଦେଇ ପୂଜାର ଶୋଭା ବଢ଼ାଇଥିଲେ ।ପୂର୍ବତନ ଶିକ୍ଷକ,ଶିକ୍ଷୟିତ୍ରୀଙ୍କ ଉପସ୍ଥିତି ଛାତ୍ରୀ ଓ ଶିକ୍ଷକମାନଙ୍କ ମଧ୍ୟରେ ଏକ ଆତ୍ମୀୟ ଭାବ ସୃଷ୍ଟି କରିଥିଲା ।ଅନ୍ୟପକ୍ଷରେ,ଦଶମ ଶ୍ରେଣୀ ଛାତ୍ରୀ ଅମନ୍ନାଲାଲ ଶତପଥୀ ଓ ଶିଖା ମିଶ୍ର ନିକଟସ୍ଥ ବିଦ୍ୟାଳୟଗୁଡ଼ିକୁ ନିମନ୍ତ୍ରଣ କରିବାର ଦାୟିତ୍ୱ ନେଇଥିଲେ ।ସେମାନଙ୍କ ଉଦ୍ୟମରେ ଅନ୍ୟ ବିଦ୍ୟାଳୟର ଛାତ୍ରୀ ଓ ଶିକ୍ଷକମାନଙ୍କ ସହ ଉତ୍ସବର ଭାବ ବିନିମୟର ସୁଯୋଗ ସୃଷ୍ଟି ହୋଇଥିଲା ।ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରାଙ୍କ ମାର୍ଗଦର୍ଶନରେ ସମଗ୍ର ପୂଜା କାର୍ଯ୍ୟକ୍ରମ ସୁଚାରୁ ଭାବେ ପରିଚାଳିତ ହୋଇଥିଲା । ଶିକ୍ଷକ,ଶିକ୍ଷୟିତ୍ରୀ,ଛାତ୍ରୀ ଓ ପୂର୍ବତନ ଛାତ୍ରୀଙ୍କ ସାମୂହିକ ସହଯୋଗରେ ଗଣେଶ ପୂଜା ଏକ ମିଳନ ଉତ୍ସବର ରୂପ ନେଇଥିଲା ।ପୂଜା ଅବସରରେ ବିଦ୍ୟାର୍ଥୀମାନଙ୍କ ଜ୍ଞାନ,ବୁଦ୍ଧି ଓ ବିବେକର ବିକାଶ ସହ ବିଦ୍ୟାଳୟର ସର୍ବାଙ୍ଗୀଣ ଉନ୍ନତି ପାଇଁ ଶ୍ରୀଗଣେଶଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା ।ଏହି ଗଣେଶ ପୂଜା ଛାତ୍ରୀମାନଙ୍କ ମନରେ ଆନନ୍ଦ,ଉତ୍ସାହ ଓ ଏକତାର ଭାବ ସୃଷ୍ଟି କରିବା ସହ ବିଦ୍ୟାଳୟର ପୁରୁଣା ଓ ନୂଆ ପିଢ଼ିକୁ ଏକ ସୂତ୍ରରେ ବାନ୍ଧିଥିଲା ।

## ବୁଗୁଡ଼ା ପଥୁରିଆ ସାହି ଚାରିଛକିଆରେ ଘଟୁଛି ଦୁର୍ଘଟଣା, ହମ୍ପସ୍ ନିର୍ମାଣ ଦାବି

**ବୁଗୁଡ଼ା,୧୪।୯ :(ମନ୍ଥନ)**ବୁଗୁଡା ସହର ମଧ୍ୟସ୍ଥ ପଥୁରିଆ ସାହି ଚାରିଛକିଆରେ ଯାନବାହାନ ଚଳାଚଳ ବେଳେ ଅମାନିଆ ଚାଳକଙ୍କ ଯୋଗୁଁ ଅଧିକାଂଶ ସମୟରେ ଛୋଟବଡ ଦୁର୍ଘଟଣାମାନ ଘଟୁଥିବାରୁ ତାହାର ପ୍ରତିକାର ରୂପେ ସେହି ଛକର ତିନିପଟରେ ହମ୍ପସ୍ ନିର୍ମାଣ କରାଯିବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ବୁଗୁଡା ବଡଦାଣ୍ଡ ପଟକୁ ଲମ୍ବିଥିବା ରାସ୍ତାରେ ବିରଞ୍ଚି ନାରାୟଣ ଏବଂ ବଳଦେବସ୍ୱାମୀଙ୍କ ମନ୍ଦିର ସାଙ୍ଗକୁ ଏନ୍ଏସି କାର୍ଯ୍ୟାଳୟ , ଖଦାଳ ସାହି ରାସ୍ତା ପଟରେ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ, ବନ ବିଭାଗ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ପୋଲିସ ଥାନା ଓ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ , ନୂଆଁ ସାହି ରାସ୍ତାରେ ଗୋପୀନାଥ ମନ୍ଦିର ରହିଥିବାରୁ ସେହି ଚାରିଛକ ଦେଇ ନୈକି ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ସମେତ ଶହ ଶହ ଛାତ୍ରଛାତ୍ରୀ ଏବଂ ଜନତା ଯାତାୟତ କରୁଛନ୍ତି। ଏଥି ସହ ସେହି ଛକ ବୁଗୁଡା-ପୋଲସରା ମୁଖ୍ୟ ସଡକ ମଧ୍ୟରେ ରହିଥିବାରୁ ଯାନବାହାନ ଚଳାଚଳ ବେଳେ ଅମାନିଆ ଚାଳକଙ୍କ ଦ୍ରୁତଗତି ଯୋଗୁଁ ନାନା ସମସ୍ୟା ସାଙ୍ଗକୁ ଦୁର୍ଘଟଣାମାନ ଘଟୁଛି ଏବଂ ଅଯଥା ବିବାଦ ଉପୁଜୁଛି। ସେହି ଛକରେ ଦୁର୍ଘଟଣାକୁ ଏଡାଇବା ଏବଂ ଅମାନିଆ ବାଇକ୍ ଚାଳକଙ୍କ ଦ୍ରୁତଗତିରେ ବ୍ରେକ୍ ଲଗାଇବା ପାଇଁ ଗୋପୀନାଥ ମନ୍ଦିର ନିକଟରେ, ଖଦାଳ ସାହି ମଧ୍ୟରେ ଏବଂ ଏନ୍ଏସି କାର୍ଯ୍ୟାଳୟ ପୂର୍ବରୁ ଏପରି ତିନି ପଟ ରାସ୍ତାରେ ହମ୍ପସ୍ ନିର୍ମାଣ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏଣୁ, ସ୍ଥାନୀୟ ପୂର୍ତ୍ତ ବିଭାଗ ଏଥି ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

## ଯାଜପୁର ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଯାଜପୁର,୧୪।୯ :(ମନ୍ଥନ)** ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ପ୍ରକାରମୋଟ ୪୭୦୭ ଟି ମକଦ୍ଦମା ଫଇସଲା ହୋଇଛି। ସେଥି ମଧ୍ୟରୁ ୧୬୧ ଟି ଫୌଜଦାରୀ, ୪୧ ଟି ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ୪୨ ଟି ଦେଓ୍ୱାନୀ, ୧୯ଟି ପାରିବାରିକ କଳହ ମକଦ୍ଦମା, ୧୪ ଟି ଶ୍ରମ ବିବାଦ, ଖାଉଟି ବିବାଦ ୪ ଟି, ଟ୍ରାଫିକ ଚାଲାଣ ୧୫୫ ଟି ଏବଂ ରାଜସ୍ୱ ବିଭାଗର ୪୨୭୧ ଟି ମାମଲା ଫଇସଲା କରାଯାଇ ମୋଟ ୮ କୋଟି ୭୫ ଲକ୍ଷ ୯୭ ହଜାର ୩୧୪ ଟଙ୍କା ଆଦାୟ କରାଯାଇଛି। ଏତଦ୍ ବ୍ୟତୀତ ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ମୋଟ ୬୦ ଟି, ବିଦ୍ୟୁତ ବିଭାଗର ୩୦୯ ଟି, ସ୍ଥାୟୀ ଲୋକ ଅଦାଲତର ୧ଟି, ଏବଂ ଟେଲିଫୋନ ସମ୍ବନ୍ଧୀୟ ୨୩ଟି ପ୍ରାକ୍-ବିଚାରାଧୀନ ମାମଲା ଫଇସଲା କରାଯାଇ ମୋଟ ୬୦ ଲକ୍ଷ ୫୧ ହଜାର ୯୪୭ ଟଙ୍କା ମଧ୍ୟ ଆଦାୟ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ଅମୃତ ରଞ୍ଜନ ନନ୍ଦ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ଲିପା ମହାନ୍ତି ଏହାକୁ ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଯାଜପୁର ଜିଲ୍ଲାର ପରିବାର ଅଦାଲତର ବିଚାରପତି ଡଃ ପ୍ରସନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଜଜ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ, ମୁଖ୍ୟ ବିଭାଗୀୟ ମାଜିଷ୍ଟ୍ରେଟ ସର୍ବେଶ୍ୱର ଦାସ, ରେଜିଷ୍ଟ୍ରାର ଶ୍ରୀମତୀ ପଲ୍ଲବୀ ରାଣୀ ସାହୁ, ଅତିରିକ୍ତ ବରିଷ୍ଠ ଦେଓ୍ୱାନୀ ବିଚାରପତି ଶ୍ରୀମତୀ ନେହା ଅଗ୍ରଓ୍ୱାଲ, ବରିଷ୍ଠ ବିଚାରପତି (ଏଲ.ଆର. ଏବଂ ଏଲ. ଟି.ଭି. ଶ୍ରୀମତୀ ଲୋପାମୁଦ୍ରା ବେହେରା, ଏସ.ଡି.ଜେ.ଏମ ଶ୍ରୀମତୀ ସୁମିତ୍ରା ବିଶ୍ୱାଳ, ଦେଓ୍ୱାନୀ ବିଚାରପତି ଶ୍ରୀମତୀ ସୁନୀତା ବିଶ୍ୱାଳ, ଜେ.ଏମ.ଏଫ.ସି ଶ୍ରୀମତୀ ବୀଣାପାଣି ଟାଣ୍ଡି, ଜେ.ଏମ.ଏଫ.ସି (ଏଲ.ଆର. ଏବଂ ଏଲ.ଟି.ଭି. ଶ୍ରୀ ଅଂଶୁମାନ ରଥ ଅଂଶଗ୍ରହଣ କରି ବିଭିନ୍ନ ମକଦ୍ଦମା ଗୁଡିକ ଫଇସଲା କରିଥିଲେ। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲ୍ଲା କାରାଗାର ଅନ୍ତେବାସୀମାନଙ୍କ ଦ୍ୱାରା ପ୍ରସ୍ତୁତ ଫିନାଇଲ ଏବଂ ଜୈବିକ ଖତ ବିକ୍ରୟ କରାଯାଇଥିଲା।




## ପିପିଲିର ଦୁଇ ଶିକ୍ଷକଙ୍କୁ ‘ନେସନ ବିଲ୍ଡର ଆୱାର୍ଡ’

**ପିପିଲି,୧୪।୯ :(ମନ୍ଥନ)**ଶିକ୍ଷା କ୍ଷେତ୍ରରେ ଦୀର୍ଘଦିନର ଉତ୍ସର୍ଗୀକୃତ ସେବା, ଛାତ୍ରଛାତ୍ରୀଙ୍କୁ ଉତ୍ତମ ମାର୍ଗଦର୍ଶନ ଏବଂ ଯୁବପିଢ଼ିର ଭବିଷ୍ୟତ ଗଠନରେ ଅବଦାନ ପାଇଁ ପିପିଲିର ଦୁଇଜଣ ବିଶିଷ୍ଟ ଶିକ୍ଷକଙ୍କୁ ‘ନେସନ ବିଲ୍ଡର ଆୱାର୍ଡ’ରେ ସମ୍ମାନିତ କରାଯାଇଛି। ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ମେଡୋଜ୍ ପକ୍ଷରୁ ‘ସର୍ଭିସ୍ ଅବଭ୍ ସେଲ୍ଫ’ ଭାବନାକୁ ସମ୍ମାନ ଜଣାଇ ଏହି ସମ୍ମାନ ପ୍ରଦାନ କରାଯାଇଛି। ପିପିଲି ଜୟପୁର ଶାସନ ପିୟୁପିଏସ୍‌ର ପ୍ରଧାନଶିକ୍ଷକ ପ୍ରଭାତ କୁମାର ଦାଶଙ୍କୁ ଶିକ୍ଷା କ୍ଷେତ୍ରରେ ଦୀର୍ଘ ୩୪ ବର୍ଷର ଉତ୍ସର୍ଗୀକୃତ ସେବା, ଶିକ୍ଷା ନେତୃତ୍ୱ ଓ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ ପାଇଁ ଏହି ସମ୍ମାନ ମିଳିଛି। ସେହିପରି ପିପିଲି ଗୋବିନ୍ଦପୁର ହାଇସ୍କୁଲ୍‌ର ଟିଜିଟି ଆର୍ଟସ୍ ଶିକ୍ଷୟିତ୍ରୀ ଇତିଶ୍ରୀ ନାୟକଙ୍କୁ ୧୫ ବର୍ଷର ପ୍ରେରଣାଦାୟୀ ଶିକ୍ଷାଦାନ ଓ ବହୁବିଧ ଶିକ୍ଷାଗତ ଉତ୍କର୍ଷ ପାଇଁ ‘ନେସନ ବିଲ୍ଡର ଆୱାର୍ଡ’ରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ରୋଟାରୀ କ୍ଲବ୍‌ରେ ଆୟୋଜିତ ସ୍ୱତନ୍ତ୍ର ସମ୍ମାନ ସମାରୋହରେ ଅବସରପ୍ରାପ୍ତ ଆଇଏଏସ୍ ତଥା ରୋଟାରିଆନ୍ ଅନିଲ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ଭାବେ କ୍ଲବ୍ କାର୍ଯ୍ୟ ନିର୍ବାହୀ ସଚିବ ତଥା ପରାମର୍ଶଦାତା ରୋଟାରିଆନ୍ ଅଶ୍ୱିନୀ କର, କ୍ଲବ୍ ସଭାପତି ରୋଟାରିଆନ୍ ବିକାଶ ଗରାବଡୁ, କ୍ଲବ୍ ସମ୍ପାଦକ ରୋଟାରିଆନ୍ ଦୀପକ କୁମାର ଜେନା ଏବଂ ପ୍ରକଳ୍ପ ଅଧ୍ୟକ୍ଷ ରୋଟାରିଆନ୍ ସଞ୍ଜୁ ପାତ୍ର ପ୍ରମୁଖ ଉପସ୍ଥିତ ରହି ଦୁଇ ଶିକ୍ଷକଙ୍କ ଅବଦାନକୁ ପ୍ରଶଂସା କରିଥିଲେ ।

## ନୂଆଁଖାଇ ଲାଗି ସାଲେଭଟା ଗାଁରୁ ପାଟଣେଶ୍ୱରୀ ମନ୍ଦିରକୁ ପହଂଚିଲା ନୂଆଁ ଧାନ

**ବଲାଙ୍ଗିର,୧୪।୯ :(ମନ୍ଥନ)**ପୁରପଲ୍ଲିରୁ ନୂଆଁଖାଇ ପାଇଁ ସହର ବେଶ ଚଳଚଂଚଳ ଥିବା ବେଳେ ପାଟଣା ରାଜ୍ୟର ଇଷ୍ଟଦେବୀ ତଥା ୪୮ପାଟର ଇଷ୍ଟ ଦେବୀ ମାଁ ପାଟଣେଶ୍ୱରୀ ମନ୍ଦିରକୁ ନୂଆଁଖାଇ ପାଇଁ ସାଲେଭଟା ଗାଁ ରୁ ଦେବୀଙ୍କ ଚାଷ ଜମିରୁ ନୂଆଁ ଧାନ ଓ ପାହାର ପାଟଣେଶ୍ୱରୀ ମନ୍ଦିରକୁ ପହଂଚିଲା । ବଲାଙ୍ଗିର ସହରର ଲୋକନାଥ ମନ୍ଦିର ବାହାରି ପାଟଣେଶ୍ୱରୀ ମନ୍ଦିରକୁ ପହଂଚିଲା । ମନ୍ଦିର ପୂଜକ ଅଭିଳାଷ ଦିସ୍ରୀ ସବୁ ସାମଗ୍ରୀକୁ ବେଦମନ୍ତ୍ର ସହ ଆନୁଷ୍ଠାନିକ ଭାବେ ଗ୍ରହଣ କରିଥିଲେ । ପାଟଣେଶ୍ୱରୀ ଦେବୀ ପ୍ରଥମେ ଲଗ୍ନ ଅନୁସାରେ ନବାନ୍ନ ଅର୍ପଣ କରିବା ପାଇଁ ଯାହା ନିର୍ଘଣ୍ଟ ରହିଛି ସେହି ସମୟରେ ମାଁ ଙ୍କୁ ନବାନ୍ନ ଲଗାଯିବ । ଏହି ଅବସରରେ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ଭକ୍ତମାନଙ୍କ ପାଇଁ ୨ହଜାରରୁ ଅଧିକ ନବାନ୍ନ ବଣ୍ଟନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଆଜି ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ସାଲେଭଟା ଗ୍ରାମର ମନ୍ଦିର କମିଟି ସାମିଲ ଥାଇ ବିଭିନ୍ନ ସାମଗ୍ରୀ ସହ ନୂଆ ଧାନ ଙ୍କ ପୂଜା ସାମଗ୍ରୀ ଓ ପାହାର ମନ୍ଦିରକୁ ଅର୍ପଣ କରାଯାଇଥିଲା । ମାଁ ଙ୍କୁ ପୂଜାର୍ଚ୍ଚନା ରେ ଡ.ଘାସିରାମ ମିଶ୍ର, ଜୟ କୁମାର ଆଚାର୍ଯ୍ୟ, ସାଲେଭଟା ଗ୍ରାମର ନିମାଇଁ ମହାକୁର, ଅଜିତ ମେହେର ସ୍ୱତନ୍ତ୍ର ଧାନ ଆଣିଥିଲେ । ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ର, ସଂପାଦକ ପ୍ରଶାନ୍ତ ମହାକୁର, ଭବାନୀ ଶଙ୍କର ଭୋଇ, ଅରୁଣ କୁମାର ମିଶ୍ର, ରିଣ୍ଟୁ ସାହୁ, ଶମ୍ଭୁ ପ୍ରସାଦ ଶତପଥି, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିଜୟ କୁମାର ସାହୁ,ସାତ୍ତ୍ୱିକ ଆଚାର୍ଯ୍ୟ ଓ ବଲାଙ୍ଗିର ସହରର ବହୁ ବୁଦ୍ଧିଜିବୀ ଉପସ୍ଥିତ ଥିଲେ ।



## ସ୍କୁଲ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟରେ ଅନିୟମିତତା ଉଚ୍ଚସ୍ତରୀୟ ତଦନ୍ତ ଦାବି

**ଗୋପ, ୧୪।୯ :(ମନ୍ଥନ)** କୋଣାର୍କ ଥାନା ଅଧୀନଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ କୋଣାର୍କ ସ୍ଥିତ ଆଶ୍ରମ ସ୍କୁଲକୁ ଗତ ୨୦୨୩ ମସିହା ଠାରୁ ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ ବିଦ୍ୟାଳୟ ମରାମତି ଓ ରକ୍ଷଣାବେକ୍ଷଣ ଅର୍ଥ ଓ ଅନ୍ତେବାସୀ ଛାତ୍ର ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ସେବା ନିମନ୍ତେ ଆସିଥିବା ଅର୍ଥ ବିନିଯୋଗ ନହୋଇ ପଡି ରହିବା ଘଟଣା ସୂଚନା ଅଧିକାର ଆଇନ ବଳରେ ମଗା ଯାଇଥିବା ତଥ୍ୟରୁ ଜଣାପଡିଛି ।ଖବରରୁ ପ୍ରକାଶ ଯେ କୋଣାର୍କ ସ୍ଥିତ ଆଶ୍ରମ ସ୍କୁଲକୁ ପୁରୀ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟ ମରାମତି ଓ ରକ୍ଷଣାବେକ୍ଷଣ ନିମନ୍ତେ ଗତ ୨୦୨୩ ଏପ୍ରିଲ ମାସ ଠାରୁ ୨୦୨୬ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ୪ ଲକ୍ଷ ଟଙ୍କା ଆସିଥିବା ବେଳେ ଉକ୍ତ ଅର୍ଥ ମଧ୍ୟରୁ ୧ଲକ୍ଷ ୪୦ ହଜାର ଟଙ୍କା ବିନିଯୋଗ ହୋଇଥିବା ବେଳେ ଅବଶିଷ୍ଟ ଟଙ୍କା ବିନିଯୋଗ ନହୋଇ ପଡି ରହିଥ?ିବା ସାମାଜିକ କର୍ମୀ ଭାଗୀରଥୀ ସ୍ୱାଇଁ ମାଟି ମାଗିଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତ?ଥ୍ୟରୁ ଜଣାପଡିଛି ଛି। ଏହି ଅର୍ଥ ବିନିଯୋଗ କରିବା ପାଇଁ ରାଜ୍ୟ ସରକାରଙ୍କ ଜାତି ଓ ଜନଜାତି ଉନ୍ନୟନ ବିଭାଗ ନିର୍ଦ୍ଦେଶନାମା ଅନୁଯାୟୀ ଅନୁସୂଚିତ ଜା ପ୍ରଧାନ ଶିକ୍ଷକ କ୍ଷକଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଦୁଇ ଜଣ ବ ବରିଷ୍ଠ ଶିକ୍ଷକ ଅଥବା ଥବା ଶିକ୍ଷୟିତ୍ରୀ ରହିବାର ନିୟମ ରହିଛି । ମାତ୍ର ଦାୟିତ୍ୱରେ ଥିବା ପ୍ରଧାନ ଧାନ ଶିକ୍ଷକ ବିଭାଗୀୟ ନିର୍ଦ୍ଦେଶନା ର୍ଦ୍ଦେଶନାମାର ଖୋଲା ଉଲଂଘନ କରି କମିଟିରେ ଜଣେ ବରିଷ୍ଠ ଶିକ୍ଷୟିତ୍ରୀ ଓ ଅନ୍ୟ ଜଣେ କନିଷ୍ଠ ଶିକ୍ଷୟିତ୍ରୀ କୁ ରଖୁଥିବା ନେଇ ସୂଚନା ଅଧିକାର ତଥ୍ୟରୁ ଜଣାପଡିଛି। ଏଭଳି ଅନିୟମିତତା କରିବା ପଛରେ ପ୍ରଧାନ ଶିକ୍ଷକଙ୍କ ଅସଲ ରହସ୍ୟ କଣ ତାହା ତଦନ୍ତ ସାପେକ୍ଷ ।ସେହିପରି ଉକ୍ତ ବିଦ୍ୟାଳୟରେ ରହୁଥ?ିବା ଅନ୍ତେବାସୀ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସେବା ନିମନ୍ତେ ଆସିଥିବା ପ୍ରାୟ ୫୦ ହଜାର ଟଙ୍କା ଖର୍ଚ୍ଚ ନ ହୋଇ ପଡି ରହିବା ଘଟଣା ବିଭାଗୀୟ ଖାମଖିଆଲି ମାରଣ ନୀତିର ନଗ୍ନ ନମୁନା ଛଡା ଆଉ କିଛି ନୁହେଁ ବୋଲି ବୁଦ୍ଧିଜୀବି ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବିଦ୍ୟାଳୟରେ ମରାମତି ଓ ରକ୍ଷଣାବେକ୍ଷଣ ବାବଦ ଅର୍ଥ ବିନିଯୋଗ ବାବଦରେ ଉପ ପଯୋଗିତା ପ୍ରମାଣ ପତ୍ର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଦିଆ ନ ଯିବା ଏବଂ ଏଥିପାଇଁ ଗଠିତ କମିଟିରେ ବରିଷ୍ଠ ଶିକ୍ଷୟିତ୍ରୀ ବଦଳରେ କନିଷ୍ଠ ଶିକ୍ଷୟିତ୍ରୀଙ୍କୁ ନିଆ ଯିବା ଘଟଣାରେ ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ବିଭାଗୀୟ ସଚିବ, ବିଭାଗୀୟ ନିର୍ଦ୍ଦେଶକ ଓ ପୁରୀ ଜିଲ୍ଲାପାଳଙ୍କୁ , ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଛାତ୍ର ଅଭିଭାବକ, ପୁରାତନ ଛାତ୍ର, ଶିକ୍ଷାବିତ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।




## ବନ୍ଧକ ଶ୍ରମ ଓ ମାନବ ଚାଲାଣ ନିରାକରଣ ସମନ୍ୱୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଯାଜପୁର,୧୪।୯ :(ମନ୍ଥନ)** ଯାଜପୁର ଜିଲ୍ଲା ପରିଷଦ ପକ୍ଷରୁ ଇଂଟରନ୍ୟାସନାଲ ଜଷ୍ଟିସ୍ ମିଶନ୍ ଏବଂ ସାମାଜିକ ସଂଗଠନ ଉତ୍କଳ ସେବକ ସମାଜ ର ସହଯୋଗରେ ‘ବନ୍ଧୁଆ ଶ୍ରମ ଓ ମାନବ ଚାଲାଣ ନିରାକରଣ ଉପରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ପୁଲିସ କର୍ମଚାରୀଙ୍କ ପାଇଁ ଏକଦିବସୀୟ ସମନ୍ୱୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ’ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ସଭାପତିତ୍ୱ କରିଥିଲାବେଳେ ଅତିଥି ଭାବେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଂଟିଆ, ପିଏମଏସଡି ଶ୍ରୀମତୀ ମଧୁମିତା ପୃଷ୍ଟି ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ପ୍ରମୁଖ ଯୋଗଦାନ କରିଥିଲେ। ମୁଖ୍ୟ ବକ୍ତା ତଥା ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଆଇ.ଜେ.ଏମ ର ରାଜ୍ୟ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଜୟନ୍ତ ନାଗ ମାନବ ଚାଲାଣର ବିଭିନ୍ନ ଦିଗ, ଏହାର ପୃଷ୍ଠଭୂମି, ବର୍ତ୍ତମାନର ପରିସ୍ଥିତି, ବନ୍ଧକ ଶ୍ରମ ପ୍ରଥା (ଉଚ୍ଛେଦ) ଅଧିନିୟମ, ୧୯୭୬ ଏବଂ ଏହାର ଆଇନଗତ ବ୍ୟବସ୍ଥା ସହ ବିଭିନ୍ନ ସରକାରୀ ବିଭାଗର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ର ପ୍ରାରମ୍ଭରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଖୁଂଟିଆ ଏହି ସମସ୍ୟା ର ସଫଳ ମୁକାବିଲା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କର ସହଯୋଗ କାମନା କରିବା ସହ ଏହି ସମ୍ବେଦନଶୀଳ ବିଷୟ ପ୍ରତି ଅଂଶ ଗ୍ରହଣ କାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଇ.ଜେ.ଏମ ର ଆଇନ ପରାମର୍ଶଦାତା ଶ୍ରୀ ନାଗ ବନ୍ଧକ ଶ୍ରମ ସମସ୍ୟାର ସମାଧାନ ଦିଗରେ କ୍ଷେତ୍ରସ୍ତରରେ ଦେଖାଦେଉଥିବା ବାସ୍ତବ ସମସ୍ୟା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ କର ଶିଶୁ ଯତ୍ନ ଓ ସୁରକ୍ଷାର ଆବଶ୍ୟକତା ଥିବା ଶିଶୁମାନଙ୍କ ସମ୍ପର୍କରେ ଏବଂ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଅଧିନିୟମର ବିଭିନ୍ନ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ସଭାପତି ଦେବୀ ପ୍ରସାଦ ମହାନ୍ତି ବନ୍ଧକ ଶ୍ରମରୁ ଉଦ୍ଧାର ପାଇଥିବା ୮ ଜଣ ପୀଡ଼ିତଙ୍କ ପରିବାରକୁ ଜୀବିକା ଉନ୍ନୟନ ପାଇଁ ପ୍ରାରମ୍ଭିକ ଆର୍ଥିକ ସହାୟତା ବାବଦକୁ ପ୍ରତ୍ୟେକଙ୍କୁ ୪୦,୦୦୦ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସେମାନଙ୍କୁ ବିଭିନ୍ନ ସରକାରୀ ଯୋଜନା ସହ ସଂଯୋଗ କରି ମୁଖ୍ୟସ୍ରୋତକୁ ଆଣିବା ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ମଧ୍ୟ ପ୍ରତିଶୃତି ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ତହସିଲର ତହସିଲଦାର, ଅତିରିକ୍ତ ତହସିଲଦାର, ମଣ୍ଡଳ ଉନ୍ନୟନ ଅଧିକାରୀ , ସହକାରୀ ମଣ୍ଡଳ ଉନ୍ନୟନ ଅଧିକାରୀ, ପୁଲିସ ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ ଏବଂ ବିଭିନ୍ନ ବ୍ଲକ୍ ସ୍ତରୀୟ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।ଯବକ୍ତାମାନେ ବନ୍ଧକ ଶ୍ରମ ଓ ମାନବ ଚାଲାଣ ଭଳି ସଙ୍ଗୀନ ସାମାଜିକ ଅପରାଧର ପ୍ରଭାବଶାଳୀ ନିରାକରଣ ପାଇଁ ସମସ୍ତ ବିଭାଗ ମଧ୍ୟରେ ସୁଦୃଢ଼ ସମନ୍ୱୟ, ତ୍ୱରିତ ପଦକ୍ଷେପ ଏବଂ ପୀଡ଼ିତମାନଙ୍କ ପୁନର୍ବାସ ଓ ଜୀବିକା ସୁଦୃଢ଼ୀକରଣ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ।



# ବାପୁଜୀ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ

ଛେଣ୍ଡିପଦା,୧୪।୯ :(ମନ୍ଥନ) ଛେଣ୍ଡିପଦା ବାପୁଜୀ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।



ଅବସରପ୍ରାପ୍ତ ଅଧକ୍ଷ ଲୋକନାଥ ସାହୁଙ୍କ ସଭାପତିତ୍ୱରେ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ କମିଟି ଗଠନ ଓ ଉତ୍ସବ ଶାନ୍ତି, ଶୃଙ୍ଖଳା, ଆକର୍ଷଣୀୟ ଓ ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗ ପାଇଁ ଆଲୋଚନା କରାଯାଇଥିଲା। ସର୍ବ ପ୍ରଥମେ ବାପୁଜି ମହାବିଦ୍ୟାଳୟର ପ୍ରତଷ୍ଠାତା ଶ୍ରୀଯୁକ୍ତ ବାଳକୃଷ୍ଣ ପଟ୍ଟନାୟକ ତଥା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସ୍ଥାନୀୟ ବିଧାୟକ ଅଗସ୍ତି ବେହେରାଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯିବ ସହିତ କଲେଜର ଦିମ୍ବଙ୍ଗତ ପରଲୋକରେ ତାଙ୍କର ଆତ୍ମର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ବିଧାୟକ ଅଗସ୍ତି ବେହେରାଙ୍କୁ ସର୍ବସମ୍ମତିକ୍ରମେ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି, ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନଙ୍କୁ ଉପସଭାପତି, ଗୋପବନ୍ଧୁ ଗଡନାୟକ ଓ ତ୍ରିଲୋଚନ ବେହେରାଙ୍କୁ ସାଧାରଣ ସମ୍ପାଦକ, ଉମାକାନ୍ତ ପ୍ରଧାନଙ୍କୁ ସହସମ୍ପାଦକ, କୋଷାଧ୍ୟକ୍ଷ ଭାବେ ତ୍ରିବେଣୀ ସାହୁ ଓ କେଶବାନନ୍ଦ ସାହୁଙ୍କୁ ମନୋନୀତ କରାଯାଇଥିଲା। କମିଟିର ପରାମର୍ଶଦାତା ଭାବେ ମହାବିଦ୍ୟାଳୟ ଅଧକ୍ଷ ଧର୍ମରାଜ ତ୍ରିପାଠୀ ଓ ପୂର୍ବତନ ଅଧକ୍ଷ ଲୋକନାଥ ସାହୁଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକାରୀ କମିଟି ସଦସ୍ୟଭାବେ ମହାବିଦ୍ୟାଳୟର ପୂର୍ବତନ ଅଧାପକ ଅକ୍ଷୟ କୁମାର ପଣ୍ଡା, ବୁଢାପାଳ ମହାବିଦ୍ୟାଳୟ ଅଧାପକ ଭୋଳେଶ୍ୱର ପ୍ରଧାନ, ସରପଞ୍ଚ ଛେଣ୍ଡିପଦା ସୁଦୀପ କୁମାର ପ୍ରଧାନ , ଦିପକ କୁମାର ସାହୁଙ୍କୁ ମନୋନୀତ କରାଯାଇଥିବା ବେଳେ ଆଗାମୀ ବୈଠକରେ କମିଟିର ସଦସ୍ୟ ଓ କର୍ମକର୍ତ୍ତାଙ୍କୁ ସାମିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସୁବର୍ଣ୍ଣ ଜୟନ୍ତୀରେ ଅତିଥି ଚୟନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଉତ୍ସବ ପାଳନ ପାଇଁ ଆବଶ୍ୟକ ନିର୍ମାଣ କାର୍ଯ୍ୟ, ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀଙ୍କୁ ସାମିଲ ପାଇଁ ଆଲୋଚନା କରାଯାଇଥିଲା। ଆଗାମୀ ପ୍ରସ୍ତୁତି ବୈଠକ ଓ ପୂର୍ବତନ ଅଧକ୍ଷ, ପୁର୍ବତନ ଅଧାପକ, କର୍ମଚାରୀଙ୍କ ସହ ଯୋଗାଯୋଗ ପାଇଁ ସ୍ଥିର କରାଯାଇଛି। ବୈଠକରେ ଶତାଧିକ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



# ଛେଣ୍ଡିପଦା - ଅନୁଗୋଳ ୬୩ ନମ୍ବର ରାଜ୍ୟ ରାଜପଥ ପାଲଟିଛି ମରଣ ଯନ୍ତା

ଛେଣ୍ଡିପଦା,୧୪।୯ :(ମନ୍ଥନ) ଅନୁଗୋଳ ଜିଲ୍ଲା ସଦର ମହକୁମା ଠାରୁ ଦେବଗଡ ଜିଲ୍ଲା କୁ ସଂଯୋଗ କରୁଥିବା ୬୩ ନମ୍ବର ରାଜ୍ୟ ରାଜପଥ ବିଶେଷ କରି ଛେଣ୍ଡିପଦା ଠାରୁ କୋଶଳ। କଙ୍କରେଇ ରାଇ ଝରଣ ମଧ୍ୟରେ ସମ୍ପ୍ରତି ହଜାର ହଜାର ସଂଖ୍ୟକ ଭାରି ଯାନ ସାଙ୍ଗକୁ କୋଇଲା ବୋଝେଇ ଟ୍ରକ ଚଳାଚଳ କରୁଥିବା ଯୋଗୁଁ ମରଣ ଯନ୍ତା ପାଲଟିଛି । ଦିନ ସମୟରେ ନୋ ଏଣ୍ଟ୍ରି କଟକଣା ସତ୍‌ବେ ରାତି ସମୟରେ ଛେଣ୍ଡିପଦା ସ୍ଥିତ ସୀଙ୍ଗରେନି କୋଲ କମ୍ପାନୀ ଲିମିଟେଡ ପରିଚାଳନା ଧିନ ନୟନି କୋଇଲା ଖଣି ଠାରୁ କୋଇଲା ପରିବହନ କରାଯାଉଛି । ମୁଖ୍ୟତଃ ନୟନି କୋଇଲା ଖଣି ମୁଖ୍ୟ ପ୍ରବେଶ ଫାଟକ ( ମେନ୍ ଗେଟ) ଠାରୁ କୁକୁରପେଟା ଜଳସେଚନ ପ୍ରକଳ୍ପ ପର୍ଯ୍ୟନ୍ତ ରାସ୍ତା ଉପରେ ଆଣ୍ଠୁଏ ବହଳ କୋଇଲା ଗୁଣ୍ଡ, ଧୂଳି କାଦୁଅ ମାଟି ପଡ଼ି ରହିଛି। ସେହିପରି କୋଶଳ। ଜଙ୍ଗଲ , ବି ଏସ ଏନ ଏଲ୍ ଟାୱାର ସନ୍ନିକଟ, ରାଇ ଝରଣ୍ କଙ୍କରେଇ ମଧ୍ୟରେ କୋଇଲା ଗୁଣ୍ଡ ମାଟି କାଦୁଅ ରାସ୍ତା ଉପରେ ପଡି ରହୁଛି । ବର୍ଷା ଯୋଗୁଁ ରାସ୍ତା ସମ୍ପୂର୍ଣ୍ଣ କରଦ୍ଧ ମାକ୍ତ ହୋଇପଡିଛି । ଫଳରେ ଦୁଇ ଚକିଆ ଯାନ, ଚାରି ଚକିଆ ଯାନ ବାହାନ ଚଳାଚଳ କରିବା କଷ୍ଟକର ହେଉଛି । ଇତି ମଧ୍ୟରେ ରାତି ସମୟରେ ଅଧିକାଂଶ ଚାରି ଚକିଆ ଯାନ ବାହାନ ଏଥିଯୋଗୁଁ ଚକା ସ୍ଲିପ କରିବା ଯୋଗୁଁ ଦୁର୍ଘଟଣା ଗ୍ରସ୍ତ ହେବା ସହ ରାସ୍ତା କଡକୁ ଫସି ଯାଉଥିବା ଲକ୍ଷ୍ୟ କରାଯାଉଛି । ଅନ୍ୟ ପକ୍ଷରେ କେତେକ ଦୁଇ ଚକିଆ ଯାନ ବାଇକ ଚାଳକ ମଧ ଦୁର୍ଘଟଣାରେ ସମ୍ମୁଖୀନ ହେବା ସହ ଖଣ୍ଡିଆ ଖାବରା ହୋଇଥିବା ଜଣାପଡିଛି । ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ସେହିପରି ରାଇ ଝରଣ ସ୍ଥିତ ଜିନ୍ଦଲ କମ୍ପାନୀ କୋଇଲା ଖଣି ( ଜେ ଏସ ପି ଏଲ) ଏବଂ ମୈତ୍ରୀ କମ୍ପାନୀ ପରିଚାଳନା ଧୀନ ନାଲକୋ କୋଲ ପ୍ରୋଜେକ୍ଟ କୋଇଲା ଖଣି ଭିତରୁ ଏହି ରାସ୍ତା ଦେଇ ପ୍ରତି ଦିନ ନିଜ ନିଜ କମ୍ପାନୀ କୁ ଶହ ଶହ ସଂଖ୍ୟକ କୋଇଲା ବୋଝେଇ ଟ୍ରକ ଚଳାଚଳ କରୁଥିବା ଯୋଗୁଁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି ।ସମ୍ପୃକ୍ତ କମ୍ପାନୀ ପକ୍ଷରୁ ରାସ୍ତା ସଫା ସୁତୁରା କରାଯାଉନଥିବା ଯୋଗୁଁ ସାଧାରଣ ଲୋକ ମାନେ ବିପଦ ସଙ୍କୁଳ ଭାବେ ଯାତାୟତ କରୁଛନ୍ତି । ଏ ଦିଗରେ ରାଜ୍ୟ ରାଜପଥ ବିଭାଗ ଏବଂ କମ୍ପାନୀ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକାର ମୂଳକ ପଦକ୍ଷେପ ନିଆଯାଉ ନଥିବା ଯୋଗୁଁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

# ୫୫ ନମ୍ବର ଜାତୀୟ ରାଜପଥ ପାଲଟିଛି ବୁଲା ଗାଇ ଗୋରୁଙ୍କ ଚରା ଭୁଇଁ ଓ ଆଶ୍ରୟ ସ୍ଥଳୀ

ଛେଣ୍ଡିପଦା,୧୪।୯ :(ମନ୍ଥନ)ଅନୁଗୋଳ ଜିଲ୍ଲା ମଧ ଦେଇ ଯାଇଥିବା କଟକ - ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରତି ପାଲଟିଛି ବୁଲା ଗାଇ ଗୋରୁ ଙ୍କ ଚରା ଭୁଇଁ ସାଙ୍ଗକୁ ଆଶ୍ରୟ ସ୍ଥଳୀ । ବୁଲା ଗାଇ ଗୋରୁ ଦିନ ସମୟରେ ରାସ୍ତା ଡିଭାଇଡର ମଧ୍ୟରେ ଚରା ବୁଲା କରୁଛନ୍ତି । ରାତି ହେଲା ପରେ କଂକ୍ରିଟ ରାସ୍ତା ଉପରେ ଶୋଇ ରହୁଛନ୍ତି। ବିଶେଷ କରି ଏହି ରାସ୍ତାର ଅନୁଗୋଳ ସଦର ଥାନା ନିକଟସ୍ଥ ରନ୍ତଲେଇ ଠାରୁ ଚନ୍ଦ୍ରବହାଳ, ମୂଷା ପାପୁଲି,ବଡ଼ କେରା, ତୁବେ, ମରା ଡିରା , ତୁକୁଡା, ଜରପଡା, ଜେରେଙ୍ଗ, କତଡା ଆଦି ସ୍ଥାନରେ ଦଳବଦ୍ଧ ହୋଇ ଚରା ବୁଲା କରିବା ସହ ରାତି ସମୟରେ ରାସ୍ତା ଉପରେ ଶୋଇ ରହୁଛନ୍ତି । ଫଳରେ ରାତି ଦ୍ରୁତ ଗତିରେ ଯାଉଥିବା ଭାରି ଯାନ ଟ୍ରକ ସମେତ ଅନ୍ୟାନ୍ୟ ଯାନ ବାହାନ ଯୋଗେ ଧକ୍କା ହୋଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଥିଯୋଗୁଁ ପ୍ରାୟ ଗାଇ ଗୋରୁ ମୃତ୍ୟୁ ବରଣ କରୁଛନ୍ତି ଏବଂ ଖଣ୍ଡିଆ ଖାବରା ହେଉଛନ୍ତି । ଜାତୀୟ ରାଜପଥ ବିଭାଗ ଏବଂ ପୋଲିସ ପ୍ରଶାସନ ସର୍ବୋପରି ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ କୌଣସି ପ୍ରତିକାର ମୁଳକ ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଯୋଗୁଁ ଅକାରଣରେ ବହୁ ସଂଖ୍ୟକ ଗାଇ ଗୋରୁ ଙ୍କ ପ୍ରାଣ ହାନୀ ଘଟୁଥିବା ନେଇ ସାଧାରଣରେ ଗଭୀର ଉଦବେଗ ପ୍ରକାଶ ପାଇଛି । ଗୋଟିଏ ପକ୍ଷରେ କେନ୍ଦ୍ର ସରକାର ଗୋ ସମ୍ପଦ ବିକାଶ ଓ ସୁରକ୍ଷା ପାଇଁ ଗୁରୁତ୍ୱ ଦେଉଥିବା ବେଳେ ବ୍ୟାପକ ଜନ ସଚେତନତା ଅଭାବ ସାଙ୍ଗକୁ ବିଭିନ୍ନ କାରଣ ଯୋଗୁଁ ଜାତୀୟ ରାଜପଥ ଚରା ବୁଲା ଗାଇ ଗୋରୁ ଙ୍କ ଆଶ୍ରୟ ସ୍ଥଳୀ ପାଲଟିଛି ।



# ଜେମ୍ସ ସ୍କୁଲରେ ଜ୍ଞାନଦାତା ଶ୍ରୀ ଗଣେଶଙ୍କ ପୂଜା ଉତ୍ସବ

୧୪।୯ :(ମନ୍ଥନ)ବ୍ୟାସନଗର ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାନଙ୍କ ମଧ୍ୟରେ ଗ୍ଲୋରିୟସ ଇଂଲିଶ ମିଡିୟମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ ଅନ୍ୟତମ ଓ ପ୍ରତିବର୍ଷ ପରି ଏ ବର୍ଷ ଆମ ସ୍କୁଲରେ ଜ୍ଞାନଦାତା ଶ୍ରୀଗଣେଶଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏ ବର୍ଷ ପୂଜା ଉତ୍ସବଟି ଖୁବ ଆଡମ୍ବରରେ ପାଳନ କରାଯାଇଅଛି । ଏହି ଉତ୍ସବଟିରେ ସ୍କୁଲ୍ ର ସମସ୍ତ ଛାତ୍ର ଛାତ୍ରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଜ୍ଞାନଦାତା ଗଣେଶଙ୍କ ପୂଜାକର୍ମ ସମ୍ପାଦନ କରାଯାଇଅଛି । ପ୍ରସାଦ ସେବନ ସହ ଏକ ସୁମିଷ୍ଟ ଭୋଜୀର ଆୟୋଜନ କରାଯାଇଥିଲା । ଏହି ଉତ୍ସବରେ ପୂର୍ବ ବର୍ଷର ଛାତ୍ରଛାତ୍ରୀ ଓ ବହୁ ଅଭିଭାବକ ଯୋଗଦାନ କରି ପୂଜା ସହ ଭୋଜିର ଖୁବ ମଜା ନେଇଥିଲେ । ସ୍କୁଲର ସଭାପତି ଶ୍ରୀମତୀ ଅସ୍ମିତା ପତି, ସ୍କୁଲର ସେକ୍ରେଟାରୀ ଡକ୍ଟର ଅଭୟ ପତି, ଭାଇସ ପ୍ରିନ୍ସିପାଲ୍ ଶ୍ରୀ. ସରୋଜ କୁମାର ସାହୁ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସାଜସଜ୍ଜାକୁ ଖୁବ୍ ପ୍ରଶଂସା କରିଥିଲେ ।

# ବିଦ୍ୟାଦାତା ଗଜାନନ ଙ୍କ ପୂଜା ମହାସମାହୋରରେ ପାଳିତ

କାକାଟପୁର,୧୪।୯ :(ମନ୍ଥନ)ପବିତ୍ର ଗଣେଶ ଚତୁର୍ଥୀ ଅବସରରେ କାକଟପୁର ଓ ଏହାର ଆଖପାଖ ଅଞ୍ଚଳ ପୁରପଲ୍ଲୀ ରେ ବିଘ୍ନ ବିନାଶନ ପୂଜା ମହା ସରୋହରେ ପାଳିତ ହୋଇଯାଇଛି। ବିଭିନ୍ନ ଶିକ୍ଷା ଅନୁଷ୍ଠାନ, ବ୍ୟବସାୟୀ ସଂଘ, କ୍ଲବ୍, ମାନଙ୍କରେ ପୂଜା ମଣ୍ଡପ ଗୁଡ଼ିକୁ ସୁ ଉଚ୍ଚ ତୋରଣ ଆକର୍ଷଣିଆ ଆଲୋକ ମାଳା ମନଲୋଭା ମୁମ୍ବାଇ ମଡେଲ ମୂର୍ତ୍ତି ମାନ ପ୍ରତିଷ୍ଠା କରାଯାଇ ଗଜାନନ ଙ୍କ ପୂଜାର୍ଚ୍ଚନା କରାଯାଇଛି। ସେହିପରି କାକଟପୁର ର ସର୍ବପୁରାତନ ବଜାର, ଗଣେଶ ବଜାର ବ୍ୟବସାୟୀ ସଙ୍ଘ ତରଫରୁ ଗଜାନନ ଙ୍କ ପୂଜା କାହିଁ କେତେକାଳ ରୁ ହୋଇଆସୁଥିବା ବେଳେ ଏହି ବର୍ଷ ମଧ ବହୁଆଡମ୍ବର ରେ ସମ୍ପୂର୍ଣ ନୀତିକାନ୍ତି ସହ ପୂଜା କରାଯାଇଛି ।ପ୍ରତ୍ୟହ ଖେଚୁଡ଼ି, ପଣା ଭୋଗ ଲାଗି କରାଯାଉଥିବା ବେଳେ ରାତ୍ର ରେ ପଣା ଭୋଗ କରାଯାଇ ପହୁଡ଼ ପଡିବାର ନୀତି ରହିଛି । ସନ୍ଧ୍ୟା ରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ବ୍ୟବସାୟୀ ସଙ୍ଘ ର କର୍ମକର୍ତ୍ତା ଜଣାଇଛନ୍ତି । ଓଡ଼ିଆ ସଂସ୍କୃତି ର ପରିଚାୟକ ଭାବେ ଲୁପ୍ତପ୍ରାୟ, ପାଲା, ଘୋଡାନାଚ, ଭଜନ ପରିବେଷଣ ଇତ୍ୟାଦି ଗଣେଶ ବଜାର ବ୍ୟବସାୟୀ ସଙ୍ଘ ର ମୁଖ୍ୟ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଅନ୍ୟାନ୍ୟ ଅନୁଷ୍ଠାନ ସାଜସଜ୍ଜା ରେ ଅଧିକ ପ୍ରାଧାନ୍ୟ ଦେଖିବାକୁ ମିଳିଥିଲା । ଅନ୍ୟ ଅନୁଷ୍ଠାନ ମଧ୍ୟରେ ,ମଙ୍ଗଳା କ୍ରିକେଟ୍ କ୍ଲବ୍, ଟାଉନ କ୍ଲବ୍, ମେଡିକାଲ ବଜାର ଓ ଚନ୍ଦନ ବଜାର ବ୍ୟବସାୟୀ ସଙ୍ଘ ରେ ପୂଜା ଧୁମ୍ ଧାମ ରେ ପାଳନ ଚାଲିଛି ।ଏହା ବ୍ୟତୀତ କାକଟପୁର ସରକାରୀ ବିଦ୍ୟାଳୟ, ରାମକୃଷ୍ଣ ଶିଶୁମନ୍ଦିର, ସରସ୍ୱତୀ ଶିଶୁମନ୍ଦିର, କେବିଏମ କିଡ଼ ସ୍କୁଲ, ଜାହାନ ପବ୍ଲିକ ସ୍କୁଲ, ଜାଭିଅର ଆଦି ଶିକ୍ଷାନୁଷ୍ଠାନ ମାନଙ୍କ ରେ ପିଲାମାନଙ୍କ ଦ୍ୱାରା ମଙ୍ଗଳମୂର୍ତ୍ତି ବିଦ୍ୟାଦାତା ଗଜାନନ ଙ୍କ ପୂଜା ଅତି ଧୂମଧାମ ରେ ପାଳନ କରାଯାଇଛି ।



# ହାଇୱା ଗାଡି ଡ୍ରାଇଭର କୁ ମାଡ଼ ମାରି ଟଙ୍କା ଲୁଟିନେଲେ ଦୃବୃର୍ତ୍ତ

ଡେଲାଙ୍ଗ,୧୪।୯ :(ମନ୍ଥନ)ଡେଲାଙ୍ଗ ଥାନା ଅନ୍ତର୍ଗତ ବେରବୋଇ ଲେବୁଲ କ୍ରସିଂ ନିକଟରେ ଜଣେ ହାଇୱା ଗାଡି ଡ୍ରାଇଭର କୁ ୩ଜଣ ଦୃବୃର୍ତ୍ତ ମାଡ଼ ମାରି ତାଠାରୁ ୩୮ ହଜ଼ାର ଟଙ୍କା ଲୁଟ କରିଥିବା ନେଇ ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଏସଂକ୍ରାନ୍ତରେ ଡେଲାଙ୍ଗ ଥାନାରେ ୨୭୪/୨୬ରେ ଏକ କେଶ ରୁଜୁ କରାଯାଇଛି। ଏବଂ ପୋଲିସ ତଦନ୍ତ ଚଳାଇଛି । ତେବେ ପ୍ରାପ୍ତ ସୂଚନା ମୁତାବକ ବଳଙ୍ଗା ଥାନା କାଜିସାହି ଅଂଚଳର ମାନସ କୁମାର ବେହେରା ଏକ ହାଇୱା ଗାଡିରେ ଚିପ୍ସ ଅନଲୋଡ଼ କରି ଫେରୁଥିଲେ। ବେରବୋଇ ଲେବୁଲ କ୍ରସିଂ ନିକଟରେ ରାତି ୧୦ଟା ସମୟରେ ୩ଜଣ ଯୁବକ ଗାଡିକୁ ଅଟକାଇ ଗାଡି ଡ୍ରାଇଭର କୁ ଟାଣି ଆଣି ପ୍ରଥମେ ମାଡ଼ ମାରିଥିଲେ । ସେ ତଳେ ପଡିଯିବା ପରେ ବିଧା ଗୋଇଠା ମାରି ଲହୁ ଲୁହାଣ କରିଥିଲେ। ପ୍ୟାଣ୍ଟ ପକେଟରେ ଥିବା ୩୮ ହଜ଼ାର ଟଙ୍କାକୁ ଛଡାଇ ନେଇ ଏକ ସ୍କୁଟି ଗାଡ଼ିରେ ପଳାଇଥିବା ନେଇ ମାନସ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଡେଲାଙ୍ଗ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ପୋଲିସ ଠାରୁ ସୂଚନା ମିଳିଛି।

# ସମ୍ବାଦିକମାନଙ୍କ ବିରୁଦ୍ଧରେ ଭୁଲ ମନ୍ତବ୍ୟ, ଥାନାରେ ମାମଲା ରୁଜୁ

କୋଇଡ଼ା,୧୪।୯ :(ମନ୍ଥନ)ସମ୍ବାଦିକମାନଙ୍କୁ ନେଇ ସୋସିଆଲ ମିଡିଆରେ ନିଜକୁ ସମାଜସେବୀ ବୋଲାଉ ଥିବା ସହଦେବ ବେହେରା ନାମକ ଜଣେ ବ୍ୟକ୍ତି ନିଜ ଫେସବୁକ ଏକାଉଣ୍ଟରେ ଅପମାନ ଜନକ ମନ୍ତବ୍ୟକୁ ନେଇ ଅସନ୍ତୋଷ ଦେଖାଦେଇଛି। ସୂଚନା ଥାଉ କି ଗତ ଶନିବାର ଏକ ଘରୋଇ କାରଖାନାରେ ଦୃଘଟଣା ହୋଇଥିଲା କ୍ଷ ଦୃଘଟଣାର କୌଣସି ସତ୍ୟା ସତ୍ୟ ନ ଜାଣି ମିଥ୍ୟା ପ୍ରଚାର କରିବା ସହ ତତକ୍ଷଣାତ କାହିଁକି କୌଣସି ଖବର ପ୍ରସାରଣ ହେଲା ନାହିଁ, ଏହାକୁ ନେଇ ବାବୁ ରାଗିଯାଇଥିଲେ କ୍ଷ ଦୃଘଟଣାର ପର ଦିନର ସମ୍ବାଦପତ୍ର କୁ ଅପେକ୍ଷା ନକରି ସାମ୍ବାଦିକ ମାନେ ବିକ୍ରି ହୋଇଯାଇଛନ୍ତି, ମୁଣ୍ଡ ବିକିଦେଇଛନ୍ତି, ମାସିକିଆ ବଟି ନେଉଛନ୍ତି ଭଳି ଅପମାନ ଜନକ ମନ୍ତବ୍ୟ ଭିଡିଓ ମାଧ୍ୟମରେ ପ୍ରଚାର କରିଥିଲେ କ୍ଷ ଏହାକୁ ନେଇ ସ୍ଥାନୀୟ ସାମ୍ବାଦିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସାମ୍ବାଦିକମାନ ଙ୍କ କହିବା ଅନୁଯାୟୀ, ଗଣମାଧ୍ୟମ ସମାଜର ବିଭିନ୍ନ ସମସ୍ୟା, ଅନିୟମିତତା ଓ ଜନସାଧାରଣଙ୍କ ସମସ୍ୟାକୁ ସାମ୍ନାକୁ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଖବର ପ୍ରକାଶ ପାଇବା ପରେ ଯଦି କୌଣସି ବ୍ୟକ୍ତିଙ୍କର ଆପତ୍ତି ରହେ, ତେବେ ତଥ୍ୟ ଓ ପ୍ରମାଣ ସହିତ ତାହାର ପ୍ରତିବାଦ କରାଯାଇପାରେ। କିନ୍ତୁ ସାମ୍ବାଦିକଙ୍କୁ ନେଇ ଭିତ୍ତିହୀନ ମନ୍ତବ୍ୟ କରିବା ଗଣମାଧ୍ୟମର ସ୍ୱାଧୀନତା ଓ ସାମ୍ବାଦିକଙ୍କ ସମ୍ମାନକୁ ପ୍ରଭାବିତ କରିପାରେ ବୋଲି ସେମାନେ କହିଛନ୍ତି ।ଏହି ଘଟଣାକୁ ନେଇ ସ୍ଥାନୀୟ ସାମ୍ବାଦିକ ମାନେ କୋଇଡା ଥାନାରେ ଲିଖିତ ଅଭିଯୋଗ ଜଣାଇଛନ୍ତି କ୍ଷ ଘଟଣାକୁ ନେଇ ଆବଶ୍ୟକ ପଦକ୍ଷେପ ନିଆଯିବା ସହିତ ଭବିଷ୍ୟତରେ ସାମ୍ବାଦିକ ଓ ଗଣମାଧ୍ୟମକୁ ନେଇ ଏଭଳି ଭିତ୍ତିହୀନ ମନ୍ତବ୍ୟ ନଦେବାକୁ ସାମ୍ବାଦିକ ମହଲ ପକ୍ଷରୁ ଦାବି କରାଯାଇଛି।



# ବୁଗୁଡ଼ା ଅଞ୍ଚଳରେ ଧୂମଧାମରେ ଗଣେଶ ପୂଜା ଅନୁଷ୍ଠିତ

ବୁଗୁଡା : ତା ୧୪/୦୯/୨୬ : ଏ ବର୍ଷ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜା ଜାକଜମକରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର , ନିୟୁ ଏରା ପବ୍ଲିକ୍ ? ସ୍କଲ, ସାଇ ସରସ୍ୱତୀ ଶିଶୁ ମନ୍ଦିର, ପିପୁଲ୍ସ ହାଇସ୍କୁଲ ଓ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ସମେତ ବିଭିନ୍ନ ସ୍କୁଲ ,କଲେଜ ଓ କୋଚିଂ ସେଣ୍ଟରରେ ଉତ୍ସାହର ସହବିଦ୍ୟାଦାତା ଶ୍ରୀ ଗଣେଶଙ୍କ ପୂଜା ଉତ୍ସବ ଅନୁଷ୍ଠିତହୋଇଯାଇଛି । ଏଥି ସହ ବୁଗୁଡା ସହରାଞ୍ଚଳର ଗଣେଶ

ମାର୍କେଟ୍ କମ୍ପ୍ଲେକ୍ସ, ଅରବିନ୍ଦ ନଗର ,ପ୍ରେମଚାନ୍ଦ ନଗର, ପୁରୁଣା ବସଷ୍ଟାଣ୍ଡ , ଯାଦବ ସାହି, ବଡଦାଣ୍ଡ ସାହି, ଶକ୍ତିନଗର, ବେତାରସିଂ ରୋଡ ସାହି, ଅର୍ଣ୍ଣପୂର୍ଣ୍ଣା ନଗର , ବେଙ୍ଗେଇ ବନ୍ଧ ସାହି , ଗଣ୍ଡାମଞ୍ଜି ସାହି, ବାଲିପିଣ୍ଡି ସାହି, ଖଦାଳ ସାହି ଏବଂ ଗ୍ରାମାଞ୍ଚଳର ଗୋଲିଆ, ବାଦୁଆ, ବାଲିପଦର , ପଙ୍କଲବାଡି ସମେତ ବିଭିନ୍ନ ଗ୍ରାମରେ ବିଘ୍ନରାଜଙ୍କ ପୂଜା ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟା ସମୟରେ ବିଭିନ୍ନ ମେଢ ନିକଟରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା ।

# ସେବା ସଙ୍କଳ୍ପ ଅଭିଯାନ ପାଳନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୧୪।୯ :ରାଜ୍ୟ ସରକାର ତଥା ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲାରେ ଆସନ୍ତା ୧୭ ସେପ୍ଟେମ୍ବର ଠାରୁ ୧୭ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ 'ସେବା ସଂକଳ୍ପ ଅଭିଯାନ' ପାଳନ ଉପଲକ୍ଷେ ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସେବା ସଂକଳ୍ପ ଅଭିଯାନ ପାଳନ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ତଥା ସୁପରିଚାଳନା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ବିଭିନ୍ନ କାର୍ଯ୍ୟକ୍ରମ ଯଥା ଆଶୀର୍ବାଦର ଦୀପ, ସ୍ୱପ୍ନର ଭାରତ, ଚିତ୍ରାଙ୍କନ ଓ ଭାଷଣ ପ୍ରତିଯୋଗିତା, ପଥପ୍ରାନ୍ତ ନାଟକ, ଆଙ୍ଗନ ବା ଉତ୍ସବ, ପରିବର୍ତ୍ତନର କାହାଣୀ, ବିକଶିତ ଭାରତ ସଂକଳ୍ପ ଯାତ୍ରା, ସେବାଜ୍ୟୋତି କଳସ ଯାତ୍ରା, ରଙ୍ଗୋଲି ରାଷ୍ଟ୍ର, ସେବାରେ ମୋର ଯୋଗଦାନ, ରାଷ୍ଟ୍ରୀୟ ନବ ସୃଜନର ଆହ୍ୱାନ, ସେବା ସେତୁ ଅଭିଯାନ ପ୍ରଭୃତି କାର୍ଯ୍ୟକ୍ରମ ଗୁଡିକରେ ସ୍ଥାନୀୟ ସାଂସଦ, ବିଧାୟକ, ଅନ୍ୟାନ୍ୟ ଜନ ପ୍ରତିନିଧି ଓ ଜନ ସାଧାରଣଙ୍କୁ ସାମିଲ କରାଯାଇ ଆୟୋଜନ କରିବା ସହ କାର୍ଯ୍ୟକ୍ରମର ଅଧିକ ଲୋକପ୍ରିୟତା ଓ ପ୍ରଚାର ପ୍ରସାର ପାଇଁ ସୋସିଆଲ ଇନଫ୍ଲୁଏନ୍ସର ମାନଙ୍କୁ ସାମିଲ କରାଇ ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏହାର ପ୍ରଚାର ପ୍ରସାର କରିବା ଉପରେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେବାକୁ ବିଷଦ ଭାବେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ନୋଡାଲ ଅଫିସର ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ସମସ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଳ୍ପ ଅଧିକାରୀ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ସରିଲା ଗଣେଶ ପୂଜା

ଖଣ୍ଡପଡା, ୧୪ଛ୯ (ନିପ୍ର): ଖଣ୍ଡପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ମହାସମାରୋହରେ ସରିଛି ଗଣେଶ ପୂଜା। ପବିତ୍ର ଗଣେଶ ଚତୁର୍ଥୀରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଘ୍ନ ବିନାଶକ ପ୍ରଭୁ ଗଣେଶଙ୍କର ପୂଜା ସମାପ୍ତ ହୋଇଛି। ଖଣ୍ଡପଡା ସହରାଞ୍ଚଳରେ ପ୍ରଭୁ ଗଣେଶଙ୍କ ପୂଜା ବେଶଧୁମଧାମରେ ପାଳନ କରିଛନ୍ତି ସ୍ଥାନୀୟ ଯୁବଗୋଷ୍ଠୀ। ସାମନ୍ତ ଛକରେ ୨୦୧୮ ବ୍ୟାଚ ଛାତ୍ରଛାତ୍ରୀ ଏବଂ ଟେନଷ୍ଟାର କ୍ଲବ ପକ୍ଷରୁ ଆୟୋଜିତ ଗଣେଶ ପୂଜା ମେଢ ଦେଖିବାକୁ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଭିଡ ପରିଲକ୍ଷିତ ହୋଇଥିଲା। ଗ୍ରାମାଞ୍ଚଳରେ ବିଭିନ୍ନ କ୍ଲବ ଘର ତଥା ସାହି ଗୁଡିକରେ ସକାଳୁ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଚଳିତବର୍ଷ ବେଶ ଜାକଜକମର ସହ ପାଳନ କରାଯାଇଥିଲା। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ଛାତ୍ରଛାତ୍ରୀଙ୍କ ଗହଣରେ ଗଣେଶ ପୂଜା ପାଳନ କରାଯାଇଥିଲା। ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନେ ସକାଳୁ ନୂଆ ବସ୍ତ୍ର ପରିଧାନ ପୂର୍ବକ ପୂଜା ସାମଗ୍ରୀ ନେଇ ବିଦ୍ୟାଳୟରେ ଗଣେଶ ଚତୁର୍ଥୀ ପାଳନ କରିଥିଲେ। ଏଥିସହିତ ବ୍ଲକ ଅଞ୍ଚଳରେ ବହୁ ବ୍ୟବସାୟ ପ୍ରତିଷ୍ଠାନରେ ବିନାୟକଙ୍କର ପୂଜା ସହ ନୂତନ ଘର ପ୍ରତିଷ୍ଠା ଭଳି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।



# ବିଦ୍ୟାଳୟରେ ସମାଜସେବୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ପିପିଲି,୧୪।୯ :(ମନ୍ଥନ)ପିପିଲି ସେଣ୍ଟ ଜାଭିଅର ହାଇ ସ୍କୁଲ ପରିସରରେ ସମାଜସେବୀ ଶଶୀଶେଖର ମିଶ୍ର ଙ୍କ ପ୍ରତିମୂର୍ତ୍ତି ଉନ୍‌ମୋଚନ କରାଯାଇଛି । ପିପିଲି ତଥା ଆଖ ପାଖ ଅଂଚଳରେ ସମାଜସେବୀ ଭାବେ ଜଣାଶୁଣା ଥିବାବେଳେ ଶିକ୍ଷା ର ବିକାଶ ଦିଗରେ ଅନେକ କାମ କରି ସୁନାମ ଅର୍ଜନ କରିଥିଲେ ।ସ୍ୱର୍ଗତ ଶଶୀ ଶେଖର ମିଶ୍ର ଶିକ୍ଷା କ୍ଷେତ୍ରରେ ବିକାଶ ର ଲକ୍ଷ ପୂରଣ ପୂର୍ବରୁ ତାଙ୍କର ଅକାଳ ବିୟୋଗ ହୋଇଥିଲା। ତାଙ୍କର ପୁତ୍ର ଅଜୟ ମିଶ୍ର ପିତାଙ୍କ ସ୍ମୃତିରେ ସେଣ୍ଟ ଜାଭିଅର ହାଇସ୍କୁଲରେ ପ୍ରତିମୃତ୍ତି ପ୍ରତିଷ୍ଠା କରି ପିତାଙ୍କ ସ୍ୱପ୍ନ କୁ ପୂରଣ କରିଛନ୍ତି । ଗଣେଶ ପୂଜା ତିଥି ଅବସରରେ ବିଧିମୁତାବକ ସେହି ପୁଣ୍ୟାତ୍ମା ଙ୍କ ପ୍ରତିମୂର୍ତ୍ତି ବିଦ୍ୟାଳୟ ପରିସରରେ ଉନ୍ମୋଚନ କରାଯାଇଛି। ଶିକ୍ଷାବିତ ହୃଦାନନ୍ଦ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରତିମୃତି ଉନ୍‌ମୋଚନ କରିଥିଲେ। ସ୍ୱର୍ଗତ ଶଶୀ ଶେଖର ମିଶ୍ର ଙ୍କ ଅଂଚଳ ପ୍ରତି ଥିବା ଅବଦାନ ର ସ୍ମୃତିକୁ ମନେ ପକାଇଥିଲେ। ଏହି କାର୍ଯ୍ୟକ୍ରମ ରେ ବଡ଼ ପୁଅ ସଞ୍ଜୟ ମିଶ୍ର, ଶିକ୍ଷାବିତ ବିଜନ ମିଶ୍ର, ପୁତ୍ର ଅଜୟ ମିଶ୍ର, ପୁତ୍ର ବଧୂ ତଥା ବିଦ୍ୟାଳୟ ଅଧକ୍ଷା ସିମିତା ମିଶ୍ର, ଉପାଧାକ୍ଷା ଆଭାରଣୀ ପଣ୍ଡା ଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ ।

# ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚନ୍ଦ ଓ ରାଜୀବ କୁମାର ପରିଡ଼ାଙ୍କୁ ପିସିସିରେ ନୂତନ ନିଯୁକ୍ତି ପାଇଁ ଜଳେଶ୍ୱର କଂଗ୍ରେସର ଅଭିନନ୍ଦନ ଓ ସମ୍ବର୍ଦ୍ଧନା

ଜଳେଶ୍ୱର,୧୪।୯ :(ମନ୍ଥନ) ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନୂତନ ସାଂଗଠନିକ ଦାୟିତ୍ୱ ପାଇଥିବା ସାଧାରଣ ସମ୍ପାଦକ ଶ୍ରୀ ଦେବୀପ୍ରସନ୍ନ ଚନ୍ଦ ଓ ସମ୍ପାଦକ ଶ୍ରୀ ରାଜୀବ କୁମାର ପରିଡ଼ାଙ୍କୁ ଜଳେଶ୍ୱର କଂଗ୍ରେସ ପରିବାର ପକ୍ଷରୁ ଗତକାଲି ଭଞ୍ଜ ଭବନଠାରେ ଭବ୍ୟ ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଜଣାଯାଇଛି ।ଏହି ଅବସରରେ ଜଳେଶ୍ୱର କଂଗ୍ରେସର ନେତୃବୃନ୍ଦ, ପଦାଧିକାରୀ, ଯୁବ ଓ ମହିଳା ନେତୃତ୍ୱ, କର୍ମକର୍ତ୍ତା ଓ ବହୁ ସଂଖ୍ୟକ କର୍ମୀ ଉପସ୍ଥିତ ରହି ଉଭୟ ନେତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇଥିଲେ ।ଏହି ଆତ୍ମୀୟ ସମ୍ବର୍ଦ୍ଧନା ପାଇଁ ଶ୍ରୀ ଦେବୀପ୍ରସନ୍ନ ଚନ୍ଦ ଓ ଶ୍ରୀ ରାଜୀବ କୁମାର ପରିଡ଼ା ଜଳେଶ୍ୱର କଂଗ୍ରେସର ସମସ୍ତ ନେତୃବୃନ୍ଦ, ପଦାଧିକାରୀ, କର୍ମକର୍ତ୍ତା, ଯୁବ ସାଥୀ, ମହିଳା କର୍ମୀ, କଂଗ୍ରେସ କର୍ମୀ ଓ ଶୁଭେଚ୍ଛୁମାନଙ୍କୁ ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି ।ନୂତନ ଦାୟିତ୍ୱ ପ୍ରଦାନ କରି ଆସ୍ଥା ପ୍ରକାଶ କରିଥିବା କଂଗ୍ରେସର ଜାତୀୟ ଓ ରାଜ୍ୟ ନେତୃତ୍ୱଙ୍କୁ ମଧ୍ୟ ଉଭୟ ନେତା ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି ।ସେମାନେ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ମଲ୍ଲିକାର୍ଜୁନ ଖଡ଼ଗେ, ଶ୍ରୀ ରାହୁଲ ଗାନ୍ଧୀ, ଶ୍ରୀମତୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଶ୍ରୀ କେ.ସି. ବେଣୁଗୋପାଳ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ଭକ୍ତ ଚରଣ ଦାସ, ଶ୍ରୀ ଦେବାଶିଷ ପଟ୍ଟନାୟକ ଓ ଶ୍ରୀ ନବଜ୍ୟୋତି ପଟ୍ଟନାୟକଙ୍କୁ ବିଶେଷ ଭାବେ କୃତଜ୍ଞତା ଜଣାଇଛନ୍ତି ।ଉଭୟ ନେତା କହିଛନ୍ତି ଯେ, ନେତୃତ୍ୱ ଆମ ଉପରେ ଯେଉଁ ବିଶ୍ୱାସ ଓ ଦାୟିତ୍ୱ ଅର୍ପଣ କରିଛନ୍ତି, ତାହାର ମର୍ଯ୍ୟାଦା ରକ୍ଷା କରିବା ଆମର ପ୍ରଥମ କର୍ତ୍ତବ୍ୟ। ସଂଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା, କର୍ମୀମାନଙ୍କୁ ଏକାଠି କରିବା ଏବଂ ଜନସାଧାରଣଙ୍କ ସ୍ୱାର୍ଥ ଓ ଅଧିକାର ପାଇଁ ନିଷ୍ଠାର ସହିତ କାର୍ଯ୍ୟ କରିବା ସେମାନଙ୍କର ପ୍ରାଥମିକତା ରହିବ ।ସେମାନେ ଆହୁରି କହିଛନ୍ତି ଯେ, ଜଳେଶ୍ୱର କଂଗ୍ରେସର ପ୍ରତ୍ୟେକ କର୍ମୀ ହେଉଛନ୍ତି ସଂଗଠନର ଶକ୍ତି। ସମସ୍ତଙ୍କ ସହଯୋଗ, ସ୍ନେହ ଓ ବିଶ୍ୱାସକୁ ସାଥୀ କରି ଆଗାମୀ ଦିନରେ କଂଗ୍ରେସ ସଂଗଠନକୁ ଆହୁରି ଶକ୍ତିଶାଳୀ କରାଯିବ ।ଏହି ସମ୍ବର୍ଦ୍ଧନା ସଭାରେ ସତ୍ୟସୁନ୍ଦର ଦାସ, ଏସ୍ ?.କେ. ଫରିଦ୍ ଅହମ୍ମଦ,ପର୍ଯ୍ୟବେକ୍ଷକ ମଧୁସୂଦନ ଦାସ, ସପନ ରାଉତ (ଯୁବ କଂଗ୍ରେସ ସଭାପତି, ଜଳେଶ୍ୱର ବ୍ଲକ୍), ଗିରିଜା ଶଙ୍କର ଦାସ, ହରି ଶଙ୍କର ଜେନା, ମଞ୍ଜୁଶ୍ରୀ ପଣ୍ଡା (ମହିଳା ନେତ୍ରୀ), କଳ୍ପନା ରାଉଳ, ରିତାରାଣୀ ରାଉଳ, ଗୌରାଙ୍ଗ ମହାପାତ୍ର, ସତ୍ୟରଞ୍ଜନ ବର୍ଷାଳ, କାର୍ତ୍ତିକ ବାଗ, ରବୀନ୍ଦ୍ର ଜେନା, ବଳରାମ ଘୋଷ, ବଳରାମ ଜେନା, ଭଗବାନ ଜେନା, ସପନ କୁମାର ଜେନା, ନୟନ କୁମାର ପାଠୀ, ସନ୍ଦୀପ କୁମାର ଜେନା, ମଦନ ପାତ୍ର, ହିମାଂଶୁ ରାଉଳ, ଜଗନ୍ନାଥ ରାଉଳ, ମନୋଜ ପରିଡ଼ା, ସୁଜୟ କୁମାର ଦାସ ଓ ଅଙ୍କିତ କୁମାର ପରିଡ଼ାଙ୍କ ସମେତ ବହୁ ସଂଖ୍ୟକ କଂଗ୍ରେସ ନେତା, ପଦାଧିକାରୀ, ଯୁବ ଓ ମହିଳା କର୍ମୀ ଏବଂ ଶୁଭେଚ୍ଛୁ ଉପସ୍ଥିତ ଥିଲେ ।ଶେଷରେ ଶ୍ରୀ ଦେବୀପ୍ରସନ୍ନ ଚନ୍ଦ ଓ ଶ୍ରୀ ରାଜୀବ କୁମାର ପରିଡ଼ା ସମସ୍ତଙ୍କର ସ୍ନେହ, ଆଶୀର୍ବାଦ, ସହଯୋଗ ଓ ବିଶ୍ୱାସ ଆଗାମୀ ଦିନରେ ମଧ୍ୟ ଅତୁଟ ରହୁ ବୋଲି କାମନା କରିବା ସହିତ ସମସ୍ତଙ୍କୁ ଅଶେଷ ଧନ୍ୟବାଦ ଜଣାଇଥିଲେ।

# ସୁନାମଧନ୍ୟ କଣ୍ଠଶିଳ୍ପୀ ଦିବାକର ମହାନ୍ତି ଅସୁସ୍ଥ

କେନ୍ଦ୍ରାପଡ଼ା,୧୪।୯ :(ମନ୍ଥନ)ଜନ୍ମୋତ୍ସବ ଭଜନ ସମାରୋହ ପରିଷଦ ସଦସ୍ୟ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ତଥା କେନ୍ଦ୍ରାପଡ଼ା ମାଟିର ସୁଯୋଗ୍ୟ ସନ୍ତାନ ଦିବାକର ମହାନ୍ତିଙ୍କୁ ବଳଦେବଜୀଉଙ୍କ ସେବକ ଜନ୍ମୋତ୍ସବ ଭଜନ ସମାରୋହ ପରିଷଦ ସଭାପତି ତଥା ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା, ସଦସ୍ୟ ସଞ୍ଜୟ କୁମାର ସେନାପତି(କୁନା), ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ଭୁବନେଶ୍ୱରସ୍ଥିତ ବାସଭବନରେ ଭେଟି ଶ୍ରୀଜୀଉଙ୍କ ଅଙ୍ଗବସ୍ତ୍ର ଓ ମହାପ୍ରସାଦ ତାଙ୍କୁ ପ୍ରଦାନ କରିଥିଲେ। ଏଥିସହିତ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ନିକଟରେ ତାଙ୍କର ଆଶୁ ଆରୋଗ୍ୟ ମଧ କାମନା କରିଥିଲେ। ପାଖରେ ତାଙ୍କ ସୁପୁତ୍ର ଏବଂ କନ୍ୟା ଉପସ୍ଥିତ ଥିଲେ। ଶ୍ରୀ ମହାନ୍ତି ଶ୍ରୀବଳଦେବଜୀଉଙ୍କ ଭଜନ ଗାଇବା ସହ ତାଙ୍କ କଣ୍ଠରୁ ବହୁ ହୃଦୟ ସ୍ପର୍ଶୀ ଗୀତ ଓଡ଼ିଶା ବାସୀଙ୍କ ମନ ଛୁଇଁ ପାରୁଥିଲା। ଓଡ଼ିଶା ସଙ୍ଗୀତ ଜଗତର ଆଗ ଧାଡ଼ିର ଜଣେ କଣ୍ଠଶିଳ୍ପୀ ଭାବେ ସେ ପରିଚିତ।

ମଙ୍ଗଳବାର ୧୫ ସେପ୍ଟେମ୍ବର, ୨୦୨୬, ଭୁବନେଶ୍ୱର

Tuesday September 15 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ନୂଆଖାଇର ବାର୍ତ୍ତା

ନୂଆଖାଇ ଓଡିଶାର ମାଟି ଓ ମଣିଷର ହୃଦୟ ସହିତ ଗଭୀର ଭାବେ ଜଡିତ ଏକ ମହାନ କୃଷିଭିତିକ ପର୍ବ। ଏହା କେବଳ ନୂଆ ଅନ୍ନ ଖାଇବାର ଏକ ପାରମ୍ପରିକ ଦିନ ନୁହେଁ, ଏହା ହେଉଛି ଚାଷୀର ଘାମକୁ ସମ୍ମାନ, ମାଟିର ମମତାକୁ ପ୍ରଣାମ, ପ୍ରକୃତିର ଅବଦାନକୁ ସ୍ୱୀକାର ଏବଂ ପରିବାର-ସମାଜର ସମ୍ପର୍କକୁ ଆହରି ଦୃଢ କରିବାର ଏକ ପବିତ୍ର ଅବସର। ବିଶେଷତଃ ପଶ୍ଚିମ ଓଡିଶାର ଜନଜୀବନରେ ନୂଆଖାଇର ମହତ୍ୱ ଅତ୍ୟନ୍ତ ଗଭୀର ଓ ବ୍ୟାପକ । ବର୍ଷସାରା ଚାଷୀ ଯେଉଁ ମାଟିକୁ ନିଜ ଶ୍ରମ ଓ ଘାମରେ ସିଂଚିଥାଏ ଯେଉଁ ବିହନକୁ ଆଶାର ସହିତ ମାଟିରେ ପୋତିଥାଏ ଏବଂ ଯେଉଁ ଫସଲକୁ ବର୍ଷା, ଖରା, ରୋଗବାଲାଇ ଓ ପ୍ରାକୃତିକ ବିପର୍ଯ୍ୟାୟ ମଧ୍ୟରେ ଯତ୍ନରେ ବଢାଇଥାଏ, ନୂଆଖାଇ ସେହି ଅକ୍ଲାନ୍ତ ପରିଶ୍ରମର ଫଳକୁ ଆନନ୍ଦର ସହିତ ସ୍ୱୀକାର କରିବାର ମୁହୂର୍ତ୍ତ। 'ନୂଆ' ଅର୍ଥ ନବୀନ ଏବଂ 'ଖାଇ' ଅର୍ଥ ଭୋଜନ କରିବା, ତେଣୁ ନୂଆଖାଇର ମୂଳ ଅର୍ଥ ହେଉଛି ନୂଆ ଫସଲର ପ୍ରଥମ ଅନ୍ନକୁ ଦେବଦେବୀଙ୍କୁ ଅର୍ପଣ କରିବା ପରେ ଶ୍ରଦ୍ଧା ଓ କୃତଜ୍ଞତାର ସହିତ ଗ୍ରହଣ କରିବା। ଏହି ପରମ୍ପରା ମଧ୍ୟରେ ଆମ ପୂର୍ବଜମାନଙ୍କର ପ୍ରକୃତିପ୍ରେମ ଓ ଅନ୍ନ ପ୍ରତି ଶ୍ରଦ୍ଧାର ଏକ ମହାନ ଦର୍ଶନ ଲୁଚି ରହିଛି। ନୂଆଖାଇର ପୂର୍ବପ୍ରସ୍ତୁତି ମଧ୍ୟ ଅତ୍ୟନ୍ତ ଆନନ୍ଦମୟ। ଘରଦ୍ୱାର ସଫା କରାଯାଏ, ପରିବାରର ସଦସ୍ୟମାନେ ନିଜ ନିଜ କାମରେ ବ୍ୟସ୍ତ ହୋଇଯାଆନ୍ତି, ଘରେ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ ହୁଏ ଏବଂ ପରିବେଶରେ ଏକ ନୂଆ ଉତ୍ସାହର ସଂଚାର ହୁଏ। ଶୁଭ ସମୟରେ ନୂଆ ଧାନରୁ ପ୍ରସ୍ତୁତ ଅନ୍ନ ଓ ଅନ୍ୟାନ୍ୟ ନୈବେଦ୍ୟ ଇଷ୍ଟଦେବତାଙ୍କୁ ସମର୍ପଣ କରାଯାଏ। ଦେବତାଙ୍କୁ ଅର୍ପଣ ପରେ ପରିବାରର ସମସ୍ତେ ନୂଆ ଅନ୍ନ ଗ୍ରହଣ କରନ୍ତି। ଏହି ମୁହୂର୍ତ୍ତରେ ଅନ୍ନର ସ୍ୱାଦଠାରୁ ଅଧିକ ମୂଲ୍ୟବାନ ହୋଇଉଠେ ତାହା ପଛରେ ଥିବା କୃତଜ୍ଞତାର ଭାବ। ଆମ ଥାଳିରେ ଥିବା ପ୍ରତ୍ୟେକ ଦାନା ଚାଉଳ ଆମକୁ ସ୍ମରଣ କରାଏ ଯେ ଖାଦ୍ୟ କେବଳ ବଜାରରୁ ଆସେ ନାହିଁ, ତାହାର ପଛରେ ରହିଛି ମାଟି, ପାଣି, ବାୟୁ, ସୂର୍ଯ୍ୟ, ପ୍ରକୃତି ଏବଂ ଚାଷୀର ଅସୀମ ପରିଶ୍ରମ। ଏହି କାରଣରୁ ନୂଆଖାଇ ଆମକୁ ଅନ୍ନର ମୂଲ୍ୟ ବୁଝାଇବା ସହିତ ତାହାର ଅପଚୟ ନ କରିବାର ଶିକ୍ଷା ମଧ୍ୟ ଦିଏ। ନୂଆଖାଇର ଅନ୍ୟତମ ଅଦ୍ୱିତୀୟ ପରମ୍ପରା ହେଉଛି 'ନୂଆଖାଇ ଭେଟଘାଟ'। ନୂଆ ଅନ୍ନ ଗ୍ରହଣ ପରେ ଲୋକମାନେ ଆତ୍ମୀୟ, ବନ୍ଧୁ ଓ ପରିଚିତମାନଙ୍କ ଘରକୁ ଯାଇ ଶୁଭେଚ୍ଛା ବିନିମୟ କରନ୍ତି, ବଡମାନଙ୍କ ଆଶୀର୍ବାଦ ନିଅନ୍ତି ଏବଂ ପରସ୍ପରଙ୍କ ସୁଖ-ସମୃଦ୍ଧି କାମନା କରନ୍ତି। ପୁରୁଣା ଅଭିମାନ, ମନୋମାଳିନ୍ୟ ଓ ଦୂରତାକୁ ଭୁଲି ନୂଆ ସମ୍ପର୍କର ଆରମ୍ଭ କରିବାର ଏହା ଏକ ସୁନ୍ଦର ସୁଯୋଗ। ଆଜିର ଆଧୁନିକ ଜୀବନରେ ମଣିଷ ଚାକିରି, ବ୍ୟବସାୟ ଓ ଶିକ୍ଷା ପାଇଁ ନିଜ ଜନ୍ମମାଟିଠାରୁ ଦୂରେ ରହୁଥିଲେ ମଧ୍ୟ ନୂଆଖାଇର ଡାକ ତାକୁ ଘରମୁହାଁ କରେ। ଦୂର ସହରରୁ ଗାଁକୁ ଫେରୁଥିବା ମଣିଷର ମନରେ ଯେଉଁ ଆନନ୍ଦ ଓ ଭାବନା ଜାଗେ, ତାହାକୁ କେବଳ ଶବ୍ଦରେ ବର୍ଣ୍ଣନା କରିବା କଷ୍ଟକର। ନିଜ ଘରର ଅଗଣା, ମାଆର ହାତର ଖାଦ୍ୟ, ବାପାଙ୍କ ଆଶୀର୍ବାଦ, ଆତ୍ମୀୟଙ୍କ ସ୍ନେହ ଓ ଗାଁର ପରିଚିତ ପରିବେଶ ତାଙ୍କୁ ନିଜ ମୂଳ ସହିତ ପୁଣିଥରେ ଯୋଡିଦିଏ। ଏହି ଦୃଷ୍ଟିରୁ ନୂଆଖାଇ ହେଉଛି ମାଟିକୁ ଫେରିବାର ଏକ ଭାବନାମୟ ଉତ୍ସବ। ନୂଆଖାଇର ସାଂସ୍କୃତିକ ରୂପ ମଧ୍ୟ ଅତ୍ୟନ୍ତ ଗୌରବମୟ। ପଶ୍ଚିମ ଓଡିଶାର ସମୃଦ୍ଧ ଲୋକସଂସ୍କୃତି, ଲୋକଗୀତ, ଲୋକନୃତ୍ୟ, ବାଦ୍ୟ ଓ ପାରମ୍ପରିକ କଳା ଏହି ପର୍ବର ଆନନ୍ଦକୁ ଆହୁରି ରଙ୍ଗିନ କରେ। ନୂଆଖାଇ କେବଳ ଘରର ଚାରିକାନ୍ଥ ମଧ୍ୟରେ ସୀମିତ ନ ରହି ସମଗ୍ର ସମାଜକୁ ଏକ ଉତ୍ସବମୟ ପରିବେଶରେ ବାନ୍ଧି ଦିଏ। ଏହି ପର୍ବ ଆମକୁ ମନେ ପକାଇ ଦିଏ ଯେ ଓଡିଶାର ସଂସ୍କୃତି କେବଳ ପୁସ୍ତକରେ ଲେଖା କିଛି ଶବ୍ଦ ନୁହେଁ, ଏହା ଆମ ଦୈନନ୍ଦିନ ଜୀବନ, ଆମ ଭାଷା, ଆମ ଖାଦ୍ୟ, ଆମ ଗୀତ, ଆମ ନୃତ୍ୟ ଓ ଆମର ସମ୍ପର୍କରେ ଜୀବନ୍ତ ଅଛି। ନୂଆଖାଇ ଏହି ଜୀବନ୍ତ ସଂସ୍କୃତିର ଏକ ଉଜ୍ଜ୍ୱଳ ପ୍ରତୀକ। ଏହା ସହିତ ନୂଆଖାଇରେ ରହିଛି ଗଭୀର ସାମାଜିକ ଶିକ୍ଷା। ଆଜି ଯେତେବେଳେ ବ୍ୟକ୍ତିକେନ୍ଦ୍ରିକ ଜୀବନଶୈଳୀ ମଣିଷକୁ ଧୀରେ ଧୀରେ ପରସ୍ପରଠାରୁ ଦୂରେଇ ଦେଉଛି, ସେତେବେଳେ ନୂଆଖାଇ ଆମକୁ ଏକତା, ସହଯୋଗ, ଭାଇଚାରା ଓ ପରସ୍ପର ସମ୍ମାନର ମୂଲ୍ୟ ଶିଖା, । ଏହି ପର୍ବର ମୂଳରେ ରହିଛି 'ମୁଁ ନୁହେଁ, ଆମେ'। ମୋ ଘରର ସୁଖ ସହିତ ପଡୋଶୀର ସୁଖ, ମୋ ପରିବାରର ସମୃଦ୍ଧି ସହିତ ସମାଜର ସମୃଦ୍ଧି-ଏହି ବ୍ୟାପକ ଚିନ୍ତାଧାରା ନୂଆଖାଇର ଆତ୍ମା। ଚାଷୀ ହେଉଛି ଏହି ପର୍ବର କେନ୍ଦ୍ରବିନ୍ଦୁ, କାରଣ ତାଙ୍କର ଶ୍ରମ ବିନା ନୂଆ ଅନ୍ନର କଳ୍ପନା ଅସମ୍ଭବ। ତେଣୁ ନୂଆଖାଇ ଆମକୁ ଚାଷୀଙ୍କ ଜୀବନ, ସମସ୍ୟା ଓ ଅବଦାନ ପ୍ରତି ସଚେତନ ହେବାର ଅବସର ଦିଏ। ଯେଉଁ ହାତ ଆମ ପାଇଁ ଅନ୍ନ ଉତ୍ପାଦନ କରେ, ସେହି ହାତକୁ ସମ୍ମାନ ଦେବା ଆମର ନୈତିକ ଦାୟିତ୍ୱ। ନୂଆଖାଇର ଆନନ୍ଦ ସେତେବେଳେ ହିଁ ସାର୍ଥକ ହେବ, ଯେତେବେଳେ ଚାଷୀର ଜୀବନରେ ମଧ୍ୟ ନିରାପତା, ସମ୍ମାନ ଓ ସମୃଦ୍ଧି ଆସିବ। ପ୍ରକୃତି ସହିତ ମଣିଷର ସମ୍ପର୍କର ଏକ ସୁନ୍ଦର ପାଠ ମଧ୍ୟ ନୂଆଖାଇ ଆମକୁ ଦିଏ। ମାଟିକୁ ନଷ୍ଟ କରି, ଜଳକୁ ଅପଚୟ କରି କିମ୍ବା ପରିବେଶକୁ ଦୂଷିତ କରି ଆମେ ଦୀର୍ଘକାଳୀନ ସମୃଦ୍ଧି ପାଇପାରିବୁ ନାହିଁ। ନୂଆ ଅନ୍ନ ପାଇଁ ଯେପରି ଆମେ ପ୍ରକୃତି ପ୍ରତି କୃତଜ୍ଞ ହେଉଛୁ, ସେପରି ତାହାର ସୁରକ୍ଷା ପାଇଁ ମଧ୍ୟ ଆମକୁ ଦାୟିତ୍ୱବାନ ହେବାକୁ ପଡିବ। ଏହି କାରଣରୁ ନୂଆଖାଇର ଶିକ୍ଷା କେବଳ ପରମ୍ପରାରେ ସୀମିତ ନୁହେଁ, ଏହା ଆଜିର ପରିବେଶ ସଚେତନ ସମାଜ ପାଇଁ ମଧ୍ୟ ଅତ୍ୟନ୍ତ ପ୍ରାସଙ୍ଗିକ। ନୂଆଖାଇ ଆମ ଅତୀତର ସ୍ମୃତି, ବର୍ତମାନର ଆନନ୍ଦ ଓ ଭବିଷ୍ୟତର ଆଶାକୁ ଏକାଠି କରିଥାଏ। ଆଧୁନିକତାକୁ ଆମ ଜୀବନକୁ ବଦଳାଇପାରେ, ପ୍ରଯୁକ୍ତି ଆମ ଜୀବନକୁ ସହଜ କରିପାରେ, ସହରୀକରଣ ଆମ ଜୀବନଶୈଳୀକୁ ପରିବର୍ତନ କରିପାରେ, କିନ୍ତୁ ନିଜ ମାଟି, ନିଜ ଭାଷା, ନିଜ ସଂସ୍କୃତି ଓ ନିଜ ପରମ୍ପରାକୁ ଭୁଲିଗଲେ ଆମର ଅସ୍ତିତ୍ୱ ଅସମ୍ପୂର୍ଣ୍ଣ ହୋଇଯିବ। ନୂଆଖାଇ ଆମକୁ ସେହି ମୂଳକୁ ସ୍ମରଣ କରାଏ। ଏହା ଆମକୁ ଶିଖାଏ - ଜୀବନର ସତ୍ୟ ସମୃଦ୍ଧି କେବଳ ଧନରେ ନୁହେଁ, ବରଂ ଅନ୍ନରେ, ସମ୍ପର୍କରେ, ସଂସ୍କୃତିରେ, ପ୍ରକୃତିରେ ଓ ପରସ୍ପର ପ୍ରତି ଭଲପାଇବାରେ ରହିଛି। ନୂଆଖାଇର ନୂଆ ଅନ୍ନ ତେଣୁ କେବଳ ଏକ ଖାଦ୍ୟ ନୁହେଁ, ଏହା ନୂଆ ଆଶାର ପ୍ରତୀକ, ନୂଆ ସମ୍ପର୍କରେ ପ୍ରତୀକ, ନୂଆ ସ୍ୱପ୍ନର ପ୍ରତିକ। ନୂଆ ଧାନର ପ୍ରଥମ ଦାନାରେ ଚାଷୀର ଘାମ ଅଛି, ମାଟିର ଗନ୍ଧ ଅଛି, ପ୍ରକୃତିର ଆଶୀର୍ବାଦ ଅଛି ଏବଂ ଓଡିଆ ଜୀବନର ଶତାବ୍ଦୀ ପୁରୁଣା ସ୍ମୃତି ଅଛି। ସେଥିପାଇଁ ନୂଆଖାଇ ଆସିଲେ କେବଳ ଘରେ ଚୁଲି ଜଳେ ନାହିଁ, ମଣିଷର ହୃଦୟରେ ମଧ୍ୟ ଏକ ନୂଆ ଆଲୋକ ଜଳିଉଠେ। ଅଭିମାନ ଗଳିଯାଏ, ଦୂରତା କମିଯାଏ, ସମ୍ପର୍କ ଦୃଢ ହୁଏ ଏବଂ ମଣିଷ ପୁଣିଥରେ ମଣିଷର ନିକଟକୁ ଫେରିଆସେ। ତେଣୁ ନୂଆଖାଇ କେବଳ ଏକ ପର୍ବ ନୁହେଁ, ଏହା ଓଡିଆ ଅସ୍ମିତାର ଜୀବନ୍ତ ଦର୍ପଣ, ଚାଷୀର ଶ୍ରମର ସମ୍ମାନପତ୍ର, ମାଟି ପ୍ରତି ମଣିଷର କୃତଜ୍ଞତାର ଅର୍ଘ୍ୟ ଏବଂ ଏକତାର ଅମର ସନ୍ଦେଶ। ଯେପର୍ଯ୍ୟନ୍ତ ଓଡିଶାର ମାଟିରେ ଧାନ ଫଳିବ, ଯେପର୍ଯ୍ୟନ୍ତ ଚାଷୀର କପାଳରେ ଘାମ ଝରିବ, ଯେପର୍ଯ୍ୟନ୍ତ ଘରେ ମାଆର ହାତରେ ନୂଆ ଅନ୍ନ ରନ୍ଧାହେବ ଏବଂ ଯେପର୍ଯ୍ୟନ୍ତ ଓଡିଆ ହୃଦୟରେ ନିଜ ମାଟି ପ୍ରତି ଭଲପାଇବା ରହିବ, ସେପର୍ଯ୍ୟନ୍ତ ନୂଆଖାଇର ମହକ ମଧ୍ୟ ଅମର ରହିବ। ନୂଆଖାଇ ଆମକୁ ଏହି ପବିତ୍ର ସଂକଳ୍ପ ଦେଉ- ଅନ୍ନକୁ ସମ୍ମାନ କରିବା, ଚାଷୀକୁ ସମ୍ମାନ କରିବା, ପ୍ରକୃତିକୁ ସୁରକ୍ଷା କରିବା, ସମ୍ପର୍କକୁ ସଜାଇ ରଖିବା ଏବଂ ନିଜ ଭାଷା ଓ ସଂସ୍କୃତିକୁ ଗର୍ବର ସହିତ ପରବର୍ତୀ ପିଢିକୁ ଦେଇଯିବା। ନୂଆ ଅନ୍ନ ସହିତ ପ୍ରତ୍ୟେକ ଘରେ ନୂଆ ସ୍ୱପ୍ନ, ପ୍ରତ୍ୟେକ ପରିବାରରେ ନୂଆ ଖୁସି ପ୍ରତ୍ୟେକ ଚାଷୀର ଜୀବନରେ ନୂଆ ସମୃଦ୍ଧି ଏବଂ ସମଗ୍ର ଓଡିଶାର ହୃଦୟରେ ନୂଆ ଆଶା ଜନ୍ମ ନେଉ - ଏହାହିଁ ନୂଆଖାଇର ସର୍ବଶ୍ରେଷ୍ଠ ସନ୍ଦେଶ। ନୂଆଖାଇର ନୂଆ ଅନ୍ନ କେବଳ ପେଟ ଭରୁ ନାହିଁ, ଏହା ମଣିଷର ମନକୁ ମଧ୍ୟ ପୂର୍ଣ୍ଣ କରୁ-ଏହି ଶୁଭକାମନା ସହିତ ନୂଆଖାଇକୁ ଅଭିନନ୍ଦନ। ନୂଆଖାଇ ଜୁହାର ! ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରେ ସମସ୍ତଙ୍କ ଘରେ ହସ ଓ ଆନନ୍ଦ ଭରି ରହୁ।

# ଅନ୍ନଂ ବ୍ରହ୍ମ : ନୂଆଖାଇର ନିଆରା ଧାରା

**ଡ଼ଃ.ଅରୁନ୍ଧତୀ ଦେବୀ**

ଅନ୍ନର ଅନ୍ୟ ନାମ ହେଉଛି ବ୍ରହ୍ମ, ଈଶ୍ୱର । ପ୍ରତ୍ୟେକ ଏଇ ଅନ୍ନରୁ ଜାତ ହୁଅନ୍ତି । ଅନ୍ନ ଯୋଗୁଁ ଜୀବନ ଧାରଣ କରନ୍ତି ଏବଂ ମୃତ୍ୟୁ ପରେ ଅନ୍ୟ ମାନଙ୍କ ପାଇଁ ସେମାନେ ଅନ୍ନ ହୋଇଯାଆନ୍ତି । ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ଅନ୍ନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ଜୀବନ ଧାରଣର ମାଧ୍ୟମ, ଆନନ୍ଦର ଉତ୍ସ ଏବଂ ଆତ୍ମାର ଅଙ୍ଗ । ତେଣୁ ପ୍ରାଣ ଧାରଣ ପାଇଁ ଯିଏ ଅସରନ୍ତି ଭାବେ ଖାଦ୍ୟ ସମ୍ଭାରର ସନ୍ଧାନ ଦିଅନ୍ତି, ତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ଉଦ୍ଦେଶ୍ୟରେ ନବାନ୍ନ ପର୍ବର ସୃଷ୍ଟି । ଭାରତରେ ଆବାହମାନ କାଳରୁ ପ୍ରଚଳିତ ବହୁ ପର୍ବପର୍ବାଣି ମଧ୍ୟରୁ ଶସ୍ୟ ପୂଜା ବା ନବାନ୍ନ ପର୍ବ ଏକ ପ୍ରାଚୀନ ପର୍ବ । ଭାରତର ବିଭିନ୍ନ ସ୍ଥାନରେ, ବିଭିନ୍ନ ସମାଜରେ, ବିଭିନ୍ନ ଧର୍ମରେ ଏହି ପର୍ବ ପାଳନ କରାଯାଏ, ମାତ୍ର ପଶ୍ଚିମ ଓଡ଼ିଶା ଭଳି ଏତେ ସାମୁହିକ ଭାବରେ ନୁହେଁ ।



ବହୁ ପ୍ରାଚୀନ କାଳରୁ ଅନ୍ନକୁ ଭଗବାନଙ୍କ ଅନ୍ୟରୂପ ଏବଂ ତାଙ୍କ ଦାନର ସ୍ୱରୂପ ରୂପରେ କଳ୍ପନା କରାଯାଇଛି । ସଂସାରର ଜଞ୍ଜାଳ ମଧ୍ୟରେ ମଣିଷ ନିଜକୁ ଖୁବ୍ ଛୋଟ ମନେ କରେ, ମାତ୍ର ଏପରି ଏକ ସୁଯୋଗ ଖୋଜେ ଯାହାର ମାଧ୍ୟମରେ କି ସେଇ ପୃଥିବୀର ସଂକୀର୍ଣ୍ଣ ପରିସର ଉର୍ଦ୍ଧ୍ୱରେ ରହି ଏକ ସ୍ଥିର ଚିନ୍ତନରେ ରହି ସେଇ ଭଗବତ୍ ଶକ୍ତି ସହ ସମ୍ମିଳିତ ହୋଇପାରିବ । ଏଇ ଚିନ୍ତନ ହିଁ ରୂପରେଖ ନେଇଛି ନାନା ପର୍ବ ଓ ପର୍ବାଣି, ପୂଜା ଓ ପାଠ ମାଧ୍ୟମରେ । ଆଉ ଏହିପରି ଅନେକ ପର୍ବ ମଧ୍ୟରେ ନବାନ୍ନ ପର୍ବ ଅନ୍ୟତମ । ଏହାକୁ ପଶ୍ଚିମ ଓଡ଼ିଶାରେ ନୂଆଖାଇ ନାମରେ ଜଣାଯାଏ । ଭାରତର ଅନ୍ୟାନ୍ୟ ପ୍ରଦେଶରେ ତଥା ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାରେ ନୂତନ ଅନ୍ନକୁ ଭଗବାନଙ୍କ ପାଖରେ ଦେଇ ତାହା ପରେ ତାକୁ ନିଜେ ଗ୍ରହଣ କରିବା ବିଧି ପ୍ରଚଳିତ ଥିଲେ ମଧ୍ୟ 'ନୂଆଖାଇ' ପର୍ବ ତା ଠାରୁ ବହୁତ ଅଲଗା । କେତେକ ସ୍ଥାନରେ ବିଜୟାଦଶମୀ ଏବଂ ଅନ୍ୟ କେତେକ ସ୍ଥାନରେ ଦୀପାବଳୀ ଓ ଅନ୍ୟ ଭଲ ଦିନ ଦେଖି ନବାନ୍ନ ଭକ୍ଷଣ କରାଯାଇଥାଏ । ଅର୍ଥାତ୍ ନୂଆଖାଇ ପାଳନ କରାଯାଇଥାଏ । ଏହି ଦିବସରେ ପୂର୍ବ ଦିନରୁ ନୂତନ ଧାନ ସଂଗ୍ରହ କରାଯାଏ । ଦିବସର ପାହାନ୍ତିଆରୁ ଘରର ବୋହୂ ସ୍ନାନାଦି ସାରି ସମଗ୍ର ଅଞ୍ଚଳଟିକୁ ପରିଷ୍କାର କରି ରଖନ୍ତି । ଏହି ଦିନ ପ୍ରତ୍ୟେକ ଘରେ ପିଠାପଣା, କ୍ଷୀରି ତଥା ଅନ୍ୟ ପୂଜା ସାମଗ୍ରୀ ତିଆରି ହୁଏ । ପ୍ରଥମେ ତାହା ଇଷ୍ଟଦେବ ବା ମହାଲକ୍ଷ୍ମୀଙ୍କ ଆଗରେ ପୂଜା କରାଯାଇଥାଏ । ପୂଜା ପରେ ଘରର ସଭିଏଁ ଏକତ୍ର ବସି ଏହି ପ୍ରସାଦ ସେବନ କରନ୍ତି । ପ୍ରସାଦ ସେବନ ପରେ ଘରେ ଇଷ୍ଟଦେବଙ୍କ ଦର୍ଶନ କରାଯାଏ ଏବଂ ତା ପରେ ସାନ ମାନେ ବଡ଼ ମାନଙ୍କୁ ଭୂମିଷ୍ଠ ପ୍ରଣାମ କରିଥାନ୍ତି । କେବଳ ଯେ ପାରିବାରିକ କ୍ଷେତ୍ରରେ ଏହା ସୌହାର୍ଦ୍ଦ୍ୟର ସଂହତି ସ୍ଥାପନ କରେ ତାହା ନୁହେଁ, ସାମାଜିକ କ୍ଷେତ୍ରରେ ମଧ୍ୟ ଏହାର ଉପାଦେୟତା ରହିଛି । ନବାନ୍ନ ଦିନ ନୂଆ ଅନ୍ନ ଭକ୍ଷଣ ପରେ ବଡ଼ମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଏହାର ଅନ୍ୟ ଏକ ମୁଖ୍ୟ ଅଙ୍ଗ । ନୂଆଖାଇ ଜୁହାର ବର୍ତ୍ତମାନ ଏହି ଦିବସର ସାମାଜିକ ପରମ୍ପରା । ନବାନ୍ନ ଭକ୍ଷଣ ପରେ ଦେବଦର୍ଶନ ଆରମ୍ଭ ହୋଇଥାଏ । ଲୋକେ ବ୍ୟକ୍ତିଗତ ଭାବରେ ହେଉ ବା କୀର୍ତ୍ତନ ସହ ଦଳଗତ ଭାବେ ହେଉ ଦେବା ଦେବୀ ମନ୍ଦିରଗୁଡ଼ିକୁ ଦର୍ଶନ ପାଇଁ ଯାଇଥାନ୍ତି । ଏହି ଦିବସରେ ହସଖୁସିରେ ଲୋକେ ପରସ୍ପରକୁ ଜୁହାର ରକି ଜୀଇଁ ଜାଗିଥିଲେ ବରଷେ ବୋଲି କହିଥାନ୍ତି । ଅର୍ଥାତ୍, ଭଗବାନଙ୍କ ଦୟାରୁ ଜୀବନରେ ଥିଲେ ପୁଣି ଏପରି ଏକ ମଧୁମୟ ଉତ୍ସବ ପାଳନ କରିବାର ସୁଯୋଗକୁ ଅତି ଆଗ୍ରହଭରା ପ୍ରାଣରେ ଅପେକ୍ଷା କରିବାର ଆଶପୋଷଣ କରାଯାଏ । ଏଥିସହ ଆଗାମୀ ବର୍ଷ ପୁଣି ନୂତନ ଫସଲ ଉପୁଜାଇ ଏଇ ଉତ୍ସବର ପାଳନ ପାଇଁ ଚାଷୀ ସଂକଳ୍ପ ନେଇଥାଏ । ତେଣୁ ଏହାକୁ ସଂକଳ୍ପ ଦିବସ ମଧ୍ୟ କୁହାଯାଏ ।

ନୂଆଖାଇର ଚେତନା ପଛରେ ମୂଳ ସାମାଜିକ ତାତ୍ପର୍ଯ୍ୟ ରହିଛି ଖାଦ୍ୟ ହିଁ ଭଗବାନ। ତେଣୁ ଖାଦ୍ୟକୁ ନଷ୍ଟ ନକରିବା ଏବଂ ପ୍ରତିଦିନ ନିଜ ଖାଦ୍ୟ ପ୍ରସ୍ତୁତିରୁ କିଛି ସଞ୍ଚୟ କରି ଖାଦ୍ୟ ପାଉ ନଥିବା ଲୋକମାନଙ୍କୁ ନାରାୟଣ ସେବା ଭାବରେ ଶ୍ରେଷ୍ଠ ସେବାରେ ଜୀବନକୁ ବ୍ରତୀ କରିବାର ଭାବାବେଗ। ନୂଆଖାଇ କେବଳ ପର୍ବ, ପରମ୍ପରା ବା ଧର୍ମୀୟ ଚିନ୍ତାଧାରା ନୁହେଁ ଏହା ପରିବାରରେ ଭାତୃତ୍ୱବୋଧ, ଗୁରୁଜନଙ୍କ ପ୍ରତି ସମ୍ମାନ ଓ ଖାଦ୍ୟକୁ ସମ୍ମାନ ସହ ସମାଜ ପ୍ରତି ନିଜର ଦାୟିତ୍ୱବୋଧତାକୁ ଗ୍ରହଣ କରି ସମାଜ ସେବାରେ ନିଜକୁ ନିୟୋଜିତ କରିବାର ମହତ୍ ଉଦ୍ଦେଶ୍ୟ ଏହି ନୂଆଖାଇରୁ ଆରମ୍ଭ ହେଉ ଏହା ହିଁ ନୂଆଖାଇର ଭାବନା।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦**

# ଶରୀରକୁ ସଫା କରେ ପାଣି

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ପାଣି ଶାରୀରିକ କ୍ରିୟା ବୃଦ୍ଧି କରେ ଏବଂ ଆମର କ୍ଷୁଧା ବଢ଼ାଏ। ଅଧିକ ପାଣି ଶରୀରର ଶକ୍ତି ବୃଦ୍ଧି କରେ। ଅଧିକାଂଶ ସମୟରେ ଦିନରେ କିଛି ସମୟ ପାଇଁ କ୍ଲାନ୍ତି ଆସେ। ଏହାର ମୁଖ୍ୟ କାରଣ ଶରୀରରେ ଜଳୀୟାଂଶ କମ୍ ହୋଇଯିବା। ଗବେଷଣାରୁ ଜଣାଯାଇଛି ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା ଦ୍ୱାରା କୋଲୋନ୍ କ୍ୟାନସର, ବ୍ଲାଡର କ୍ୟାନସର ଏବଂ ବ୍ରେଷ୍ଟ କ୍ୟାନସରର ଆଶଙ୍କାକୁ କିଛି ପରିମାଣରେ କମ୍ କରିଦିଏ। ଏପରିକି ଆଣ୍ଠୁଗଣ୍ଠିର ଯନ୍ତ୍ରଣା ମଧ୍ୟ ଅଧିକ ପରିମାଣର ପାଣି ପିଇବା ଦ୍ୱାରା କମ୍ ହୋଇଯାଏ। ମୁଣ୍ଡବ୍ୟଥା ମଧ୍ୟ ପାଣି ପିଇବା ଦ୍ୱାରା କମ୍ ହୋଇଯାଏ। ପାଣି ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ଏହା ବ୍ୟତୀତ ଶରୀରରେ ବିଭିନ୍ନ ପୋଷକତତ୍ତ୍ୱର ସଂଚାଳନ ପାଣି ଦ୍ୱାରା ହୋଇଥାଏ। ଶରୀରରେ ଥିବା ବର୍ଜ୍ୟ ସାମଗ୍ରୀ ଏବଂ ରୋଗ ସୃଷ୍ଟିକାରୀ ବ୍ୟାକ୍ଟେରିଆ ପାଣି ଦ୍ୱାରା ଶରୀରରୁ ବାହାରକୁ ଚାଲିଯାଏ। ପାଣି ପ୍ରାକୃତିକ ଭାବରେ ତ୍ୱଚାର ଜଳୀୟାଂଶ ବୃଦ୍ଧି କରେ ଏବଂ ତ୍ୱଚା ତଳେ ଥିବା ବିଭିନ୍ନ ସ୍ତରରେ ଉପଯୁକ୍ତ ପରିମାଣର କୋଷ ବୃଦ୍ଧି କରେ। ଯାହାଦ୍ୱାରା ତ୍ୱଚା ସୁସ୍ଥ ରହେ ଏବଂ ଚେହେରାରେ ଚମକ ଆସେ। ପତଳା ଲୋକଙ୍କ ଶରୀରରେ ଅଧିକ ପାଣି ଥାଏ। କାରଣ ଚର୍ବି ତୁଳନାରେ ମାଂସପେଶୀରେ ପାଣି ଧାରଣ କରିବାର କ୍ଷମତା ଅଧିକ।

ଏହାର ଅର୍ଥ ସ୍ୱାସ୍ଥ୍ୟ ଏବଂ ସୌନ୍ଦର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ମାତ୍ରାରେ ପାଣି ପିଇବା ଆବଶ୍ୟକ। ବର୍ତ୍ତମାନ ଜୀବନ ଶୈଳୀରେ ଅଧିକାଂଶ ଲୋକ ପାଣି ପିଇବା ଉପରେ ଗୁରୁତ୍ୱ ଦେଉନାହାନ୍ତି। କିନ୍ତୁ ଶରୀରରେ ପାଣି କମ୍ ହୋଇଗଲେ ମୁଣ୍ଡବିନ୍ଧା, ମାଂସପେଶୀ ଦୁର୍ବଳତା, ଥକାପଣ, ମାନସିକ କ୍ଲାନ୍ତି ଆଦି ସମସ୍ୟା ଦେଖାଯାଏ। କିନ୍ତୁ ଅନେକେ ଜାଣିପାରନ୍ତି ନାହିଁ ଶରୀରରେ ଜଳୀୟାଂଶ କମ୍ ହେବାରୁ ଏହି ପରିସ୍ଥିତି ଦେଖାଦେଇଛି। ଚର୍ମ ବିଶେଷଜ୍ଞମାନଙ୍କ ମତ ପାଣି ତ୍ୱଚା ପାଇଁ ମହୌଷଧି। କେବଳ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା ଦ୍ୱାରା ଆପଣ ଚେହେରାରର ଚମକ ବଢ଼ାଇପାରିବ। ପାଣି ତ୍ୱଚାର ପ୍ରାକୃତିକ ପୋଷକ। ଭୋଜନ କରିବାର ୩୦ ମିନିଟ ପୂର୍ବରୁ ଦୁଇଗ୍ଲାସ ପାଣି ପିଇଲେ ପାଚନ ଶକ୍ତି ବଢ଼େ। ସକାଳେ ଉଠି ପ୍ରଥମେ ଗୋଟେ ଗ୍ଲାସ ପାଣି ପିଇଲେ ଶରୀର ଆଭ୍ୟନ୍ତରୀଣ ଅଙ୍ଗ ମଜଭୁତ ହୁଏ। ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ପାଣି ପିଇଲେ ହୃଦାଘାତର ଆଶଙ୍କା ଅନେକାଂଶରେ କମ ହୋଇଯାଏ। ଗାଧୋଇବା ପରେ ଗୋଟିଏ ଗ୍ଲାସ ପାଣି ପିଇଲେ ନିମ୍ନ ରକ୍ତଚାପରୁ ମୁକ୍ତି ମିଳେ। ଯେଉଁମାନେ ଅଧିକ ପାଣି ପିଅନ୍ତି ସେମାନଙ୍କର ପଥୁରୀ ହେବାର ସମ୍ଭାବନା ଖୁବ୍ କମ୍। ଅଧିକ ପାଣି ପିଇଲେ ଶରୀରର ହାନିକାରକ ତତ୍ତ୍ୱ ଝାଳ ଏବଂ ମୂତ୍ର ଦେଇ ବାହାରି ଯାଏ। ପାଣି ଆମକୁ ଗରମରୁ ରକ୍ଷା କରେ। ଆବଶ୍ୟକତା ଅନୁଯାୟୀ ପାଣି ନପିଇଲେ ଶରୀରର ତାପମାତ୍ରା ବଢ଼ିଯାଏ ଏବଂ ଶରୀରର କ୍ରିୟାଶୀଳତା କମ୍ ହୋଇଯାଏ। ଖାଦ୍ୟକୁ ହଜମ କରିବା ପାଇଁ ଆମ ପେଟ ଏଞ୍ଜାଇମ୍ ଉତ୍ପାଦନ କରେ। ଏହି ଏଞ୍ଜାଇମ ଅମ୍ଳଯୁକ୍ତ। ତେଣୁ ଉପଯୁକ୍ତ ମାତ୍ରାରେ ପାଣି ନପିଇଲେ ପେଟରେ ଏସିଡ଼ ସୃଷ୍ଟି ହୁଏ।

ସାରା ଦିନରେ ନିଶ୍ୱାସ ପ୍ରଶ୍ୱାସରେ ଦୁଇରୁ ତିନି କପ୍ ପାଣି ଖର୍ଚ୍ଚ ହୁଏ। ଏହା ବ୍ୟତୀତ ଝାଳ ଏବଂ ମୂତ୍ରରେ ମଧ୍ୟ ପାଣି ବାହାରିଯାଏ। ଶରୀରରେ ଆବଶ୍ୟକୀୟ ଜଳୀୟାଂଶରୁ ୧୦ ପ୍ରତିଶତ କମ୍ ହୋଇଗଲେ ନାନା ପ୍ରକାର ସମସ୍ୟା ଦେଖାଦେଇଥାଏ। ବଡ଼ମାନଙ୍କ ତୁଳନାରେ ଛୋଟ ପିଲାଙ୍କ ଶରୀରରେ ଶୀଘ୍ର ଜଳୀୟାଂଶ କମ୍ ହୋଇଯାଏ। ଏକ ଅଧ୍ୟୟନରୁ ଜଣାପଡ଼ିଛି ୬୫ ପ୍ରତିଶତ ସ୍କୁଲ ପିଲା ବିଦ୍ୟାଳୟରେ ଥିବା ସମୟରେ ଆବଶ୍ୟକ ପରିମାଣର ପାଣି ପିଅନ୍ତି ନାହିଁ। କିନ୍ତୁ ଚିକିତ୍ସକମାନଙ୍କ ମତ ଅନୁଯାୟୀ ଶରୀରରେ ପାଣିର ପରିମାଣ ଦୁଇ ପ୍ରତିଶତ କମ୍ ହୋଇଗଲେ ଆମର ଶାରୀରିକ ଏବଂ ମାନସିକ କ୍ରିୟାଶୀଳତା ୨୦ ପ୍ରତିଶତ କମ୍ ହୋଇଯାଏ। ଗର୍ଭବତୀ ମହିଳାମାନଙ୍କ କ୍ଷେତ୍ରରେ ଜଳାଭାବ ଗର୍ଭ ନଷ୍ଟ ସମୟ ପୂର୍ବ ପ୍ରସବର ଆଶଙ୍କା ବୃଦ୍ଧି କରିଥାଏ। ବୟସ୍କ ମଣିଷର ଶରୀରରେ ୫୫ରୁ ୬୫ ପ୍ରତିଶତ ପର୍ଯ୍ୟନ୍ତ ଜଳୀୟାଂଶ ଥାଏ। କିନ୍ତୁ ନବଜାତ ଶିଶୁ ଶରୀରର ୮୦ ପ୍ରତିଶତ ଜଳୀୟାଂଶ ଥାଏ। ଜଣେ ସୁସ୍ଥ ମଣିଷ ଦୈନିକ ସାଢ଼େ ୫ଲିଟରରୁ ୬ଲିଟର ପର୍ଯ୍ୟନ୍ତ ପାଣି ପିଇବା ଆବଶ୍ୟକ। ଜଣେ ବ୍ୟକ୍ତି ତୃଷ୍ଣା ଅନୁଭବ କରିବା ବେଳକୁ ତାର ଶରୀରରୁ ୧ ପ୍ରତିଶତ ଜଳ ହ୍ରାସ ହୋଇଯାଇଥାଏ। ଦୀର୍ଘ ସମୟ ପର୍ଯ୍ୟନ୍ତ କଠିନ ପରିଶ୍ରମ କରିବା ପରେ ଯେକୌଣସି ବ୍ୟକ୍ତିଙ୍କର ଓଜନ ହ୍ରାସ ପାଏ। ଏହା ଶରୀରରେ ଥିବା ମେଦ ହ୍ରାସ ନୁହେଁ ବରଂ ଶରୀରକୁ ଜଳୀୟାଂଶ ହ୍ରାସର ପରିଣାମ।

ପୃଥିବୀର ୭୫ ପ୍ରତିଶତ ଜଳଭାଗ। କିନ୍ତୁ ଏ ମଧ୍ୟରୁ ମାତ୍ର ୧୧ ପ୍ରତିଶତ ପିଇବା ଯୋଗ୍ୟ। ପୃଥିବୀ ଆରମ୍ଭରୁ ଯେଉଁ ଜଳ ଥିଲା ଆଜି ପର୍ଯ୍ୟନ୍ତ ତାହା ରହିଛି କେବଳ ଏହାର ରହିବା ସ୍ଥାନ ହିଁ ବଦଳିଛି। ଆଜି ବି ବିଶ୍ୱରେ ୩୨୬ ମିଲିଅନ୍ ଘନ ମାଇଲ ଜଳ ଅଛି। ପୃଥିବୀରେ ଆମେରିକା ସବୁଠାରୁ ଅଧିକ ଜଳ ବ୍ୟବହାର କରେ। ଆମେରିକାବାସୀ ହାରାହାରି ୮୦ରୁ ୧୦୦ ଗ୍ୟାଲନ୍ ଜଳ ବ୍ୟବହାର କରନ୍ତି ଦୈନିକ। ଭାରତର ସହରା□ଳରେ ହାରାହାରି ଜଳ ଖର୍ଚ୍ଚର ଏହା ପ୍ରାୟ ୮ଗୁଣ। ଆମେରିକାରେ ୫ ମିନିଟ ଗାଧୋଇବାରେ ଯେତିକି ପାଣି ଖର୍ଚ୍ଚ କରେ ଜଣେ ବ୍ୟକ୍ତି ସେତିକି ଜଳ ତୃତୀୟ ବିଶ୍ୱର ଗରିବ ଲୋକମାନଙ୍କର ଗୋଟିଏ ଦିନର ପାଣି ଖର୍ଚ୍ଚ ସହ ସମାନ। ପୃଥିବୀର ଅର୍ଦ୍ଧାଧିକ ଗରିବ ଲୋକ ଜଳର ଅଭାବ ହେତୁ ରୋଗଗ୍ରସ୍ତ ହୁଅନ୍ତି। ବର୍ଷକୁ ପ୍ରାୟ ୪ ମିଲିଅନ ଲୋକ ଜଳଜନିତ ରୋଗରେ ମୃତ୍ୟୁବରଣ କରନ୍ତି। ବିଶ୍ୱରେ ୧.୫ ବିଲିଅନ ଲୋକ ବିଶୁଦ୍ଧ ପାନୀୟ ଜଳ ପାଆନ୍ତି ନାହିଁ। ଗୋଟେ କେଜି ଚାଉଳ ଉତ୍ପାଦନ ପାଇଁ ୫ହଜାର ଲିଟର ଜଳ ଖର୍ଚ୍ଚ ହୁଏ। ଗୋଟିଏ ପାଉଣ୍ଡ କଫି ପାଇଁ ୧୧ ହଜାର ଲିଟର ଜଳ ଆବଶ୍ୟକ ହୁଏ। ଗୋଟିଏ ବଡ଼ ଖବରକାଗଜର ରବିବାର ସଂସ୍କରଣ ପାଇଁ ଯେତିକି କାଗଜ ଦରକାର ହୁଏ ସେଥିପାଇଁ ୩୦୦ ଲିଟର ପାଣି ଖର୍ଚ୍ଚ ହୁଏ।

ବିଶ୍ୱବ୍ୟାପୀ କୃଷିରେ ୭୦ ପ୍ରତିଶତ ଏବଂ କଳକାରଖାନାରେ ୨୨ ପ୍ରତିଶତ ଜଳ ବ୍ୟବହାର ହୁଏ। ଆଫ୍ରିକା ଏବଂ ଏସିଆ ମହାଦେଶରେ ମହିଳାମାନେ ପିଇବା ପାଣି ସଂଗ୍ରହ କରିବା ପାଇଁ ଦୈନିକ ପ୍ରାୟ ୩.୭ ମାଇଲ ଚାଲନ୍ତି। ୧୮ ଲିଟର ଶୁଦ୍ଧ ପାନୀୟ ଜଳର ଓଜନ ୨୦ କେଜି ହୋଇଥାଏ। ଆଫ୍ରିକା ମହାଦେଶରେ ଜଳକଷ୍ଟ ସର୍ବାଧିକ। ଏଠାରେ ଯୁଦ୍ଧ ତୁଳନାରେ ୧୦ଗୁଣ ମୃତ୍ୟୁ ଘଟେ ଡାଇରିଆରେ। ୟୁରୋପ ଏବଂ ଆମେରିକା ତୁଳନାରେ ଆଫ୍ରିକା ଦେଶରେ ଡାଇରିଆରେ ଶିଶୁ ମୃତ୍ୟୁ ଆଶଙ୍କା ୫୦୦ ଗୁଣ ଅଧିକ। ବିଶ୍ୱରେ ୨.୫ ବିଲିଅନ ଲୋକ ଉପଯୁକ୍ତ ପରିମଳ ସୁବିଧା ପାଇପାରି ନାହାନ୍ତି। କିନ୍ତୁ ଅଧ୍ୟୟନରୁ ଜଣାପଡ଼ିଛି କେବଳ ଠିକ୍ ଭାବରେ ହାତ ଧୋଇବା ଦ୍ୱାରା ଡାଇରିଆ ଆଶଙ୍କା ୩୫ ପ୍ରତିଶତ ହ୍ରାସ ହୋଇପାରେ। ବିଶ୍ୱରେ ପ୍ରତି ୧୫ ସେକେଣ୍ଡରେ ଜଳଜନିତ ରୋଗରେ ଜଣେ ଶିଶୁ ମୃତ୍ୟୁବରଣ କରନ୍ତି। କିନ୍ତୁ ଶୁଦ୍ଧ ପାନୀୟ ଜଳର ଖର୍ଚ୍ଚ ବି ସେତେ ଅଧିକ ନୁହେଁ। ତୃତୀୟ ବିଶ୍ୱ ଦେଶଗୁଡ଼ିକରେ ଗୋଟି, ଶିଶୁ ପାଇଁ ସାରା ବର୍ଷର ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ମାତ୍ର ଗୋଟିଏ ଡଲାର ଆବଶ୍ୟକ ହୁଏ। ଅଧିକ ପାଣି ପିଇବା ମଧ୍ୟ ବେଳେବେଳେ ଅସୁସ୍ଥତାର କାରଣ ହୋଇଥାଏ। ତରବରିଆ ଭାବରେ ଅଧିକ ପାରି ପିଇନେବା ଜଳ ବିଷାକ୍ତତାର କାରର ହୋଇପାରେ।

ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ୍, [illegible], କଟକ, ଦୂରଭାଷ : ୯୪୩୮୨୭୬୭୬୦

# ନବାନ୍ନ ଓ ନାରୀ ଚେତନା

ବେଦ ଉଦ୍‌ଘୋଷଣ କରେ "ଅନ୍ନମ ବ୍ରହ୍ମ" । ଅର୍ଥାତ୍ ସଚାରାଚର ବିଶ୍ୱବ୍ରହ୍ମାଣ୍ଡରେ ସମସ୍ତ ଜଗତ୍‌ମୟ ସମାଜକୁ ସୃଷ୍ଟି କର୍ତ୍ତା ଯେଉଁ ଅନ୍ନ ଯୋଗାଇ ଥାନ୍ତି ତା ହେଉଛି ବ୍ରହ୍ମ । ଯଥାର୍ଥରେ 'ତୈତ୍ତରୀୟ ଉପନିଷଦ'ରେ ବର୍ଣ୍ଣନା ରହିଛି-

"ଅନ୍ନଂ ବ୍ରହ୍ମେତି ବ୍ୟଜାନାତ୍ ଅନ୍ନାଦେବ ଖଲ୍ୱିମାନି ଭୂତାନି ଜାୟନ୍ତେ
ଅନ୍ନେନ ଜାତାନି ଜୀବନ୍ତି ଅନ୍ନଂ ପ୍ରୟନ୍ତ୍ୟଭିସଂବିଶନ୍ତୀତି ।"

ଅର୍ଥାତ୍ ଅନ୍ନ ହେଉଛି ସ୍ୱୟଂ ବ୍ରହ୍ମ । ଶ୍ରୀମତ୍ ଗୀତାରେ ଶ୍ରୀକୃଷ୍ଣ ମଧ୍ୟ ଅର୍ଜୁନଙ୍କୁ କର୍ମଯୋଗରେ ସବିଶେଷ ଭାବରେ ଅନ୍ନ ବିଷୟରେ ବ୍ୟାଖ୍ୟାନ କରିଛନ୍ତି । ଓଡ଼ିଶାପରି କୃଷିପ୍ରଧାନ ରାଜ୍ୟରେ ନୂଆଖାଇ ବା ନବାନ୍ନର ଯଥେଷ୍ଟ ଗୁରୁତ୍ୱ ରହିଛି । କେବଳ ପଶ୍ଚିମ ଓଡ଼ିଶାରେ ଏହା ବିଶେଷ ଭାବେ ପାଳିତ ହେଉଥିଲେ ମଧ୍ୟ ସଂପ୍ରତି ଏହା ରାଜ୍ୟର ବିଭିନ୍ନ ଜିଲ୍ଲାରେ ଭକ୍ତିପୂତ ପରିବେଶରେ ଅନୁଷ୍ଠିତ ହେଉଛି । କେବଳ ସେତିକି ନୁହଁ ରାଜ୍ୟ ବାହାରେ ମଧ୍ୟ ପ୍ରବାସୀ ଓଡ଼ିଆମାନେ ଏହାକୁ ଆନନ୍ଦର ସହ ପାଳନ କରୁଛନ୍ତି ।

ଶସ୍ୟପୂଜା ହେଉଛି ନବାନ୍ନର ମୂଳଭିତ୍ତି । ତୈତ୍ତିରୀୟ ଉପନିଷଦରେ ଲେଖା ଅଛି - 'ଅନ୍ନଂ ବ୍ରହ୍ମେତି ବ୍ୟଜାନାତ୍ ଅନ୍ନାଦେବ ଖଲ୍ୱିମାନି ଭୁତାନି ଜାୟନ୍ତେ, ଅନ୍ନେନ ଜାତାନି ଜୀବନ୍ତି, ଅନ୍ନଂ ପ୍ରୟନ୍ତ୍ୟଭିସଂବିଶନ୍ତୀତି ।' ଏହାର ମୂଳ ଅର୍ଥ ହେଉଛି ଅନ୍ନ ବା ଖାଦ୍ୟ ହେଉଛି ଈଶ୍ୱର । ଜୀବନର ପ୍ରତିଟି ପର୍ଯ୍ୟାୟରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଓଡ଼ିଆର ଚିନ୍ତା ଚେତନାରେ ନବାନ୍ନ ବା ନୂଆଖାଇର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ତତୋଧିକ ଆଧାତ୍ମିକ ଭାବଧାରାରେ ପରିପୂର୍ଣ୍ଣ । ପଶ୍ଚିମ ଓଡ଼ିଶାରେ ସ୍ୱତନ୍ତ୍ର ରୀତିନୀତିରେ ପାଳିତ ହେଉଥିବା ନୂଆଖାଇରେ ସ୍ୱତନ୍ତ୍ରତା ରହିଛି । ନୂଆଖାଇ ସମଗ୍ର ପଶ୍ଚିମାଞ୍ଚଳ ପାଇଁ ମହାପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ । ନବାନ୍ନର ମୁହୂର୍ତ୍ତ ନିର୍ଣ୍ଣୟ କରିବାର ପଦ୍ଧତି ମଧ୍ୟ ପ୍ରାଚୀନ ଓ ପରମ୍ପରାରେ ପରିପୂର୍ଣ୍ଣ । ନବାନ୍ନର ଯଥେଷ୍ଟ ପୂର୍ବରୁ ନୂତନ ଧାନ ସଂଗ୍ରହ କରାଯାଇ ଏହାପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ । ପରିବାରର ବହୁମାନେ ସ୍ନାନକର୍ମ ଶେଷକରି ପୂଜାସ୍ଥାନ ଓ ଘରର ପ୍ରତିଟି କ୍ଷେତ୍ରକୁ ପରିଷ୍କାର କରିଥାନ୍ତି । ପରିବାରର ଆର୍ଥିକସ୍ଥିତିକୁ ଦେଖି ମହିଳାମାନେ ପିଠାପଣା, କ୍ଷୀରି ଖେଚୁଡ଼ି ସହ ପୂଜା ସାମଗ୍ରୀ ତିଆରି କରିଥାନ୍ତି । ନବାନ୍ନ ପ୍ରସ୍ତୁତିରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ନବାନ୍ନ ପୂଜା ସମୟରେ ସର୍ବପ୍ରଥମେ ଘରର ଇଷ୍ଟଦେବ ବା ଦେବୀଙ୍କ ସହ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ । ପୂଜାଘରେ ସମସ୍ତେ ପ୍ରସାଦ ସେବନ କରି ନିଜ ଭିତରେ ପ୍ରେମର ଫଲ୍‌ଗୁକୁ ସମସ୍ତଙ୍କ ପାଖରେ ବିତରଣ ପାଇଁ ସଂକଳ୍ପବଦ୍ଧ ହୁଅନ୍ତି । ଭାଇ ଭାଇ ମଧ୍ୟରେ ମନ ମାଳିନ୍ୟ ଥିଲେ ମଧ୍ୟ ସାନଭାଇ ବଡ଼ ଭାଇଙ୍କ ଘରକୁ ପ୍ରସାଦ ପାଇ ଆଶୀର୍ବାଦ କାମନା କରିଥାନ୍ତି । ସେହିପରି ପ୍ରସାଦ ସେବନ ପରେ ଘରେ ଇଷ୍ଟଦେବୀଙ୍କୁ ଦର୍ଶନ କରି କନିଷ୍ଠମାନେ ପରିବାରର ବରିଷ୍ଠ ଓ ବୟୋଜ୍ୟେଷ୍ଠମାନଙ୍କୁ ଭୂମିଷ୍ଠ ପ୍ରଣାମ କରିଥାନ୍ତି ।

ଅଥର୍ବ ବେଦର ତଥ୍ୟ ଅନୁଯାୟୀ ଭାଇ ଭାଇ ଭିତରେ ଦ୍ୱେଷ ନରହୁ, ଭଉଣୀ ଭଉଣୀକୁ ଘୃଣା ନକରି ସ୍ନେହ କରୁ । ସମସ୍ତଙ୍କ ଭିତରେ ସଦ୍‌ଜ୍ଞାନ ଜାତ ହେଉ, ସମସ୍ତେ ନିର୍ମଳ ଚିତ୍ତ ହୋଇ ଜଳ ଓ ଅନ୍ନର ସାମଗ୍ରୀ ସମାନ ହେଉ । ନବାନ୍ନର ଏହି ମହାନ୍ ସାଂସ୍କୃତିକ ବାଣୀ ଅଥର୍ବବେଦର ଭାଷାରେ 'ମା ଭ୍ରାତା ଭ୍ରାତରଂ ଦ୍ୱିକ୍ଷନ୍, ମୋ ସ୍ୱସାରମୁତ ସ୍ୱସା ।' ପାରିବାରିକ କ୍ଷେତ୍ରରେ ସୌହାର୍ଦ୍ଦ୍ୟ ସଂହତି ସ୍ଥାପନ ଓ ସାମାଜିକ କ୍ଷେତ୍ରରେ ମାତୃସମାଜର ମହନୀୟତା ପରିସ୍ଫୁଟିତ ହୋଇଥାଏ । ନବାନ୍ନ ପ୍ରସ୍ତୁତି ଠାରୁ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସବୁଠି ମହିଳାଙ୍କ ଭୂମିକା ରହିଛି । ନବାନ୍ନ ପରମ୍ପରାରେ ନାରୀ ସମାଜର ସେବା, ଭଲ ପାଇବା ଓ ଆଦର୍ଶର ପରାକାଷ୍ଠା ସମସ୍ତଙ୍କ ପାଇଁ ଆଦର୍ଶଣୀୟ ହୋଇପାରିଥାଏ । ଅନ୍ନ ପ୍ରସ୍ତୁତି ଠାରୁ ସଂସାର ପରିଚାଳନାରେ ନାରୀର ଭୂମିକା ନିହିତ । ପରିବାରର ସମସ୍ତ ଦାୟିତ୍ୱକୁ ନିର୍ବାହ କରୁଥିବା ମହିଳାମାନେ ନବାନ୍ନରେ ନିଜର ଦାୟିତ୍ୱବୋଦ୍ଧତାକୁ ସୁଚାରୁରୂପେ ସମ୍ପାଦିତ କରିଥାନ୍ତି । ଘରର ବୟୋଜ୍ୟେଷ୍ଠଙ୍କ ଠାରୁ କନିଷ୍ଠ ପିଲାଙ୍କ ପାଇଁ ଘରର ମହିଳା ମାନଙ୍କ ଭୂମିକା ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ସଂସ୍କୃତି ଓ ଦର୍ଶନକୁ ଦେଖିଲେ ତୈତ୍ତିରୀୟ ଉପନିଷଦର ଭାଷାରେ 'ଅନ୍ନଂ ନ ନିନ୍ଦାତ୍ । ତଦ୍‌ବ୍ରତମ୍, ଅନ୍ନଂ ନ ପରିଚକ୍ଷୀତ । ତଦ୍‌ବ୍ରତମ୍, ଅନ୍ନଂ ବହୁ କୁର୍ବୀତ । ତଦ୍‌ବ୍ରତମ୍'

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦ନ ପରେ ଘରେ ଇଷ୍ଟଦେବୀଙ୍କୁ ଦର୍ଶନ କରି କନିଷ୍ଠମାନେ ପରିବାରର ବରିଷ୍ଠ ଓ ବୟୋଜ୍ୟେଷ୍ଠମାନଙ୍କୁ ଭୂମିଷ୍ଠ ପ୍ରଣାମ କରିଥାନ୍ତି । " ଅଥର୍ବ

ବେଦର ତଥ୍ୟ ଅନୁଯାୟୀ ଭାଇ ଭାଇ ଭିତରେ ଦ୍ୱେଷ ନରହୁ, ଭଉଣୀ ଭଉଣୀକୁ ଘୃଣା ନକରି ସ୍ନେହ କରୁ । ସମସ୍ତଙ୍କ ଭିତରେ ସଦ୍‌ଜ୍ଞାନ ଜାତ ହେଉ, ସମସ୍ତେ ନିର୍ମଳ ଚିତ୍ତ ହୋଇ ଜଳ ଓ ଅନ୍ନର ସାମଗ୍ରୀ ସମାନ ହେଉ । ନବାନ୍ନର ଏହି ମହାନ୍ ସାଂସ୍କୃତିକ ବାଣୀ ଅଥର୍ବବେଦର ଭାଷାରେ 'ମା ଭ୍ରାତା ଭ୍ରାତରଂ ଦ୍ୱିକ୍ଷନ୍, ମୋ ସ୍ୱସାରମୁତ ସ୍ୱସା ।' ପାରିବାରିକ କ୍ଷେତ୍ରରେ ସୌହାର୍ଦ୍ଦ୍ୟ ସଂହତି ସ୍ଥାପନ ଓ ସାମାଜିକ କ୍ଷେତ୍ରରେ ମାତୃସମାଜର ମହନୀୟତା ପରିସ୍ଫୁଟିତ ହୋଇଥାଏ । ନବାନ୍ନ ପ୍ରସ୍ତୁତି ଠାରୁ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସବୁଠି ମହିଳାଙ୍କ ଭୂମିକା ରହିଛି । ନବାନ୍ନ ପରମ୍ପରାରେ ନାରୀ ସମାଜର ସେବା, ଭଲ ପାଇବା ଓ ଆଦର୍ଶର ପରାକାଷ୍ଠା ସମସ୍ତଙ୍କ ପାଇଁ ଆଦର୍ଶଣୀୟ ହୋଇପାରିଥାଏ । ଅନ୍ନ ପ୍ରସ୍ତୁତି ଠାରୁ ସଂସାର ପରିଚାଳନାରେ ନାରୀର ଭୂମିକା ନିହିତ । ପରିବାରର ସମସ୍ତ ଦାୟିତ୍ୱକୁ ନିର୍ବାହ କରୁଥିବା ମହିଳାମାନେ ନବାନ୍ନରେ ନିଜର ଦାୟିତ୍ୱବୋଦ୍ଧତାକୁ ସୁଚାରୁରୂପେ ସମ୍ପାଦିତ କରିଥାନ୍ତି । ଘରର ବୟୋଜ୍ୟେଷ୍ଠଙ୍କ ଠାରୁ କନିଷ୍ଠ ପିଲାଙ୍କ ପାଇଁ ଘରର ମହିଳା ମାନଙ୍କ ଭୂମିକା ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ସଂସ୍କୃତି ଓ ଦର୍ଶନକୁ ଦେଖିଲେ ତୈତ୍ତିରୀୟ ଉପନିଷଦର ଭାଷାରେ 'ଅନ୍ନଂ ନ ନିନ୍ଦାତ୍ । ତଦ୍‌ବ୍ରତମ୍, ଅନ୍ନଂ ନ ପରିଚକ୍ଷୀତ । ତଦ୍‌ବ୍ରତମ୍, ଅନ୍ନଂ ବହୁ କୁର୍ବୀତ । ତଦ୍‌ବ୍ରତମ୍'" ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦



# ଆତଙ୍କବାଦୀ ମାସୁଦ ଆଝାର ବିରୋଧରେ ୱାରେଣ୍ଟ ଜାରି କଲା ପାକିସ୍ତାନ

**ନୂଆଦିଲ୍ଲୀ,୧୪।୯(ଏଜେନ୍ସି):**ଆତଙ୍କବାଦୀଙ୍କ ପାଇଁ ସ୍ୱର୍ଗ ପାଲଟିଥିବା ପାକିସ୍ତାନ ଜୈଶ-ଏ-ମହମ୍ମଦ ମୁଖ୍ୟ ମାସୁଦ ଆଝାର ଉପରେ ୭୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛି। ଏହି ପୁରସ୍କାର ପାକିସ୍ତାନର ଫେଡେରାଲ୍ ଇନଭେଷ୍ଟିଗେସନ୍ ଏଜେନ୍ସି (ଏଫଆଇଏ)ର ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀଙ୍କ ରେଡ୍ ବୁକ୍‌ରେ ତାଲିକାଭୁକ୍ତ ହୋଇଛି। ଅକ୍ଟୋବରରେ ପ୍ୟାରିସ-ଭିତ୍ତିକ ଆର୍ଥିକ କାର୍ଯ୍ୟାନୁଷ୍ଠାନ କାର୍ଯ୍ୟ ବାହିନୀ(ଏଫଏଟିଏଫ)ର ବୈଠକ ପୂର୍ବରୁ ପାକିସ୍ତାନର ଏଭଳି ପଦକ୍ଷେପ ଗ୍ରହଣ କରିଛି। ପାକିସ୍ତାନ ଦାବି କରୁଛି ଯେ, ମାସୁଦ ଆଝାର ପାକିସ୍ତାନରୁ ନିଖୋଜ ହୋଇଯାଇଛି ଏବଂ ଆଫଗାନିସ୍ତାନରେ ଅଛି।ଗତ ୬ ମାସ ଧରି, ଭାରତୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକର ବୈଷୟିକ ବିଶ୍ଳେଷଣରୁ ଜଣାପଡିଛି ଯେ ମାସୁଦ ଆଝାର ପାକିସ୍ତାନର ସିନ୍ଧ ପ୍ରଦେଶର ନବାବଶାହ ସହରରେ ଲୁଚି ରହିଛି। ୨୦୨୧ ମସିହାରେ ଏଫଆଇଏ ମାସୁଦ ଆଝାର ଉପରେ ୫୦ ଲକ୍ଷ ଟଙ୍କାର ପୁରସ୍କାର ରଖିଥିଲା। ପାଞ୍ଚ ବର୍ଷ ପରେ, ବିଶ୍ୱକୁ ଠକିବା ପାଇଁ ଏହି ପୁରସ୍କାରକୁ ଏବେ ଆହୁରି ୨୦ ଲକ୍ଷ ଟଙ୍କା ବୃଦ୍ଧି କରାଯାଇଛି। ଏଫଆଇଏର ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀଙ୍କ ନୂତନ ଅପଡେଟ୍ ତାଲିକାରେ ୨୬/୧୧ ଆତଙ୍କବାଦୀ ଆକ୍ରମଣରେ ଆତଙ୍କବାଦୀମାନଙ୍କୁ ସାହାଯ୍ୟ କରିଥିବା, ଟଙ୍କା ଯୋଗାଇଥିବା ଏବଂ ଡଙ୍ଗା ଚଲାଇଥିବା ୧୯ ଜଣ ଆତଙ୍କବାଦୀଙ୍କ ନାମ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ସେଥିରେ ୧୭ ଜଣ ଆତଙ୍କବାଦୀଙ୍କ ଫଟୋଗ୍ରାଫ୍ ଏବଂ ୨୬/୧୧ ରେ ସେମାନଙ୍କ ଭୂମିକା ମଧ୍ୟ ଉଲ୍ଲେଖ କରାଯାଇଛି। ତେବେ ପାକିସ୍ତାନ ଦୁଇ ଆତଙ୍କବାଦୀଙ୍କ ଫଟୋ, ଲସ୍କର-ଏ-ତୈବା ସହିତ ସେମାନଙ୍କର ସମ୍ପର୍କ ଏବଂ ୨୬/୧୧ ରେ ସେମାନଙ୍କର ସମ୍ପୂର୍ଣ୍ଣ ଭୂମିକାକୁ ହଟାଇ ଦେଇ କେବଳ ସେମାନଙ୍କ ନାମ ରଖିଛି।ଆତଙ୍କବାଦୀମାନଙ୍କୁ ମୁମ୍ବାଇ ପରିବହନ କରିବା ପାଇଁ ଅଲ-ହୁସେନି ଡଙ୍ଗା ଯୋଗାଇଥିବା ତୁରବତର ମହମ୍ମଦ ଖାନଙ୍କ ନାମ ଏଫଆଇଏର ନୂତନ ଅପଡେଟ୍ ତାଲିକାରେ ସାମିଲ କରାଯାଇଛି, କିନ୍ତୁ ତାଙ୍କର ଫଟୋ, ଲସ୍କର ସହିତ ସମ୍ପର୍କ ଏବଂ ଭୂମିକାକୁ ହଟାଇ ଦିଆଯାଇଛି। ସେହିପରି ପାକିସ୍ତାନର ବାହାୱଲନଗରର ବାସିନ୍ଦା ଲସ୍କର-ଏ-ତୈବା ଆତଙ୍କବାଦୀ ଅବଦୁଲ ରେହମାନର ଫଟୋ ଏବଂ ଲିଙ୍କକୁ ତାଲିକାରୁ ହଟା ଯାଇଛି। ସେମାନଙ୍କର ଫଟୋ ଏବଂ ଭୂମିକା ଉଭୟ ୨୦୨୧ ଏଫଆଇଏ ତାଲିକାରେ ଉଲ୍ଲେଖ କରାଯାଇଥିଲା।ଏଫଆଇଏର ବର୍ତ୍ତମାନର ତାଲିକାରେ ୧୧ ଜଣ ଲସ୍କର-ଇ-ତୋଏବା ଆତଙ୍କବାଦୀଙ୍କ ନାମ ରହିଛି ଯେଉଁମାନେ ୨୬/୧୧ ଆତଙ୍କବାଦୀ ଆକ୍ରମଣ ସମୟରେ ଦୁଇଟି ଡଙ୍ଗା, ଅଲ୍ ହୁସେନି ଏବଂ ଅଲ୍ ଫୌଜରେ ସମୁଦ୍ର ପାର କରାଇ ଆତଙ୍କବାଦୀଙ୍କୁ ପରିବହନ କରିବାରେ ସାହାଯ୍ୟ କରିଥିଲେ। ତାଲିକାରେ ରେ ମୁଲତାନର ମହମ୍ମଦ ଅମଜାଦ ଖାନ, ବାହାୱଲପୁରର ଶାହିଦ ଘଫୁର, ସାହିୱାଲର ମହମ୍ମଦ ଉସମାନ, ଲାହୋରର ଅତିକ ଉର ରେହମାନ, ହାଫିଜାବାଦର ରିଆଜ ଅହମ୍ମଦ, ଗୁଜରାନୱାଲାର ମହମ୍ମଦ ମୁସ୍ତାକ, ଡେରା ଗାଜି ଖାନର ମହମ୍ମଦ ନଇମ, କରାଚୀର ଅବଦୁଲ ଶକୁର, ମୁଲତାନର ମହମ୍ମଦ ସବିର ସଲଫି, ଲୋଧରାନର ମହମ୍ମଦ ଉସମାନ ଏବଂ ରହିମ ୟାର ଖାନର ଶକିଲ ଅହମ୍ମଦ ନାମ ରହିଛି।୨୬/୧୧ ଆକ୍ରମଣରେ ଆର୍ଥିକ ସହାୟତା ପ୍ରଦାନ କରିଥିବା ଛଅ ଜଣ ଆତଙ୍କବାଦୀଙ୍କ ନାମ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ଅଛି। ଏହି ଛଅ ଜଣ ଆତଙ୍କବାଦୀଙ୍କ ମଧ୍ୟରେ ଫୈସଲାବାଦର ଲସ୍କର-ଇ-ତୋଏବା ଆତଙ୍କବାଦୀ ମହମ୍ମଦ ଇଫତିକାର ଅଲିର ନାମ ଅଛି। ସେ ଯିଆତଙ୍କବାଦୀ ଏବଂ ସେମାନଙ୍କ ହ୍ୟାଣ୍ଡଲରଙ୍କ ମଧ୍ୟରେ ଏକ ସଂଯୋଗ ପାଇଁ ୭୦,୦୦୦ ପାକିସ୍ତାନୀ ଟଙ୍କା ଖର୍ଚ୍ଚ କରିଥିଲା। ଆତଙ୍କବାଦୀ ଆକ୍ରମଣ ପାଇଁ ଲସ୍କରକୁ ୮୦,୦୦୦ ଟଙ୍କା ଯୋଗାଇଥିବା ରାୱଲପିଣ୍ଡିର ମହମ୍ମଦ ଜିଆ, ଆତଙ୍କବାଦୀ ଆକ୍ରମଣ ପାଇଁ ୨୫୩,୦୦୦ ଟଙ୍କା ଯୋଗାଇଥିବା ଖାନେୱାଲର ମହମ୍ମଦ ଆବାସ ନାସିର, ଆତଙ୍କବାଦୀ ଆକ୍ରମଣ ପାଇଁ ୧୮୬,୪୩୦ ଟଙ୍କା ଯୋଗାଇଥିବା କସୁରର ଜାଭେଦ ଇକବାଲ, ୨୬/୧୧ ଆତଙ୍କବାଦୀ ଆକ୍ରମଣ ପାଇଁ ୨୯୮,୦୪୭ ଟଙ୍କା ଯୋଗାଇଥିବା ମଣ୍ଡି ବାହାଉଦ୍ଦିନର ମୁଖତାର ଅହମ୍ମଦ ଏବଂ ୨୬/୧୧ ଆତଙ୍କବାଦୀ ଆକ୍ରମଣ ପାଇଁ ୨୧ ଲକ୍ଷ ଟଙ୍କା ଯୋଗାଇଥିବା ବାଟାଗ୍ରାମର ଅହମ୍ମଦ ସଇଦର ନାମ ରହିଛି।

# ୟୁରୋପକୁ ପ୍ରତିବର୍ଷ ଭାରତ ପଠାଇବ ୧୬ ଲକ୍ଷ ଟନ୍ ଇସ୍ପାତ

**ନୂଆଦିଲ୍ଲୀ,୧୪।୯(ଏଜେନ୍ସି):**ୟୁରୋପୀୟ ସଂଘ (ଇୟୁ) ବଜାରକୁ ଭାରତ ପ୍ରତିବର୍ଷ ୧୬.୪ ଲକ୍ଷ ଟନ୍ ଇସ୍ପାତ ଦେଶଭିତ୍ତିକ ଶୁଳ୍କ ହାର କୋଟା (ଟିଆରକ୍ୟୁ) ଅଧୀନରେ ପଠାଇ ପାରିବ। ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) ଅଧୀନରେ ୬,୯୪,୮୫୩ ଟନ୍ ଏବଂ ସର୍ବାଧିକ ଅନୁଗୃହୀତ ରାଷ୍ଟ୍ର (ଏମ୍‌ଏଫ୍‌ଏନ୍) ଢାଞ୍ଚା ଅଧୀନରେ ୯,୪୬,୬୧୬ ଟନ୍ ଇସ୍ପାତ ରପ୍ତାନି କରିବାକୁ ଅନୁମତି ପାଇବ। ୟୁରୋପୀୟ ସଂଘ ପକ୍ଷରୁ ପକ୍ଷରୁ ପ୍ରକାଶିତ ଚିଠା ରାଜିନାମାରୁ ଏହା ଜଣାଯାଇଛିଭାରତ ସମ୍ପ୍ରତି ୟୁରୋପୀୟ ସଂଘକୁ ବାର୍ଷିକ ପ୍ରାୟ ୪ ନିୟୁତ ଟନ ଇସ୍ପାତ ରପ୍ତାନି କରୁଛି। କିନ୍ତୁ ବିଶ୍ୱରେ ହେଉଥିବା ଅତ୍ୟଧିକ ଇସ୍ପାତ ଉତ୍ପାଦନରୁ ୟୁରୋପୀୟ ସଂଘ ନିଜର ସଦସ୍ୟମାନଙ୍କୁ ସୁରକ୍ଷା ଦେବା ପାଇଁ ଚଳିତମାସ ଜୁଲାଇ ପହିଲାରୁ ନୂଆ ନିୟମ ଲାଗୁ କରିଛି। ଏଥିରେ ୧୮.୩ ନିୟୁତ ଟନ୍ ଶୁଳ୍କ ମୁକ୍ତ କୋଟା ରହିଛି। ଅର୍ଥାତ୍ ଶୂନ ପ୍ରତିଶତ ଶୁଳ୍କରେ ଏହି ପରିମାଣର ଇସ୍ପାତ ୟୁରୋପୀୟ ସଂଘ ଆମଦାନି କରିବ। ଉକ୍ତ କୋଟା ବାହାରେ କରାଯାଉଥିବା ଆମଦାନି ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁର ବ୍ୟବସ୍ଥା ରହିଛି।ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ଆଲୋଚନା ଚଳିତବର୍ଷ ଜାନୁଆରି ୨୭ ତାରିଖରେ ଶେଷ ହୋଇଛି। ଚଳିତବର୍ଷ ଶେଷ ସୁଦ୍ଧା ଏହି ରାଜିନାମା ସ୍ୱାକ୍ଷର ହେବ ଏବଂ ଆସନ୍ତାବର୍ଷରୁ କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି।

# ବିଜେପିରୁ ଇସ୍ତଫା ଦେଇ କଂଗ୍ରେସରେ ଯୋଗ ଦେଲେ ନରେନ୍ଦ୍ର ବାବୁ

**ନୂଆଦିଲ୍ଲୀ,୧୪।୯(ଏଜେନ୍ସି):** ବିଜେପିର ପୂର୍ବତନ ବିଧାୟକ ତଥା ଦଳର ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ଏନ୍.ଏଲ୍. ନରେନ୍ଦ୍ର ବାବୁ ରବିବାର ଦିନ କଂଗ୍ରେସରେ ଯୋଗ ଦେଇଛନ୍ତି। 'ଭାରତ ଯୋଡ଼' ସମ୍ମିଳନୀ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ କମିଟି ସଭାପତି ବି.କେ. ହରିପ୍ରସାଦ ତାଙ୍କ ବେକରେ କଂଗ୍ରେସର ଉତ୍ତରୀୟ ପକାଇ ତାଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଶୁକ୍ରବାର ଦିନ ନରେନ୍ଦ୍ର ବାବୁ ବିଜେପିର ପ୍ରାଥମିକ ସଦସ୍ୟତା ଏବଂ ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ପଦରୁ ଇସ୍ତଫା ଘୋଷଣା କରିଥିଲେ। ସେ ଦଳର ନେତୃତ୍ୱ ଉପରେ ଅଭିଯୋଗ ଆଣି କହିଥିଲେ ଯେ, ସଂଗଠନକୁ ମଜବୁତ କରିବା ପାଇଁ ଦୀର୍ଘ ଦିନ ଧରି କଠିନ ପରିଶ୍ରମ କରିଥିବା ନେତା ଓ କର୍ମୀଙ୍କୁ ଅଣଦେଖା କରାଯାଉଛି। ନରେନ୍ଦ୍ର ବାବୁ ପଛୁଆ ବର୍ଗ ଅନ୍ତର୍ଭୁକ୍ତ 'ଟିଗାଲା' ସମ୍ପ୍ରଦାୟର ଜଣେ ପ୍ରମୁଖ ନେତା ଭାବରେ ପରିଚିତ। ବିଜେପି ଛାଡ଼ିବା ନେଇ ନିଷ୍ପତ୍ତି ଘୋଷଣା କରିବା ସମୟରେ ସେ କହିଥିଲେ ଯେ ସେ ସୁବିଧାବାଦୀ ରାଜନୀତି କରନ୍ତି ନାହିଁ। ତାଙ୍କ କହିବା ଅନୁଯାୟୀ, ସେ ନିଜ ରାଜନୈତିକ ଜୀବନର ଦଶ ବର୍ଷ ବିଜେପି ପାଇଁ ଉତ୍ସର୍ଗ କରିଥିଲେ ମଧ୍ୟ ଉପଯୁକ୍ତ ପଦବି କିମ୍ବା ଉଚିତ ସମ୍ମାନ ପାଇ ନଥିଲେ। ସେ ଅଭିଯୋଗ କରିଥିଲେ ଯେ ତାଙ୍କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅପେକ୍ଷା କରାଯାଇଥିଲା ଏବଂ ରାଜାଜିନଗର ଓ ମହାଲକ୍ଷ୍ମୀ ଲେଆଉଟ୍ ନିର୍ବାଚନମଣ୍ଡଳୀରେ ଦଳ ତାଙ୍କୁ ଓ ତାଙ୍କ ସମର୍ଥକଙ୍କୁ ପାର୍ଶ୍ୱକୁ ଠେଲି ଦେଇଥିଲା।ନରେନ୍ଦ୍ର ବାବୁ କୌଣସି ସର୍ତ୍ତ ବିନା କଂଗ୍ରେସ ଦଳରେ ଯୋଗଦେବା ନେଇ ନିଜର ନିଷ୍ପତ୍ତି ଘୋଷଣା କରିଥିଲେ। ରବିବାର ଦିନ ଅନୁଷ୍ଠିତ 'ଭାରତ ଯୋଡ଼' ସମ୍ମିଳନୀରେ ତାଙ୍କୁ ଆନୁଷ୍ଠାନିକ ଭାବେ ଦଳରେ ସାମିଲ କରାଯାଇଥିଲା। ୨୦୨୮ ବିଧାନସଭା ନିର୍ବାଚନ ପୂର୍ବରୁ ନିଜର 'ଅହିନ୍ଦା' ସାମାଜିକ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ଉଦ୍ୟମ କରୁଥିବା କଂଗ୍ରେସ ପାଇଁ ତାଙ୍କର ଏହି ଯୋଗଦାନକୁ ରାଜନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

## ଦିଶା ସାଲିଆନ୍ ମୃତ୍ୟୁ ମାମଲା

# ସିବିଆଇ ଏଫଆଇଆରରେ ଉଦ୍ଧବ ଓ ଆଦିତ୍ୟ ଠାକରେଙ୍କ ନାଁ

**ନୂଆଦିଲ୍ଲୀ,୧୪।୯(ଏଜେନ୍ସି):**ଦିଶା ସାଲିଆନ୍ ମୃତ୍ୟୁ ମାମଲାରେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଏବଂ ଆଦିତ୍ୟ ଠାକରେଙ୍କ ଅଡୁଆ ବଢୁଥିବା ନଜର ଆସୁଛି। ଏହି ମାମଲାରେ ଆଜି ସିବିଆଇ ଏକ ଏଫଆଇଆର ରୁଜୁ କରିଛି, ଯେଉଁଥିରେ ଉଦ୍ଧବ ଠାକରେ ଏବଂ ଆଦିତ୍ୟ ଠାକରେଙ୍କ ନାମ ସାମିଲ ରହିଛି। ଏହା ବ୍ୟତୀତ ସେହି ସମୟରେ ମୁମ୍ବାଇର ପୁଲିସ କମିଶନର ଥିବା ପରମବୀର ସିଂହ ଏବଂ ତତ୍କାଳୀନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ନାମ ମଧ୍ୟ ଏହି ମାମଲାରେ ଦର୍ଜ କରାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା ଏଥିରୁ କାହାକୁ ବି ସିଧାସଳଖ ଅଭିଯୁକ୍ତ କରାଯାଇ ନାହିଁ। ଏହି ଏଫଆଇଆରରେ ବଲିଉଡର କିଛି ଜଣାଶୁଣା ହସ୍ତୀ ଯଥା ଡିନୋ ମୋରିଆ, ସୂରଜ ପାଞ୍ଚୋଲି ଏବଂ ରିଆ ଚକ୍ରବର୍ତ୍ତୀଙ୍କ ନାମ ମଧ୍ୟ ସାମିଲ ଅଛି। ଦିଶା ସାଲିଆନ୍ ସ୍ୱର୍ଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମ୍ୟାନେଜର ଥିଲେ ଏବଂ ସୁଶାନ୍ତଙ୍କ ମୃତ୍ୟୁର କିଛି ଦିନ ପୂର୍ବରୁ ସନ୍ଦେହଜନକ ପରିସ୍ଥିତିରେ ଦିଶାଙ୍କ ମୃତ୍ୟୁ ଘଟିଥିଲା। ଅଭିଯୋଗ ହୋଇଛି ଯେ, ଆଦିତ୍ୟ ଠାକରେଙ୍କ ପିତା ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଏବଂ ଅନ୍ୟମାନେ ଷଡ଼ଯନ୍ତ୍ର ଫାନ୍ଦିବା ସହ ମାମଲାକୁ ଚାପିଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସମ୍ପୃକ୍ତ ସରକାରୀ କର୍ମଚାରୀ ଓ ପୋଲିସ ଅଧିକାରୀମାନେ ମାମଲା ସହ ଜଡ଼ିତ କାଗଜପତ୍ର, ଫାଇଲ୍ ଏବଂ ଅନ୍ୟାନ୍ୟ ସରକାରୀ ରେକର୍ଡ ନଷ୍ଟ କିମ୍ବା ଗାଏବ କରିଛନ୍ତି କି ନାହିଁ, ସେ ନେଇ ସେମାନଙ୍କ ତଦନ୍ତ କରାଯିବା ଆବଶ୍ୟକ। ଏହାସହ ସରକାରୀ ରେକର୍ଡରେ ଜାଲିଆତି କରି ଅଭିଯୁକ୍ତମାନଙ୍କୁ ବଞ୍ଚାଇବା ପାଇଁ ସରକାରୀ ଅର୍ଥ, କର୍ମଚାରୀ ଏବଂ ପୋଲିସ ବ୍ୟବସ୍ଥାର ବେଆଇନ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି।FIR ରେ



ଦର୍ଶାଯାଇଛି ଯେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଓ ଅନ୍ୟମାନେ ଏହି ମାମଲାକୁ ଚାପିଦେବା ପାଇଁ ଷଡ଼ଯନ୍ତ୍ର କରିଥିଲେ। ସମ୍ପୃକ୍ତ ସରକାରୀ କର୍ମଚାରୀ ଓ ପୋଲିସ ଅଧିକାରୀମାନେ ତଦନ୍ତ ଫାଇଲ୍ ନଷ୍ଟ କରିବା, ରେକର୍ଡ ଜାଲିଆତି କରିବା ଏବଂ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବା ପାଇଁ ସରକାରୀ କଳର ଅପବ୍ୟବହାର କରିଥିବା ଅଭିଯୋଗର ତଦନ୍ତ ହେବ।ମୂଳ ଅପରାଧ, ଅପରାଧିକ ଷଡ଼ଯନ୍ତ୍ର, ଏହାପରେ ମିଥ୍ୟା ଆତ୍ମହତ୍ୟାର କାହାଣୀ ପ୍ରସ୍ତୁତ କରିବା, ତାହାକୁ ପ୍ରଚାର କରିବା ଏବଂ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଅନେକ ପ୍ରମୁଖ ବ୍ୟକ୍ତିଙ୍କ ଭୂମିକାର ତଦନ୍ତ କରାଯିବ। ଏହି ତାଲିକାରେ ଆଦିତ୍ୟ ଠାକରେ, ରୋହନ ରୋୟ, ଡିନୋ ମୋରିଆ, ସୂରଜ ପାଞ୍ଚୋଲି, ଆଦିତ୍ୟ ଠାକରେଙ୍କ ବଡିଗାର୍ଡ, ରିଆ ଚକ୍ରବର୍ତ୍ତୀ, ଶୌବିକ ଚକ୍ରବର୍ତ୍ତୀ, ସଚିନ ୱାଜେ, ପରମବୀର ସିଂହ, ଡିସିପି ବିଶାଲ ଠାକୁର, ଉଦ୍ଧବ ଠାକରେ ଏବଂ ଅନିଲ ଦେଶମୁଖ ପ୍ରମୁଖ ସାମିଲ ଅଛନ୍ତି। ଏହାସହିତ ଏପିଆଇ ଅଶୋକ ଦେୱାଡେ, ପିଆଇ ଜଗଦେବ କଲାପଡ, ପିଆଇ ଶୈଳେନ୍ଦ୍ର ନଗରକର, ପିଆଇ ଚିମାଜି ଆଧବ, ପିଆଇ ଅର୍ଜୁନ ରାଜାନେ ଏବଂ ମାଲୱାଣୀ ପୋଲିସ ଷ୍ଟେସନର ସମ୍ପୃକ୍ତ ଅଧିକାରୀମାନଙ୍କ ନାମ ମଧ୍ୟ ରହିଛି। ଏହାଛଡ଼ା ବିଳମ୍ବରେ ପୋଷ୍ଟମର୍ଟମ କରିଥିବା ଡାକ୍ତର ଓ ଷ୍ଟାଫ୍ ଡକ୍ଟର ସଞ୍ଜୟ ଯାଦବ ଏବଂ କାଲିନା ସ୍ଥିତ ଫୋରେନ୍ସିକ୍ ସାଇନ୍ସ ଲାବୋରେଟୋରୀର ସମ୍ପୃକ୍ତ ଅଧିକାରୀ, ଯେଉଁଥିରେ ସହାୟକ କେମିକାଲ୍ ଆନାଲାଇଜର ଘ.ଚ. ଭାଲେ ମଧ୍ୟ ଅଛନ୍ତି, ସେମାନଙ୍କ ନାମ ରଓଜ ରେ ଉଲ୍ଲେଖ ରହିଛି।

# ମଣିପୁରରେ ପୁଣି ହିଂସା, ୪ ମୃତ

**ନୂଆଦିଲ୍ଲୀ,୧୪।୯(ଏଜେନ୍ସି):**ପୁଣି ଅଶାନ୍ତ ମଣିପୁର। ଗତ ୨୪ ଘଣ୍ଟାରେ କୁକୀ ସମ୍ପ୍ରଦାୟର ଚାରିଜଣଙ୍କୁ ହତ୍ୟା। ଯେଉଁଥିରେ ଦୁଇଜଣ ମହିଳା ଥିବା ଜଣାପଡିଛି। ତାମେଙ୍ଗଲୋଙ୍ଗ ଏବଂ ନୋନି ଜିଲ୍ଲାରେ ଏହି ଅଭାବନୀୟ ଘଟଣା ଘଟିଛି। ତାମେଙ୍ଗଲୋଙ୍ଗ ଜିଲ୍ଲାର କୈମାଇ ଥାନା ଅନ୍ତର୍ଗତ ଟୋଲେନ୍ କୁକୀ ଗାଁରେ ଜଣେ ମହିଳାଙ୍କ ସମେତ ଦୁଇଜଣଙ୍କର ମୃତ୍ୟୁ ହୋଇଥିବାବେଳେ, ନୋନି ଜିଲ୍ଲାର ନୁଙ୍ଗବା ଥାନା ଅନ୍ତର୍ଗତ ଲୋଙ୍ଗପି ଗାଁରେ ଆଉ ଏକ ଆକ୍ରମଣରେ ଆଉ ଦୁଇଜଣଙ୍କୁ ଗୁଳି କରି ହତ୍ୟା କରାଯାଇଛି। ସେହିପରି ୬ ବର୍ଷର ଏକ ନିରୀହ ଶିଶୁ ଗୁଳିମାଡର ଶିକାର ହୋଇଛନ୍ତି। ପୁଲିସର ସୂଚନା ଅନୁସାରେ, ଟୋଲେନ୍ ଗାଁରେ ସନ୍ଦିଗ୍ଧ ଉଗ୍ରବାଦୀମାନେ ଏକ ଘର ଉପରେ ଆକ୍ରମଣ କରିଥିଲେ, ଯେଉଁଥିରେ ଜଣେ ମହିଳାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହି ଆକ୍ରମଣରେ ତାଙ୍କ ସ୍ୱାମୀ ଏବଂ ୬ ବର୍ଷର କୁନି ପୁଅ ମଧ୍ୟ ଗୁଳିମାଡ଼ର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ଆହତମାନଙ୍କୁ ଆଶାମର ସିଲଚର ନିଆଯାଉଥିବା ବେଳେ ରାସ୍ତାରେ ସ୍ୱାମୀଙ୍କର ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ ଖବର ପାଇବା ପରେ ସୁରକ୍ଷା ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ଅନ୍ୟ ଏକ ଘଟଣାରେ, ଲୋଙ୍ଗପି ଗାଁରେ ସଶସ୍ତ୍ର ଉଗ୍ରବାଦୀମାନେ ଅତର୍କିତ ଗୁଳିଚାଳନା କରିଥିଲେ, ଯେଉଁଥିରେ ଦୁଇଜଣଙ୍କର ଜୀବନ ଯାଇଛି। ଏହି ସମସ୍ତ ମୃତକ କୁକୀ ସମ୍ପ୍ରଦାୟର ବୋଲି ଜଣାପଡିଛି। ଏହି ଆକ୍ରମଣ ପଛରେ ଏନଏସସିଏନ୍ ଏବଂ ଜେଡ୍‌ୟୁଏଫ୍ ପରି ନାଗା ବିଦ୍ରୋହୀ ଗୋଷ୍ଠୀର ହାତ ଥିବା ସନ୍ଦେହ କରାଯାଉଛି। ଘଟଣାକୁ ନିନ୍ଦା କରିଛନ୍ତି ମଣିପୁର ମୁଖ୍ୟମନ୍ତ୍ରୀ ୟୁମନାମ ଖେମଚନ୍ଦ ସିଂହ। ରାଜ୍ୟରେ ଶାନ୍ତି ବଜାୟ ରଖିବାକୁ ସେ ଅପିଲ୍ କରିଛନ୍ତି।

# ଚୀନ୍ ଆମ ଉପରେ ଗୁପ୍ତଚରୀ କରୁଛି, ଆମେ ମଧ୍ୟ ସେହିପରି କରୁଛୁ

**ନୂଆଦିଲ୍ଲୀ,୧୪।୯(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍‌କୁ ନେଇ ଏକ ବଡ ବିବୃତି ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ, ଚୀନ୍ ଆମେରିକା ଉପରେ ଗୁପ୍ତଚରୀ କରେ, ଏବଂ ଆମେରିକା ଚୀନ୍ ପ୍ରତି ମଧ୍ୟ ସମାନ କାର୍ଯ୍ୟ କରିଥାଏ। ଟ୍ରମ୍ପ କହିଛନ୍ତି ଯେ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଗସ୍ତ ସମୟରେ ତାଙ୍କ ସହିତ ମୁଁ ପ୍ରାୟ ସବୁକିଛି ଆଲୋଚନା କରିବି। ତେବେ ଟ୍ରମ୍ପଙ୍କ ଏହି ଦାବି ପୁଣି ଥରେ ଚୀନ୍ ଗୁପ୍ତଚରୀ ବିଷୟରେ ହେଉଥିବା ଆଲୋଚନାକୁ ଉଷ୍ମ କରିଛି। ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଆମେରିକା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ରିପୋର୍ଟ ଅନୁଯାୟୀ, ସି ଜିନପିଙ୍ଗ ୨୩ ସେପ୍ଟେମ୍ବର, ୨୦୨୬ରେ ଆମେରିକା ଆସିବାର କାର୍ଯ୍ୟକ୍ରମ ରହିଛି। ସେ ୨୪ ସେପ୍ଟେମ୍ବରରେ ହ୍ୱାଇଟ୍ ହାଉସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ସାକ୍ଷାତ କରିବେ। ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଜୁନ୍ ମାସରେ ଚୀନ୍ ଗସ୍ତ କରିଥିଲେ। ସେ ସି ଜିନପିଙ୍ଗଙ୍କ ସହ ତାଙ୍କର ସାକ୍ଷାତକୁ ବହୁତ ସକାରାତ୍ମକ ବୋଲି ବର୍ଣ୍ଣନା କରିଥିଲେ।



# ମଧ୍ୟପ୍ରାଚ୍ୟରେ ଉତ୍ତେଜନା, ତେଲ ବଜାରରେ ବଡ଼ ଝଟକା

**ନୂଆଦିଲ୍ଲୀ,୧୪।୯(ଏଜେନ୍ସି):**ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତ ?ଜନାର ପ୍ରଭାବ ଏବେ ବିଶ୍ୱ ତୈଳ ବଜାର ଉପରେ ପଡ଼ିବାକୁ ଲାଗିଛି। ଡ୍ରୋନ୍ ଆକ୍ରମଣ ପରେ ସାଉଦି ଆରବର ଗୁରୁତ୍ୱପୂର୍ଣ୍ଣ ଇଷ୍ଟ-ୱେଷ୍ଟ ଅଏଲ୍ ପାଇପଲାଇନ୍‌କୁ ସାମୟିକ ଭାବେ ବନ୍ଦ କରାଯାଇଛି। ହର୍ମୁଜ୍ ପ୍ରଣାଳୀରେ ବିକଳ୍ପ ରାସ୍ତା ଭାବେ ଏହି ପାଇପଲାଇନ୍ ସାଉଦି ଆରବ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହା ବନ୍ଦ ହେବା ପରେ ବିଶ୍ୱ ତୈଳ ଯୋଗାଣକୁ ନେଇ ଚିନ୍ତା ବଢ଼ିଛି।ରଏଟର୍ସ ରିପୋର୍ଟ ଅନୁସାରେ, ପାଇପଲାଇନ୍ ଶୀଘ୍ର ଚାଲୁ ନହେଲେ ବିଶ୍ୱର ମୋଟ ତୈଳ ଯୋଗାଣର ପ୍ରାୟ ୪ ପ୍ରତିଶତ ପ୍ରଭାବିତ ହୋଇପାରେ। ସାଉଦି ଆରବର ଇଷ୍ଟ-ୱେଷ୍ଟ ପାଇପଲାଇନ୍ ପ୍ରାୟ ୧୨୦୦ କିଲୋମିଟର ଲମ୍ବା। ଆରବ ଉପଦ୍ୱୀପ ଦେଇ ଏହି ପାଇପଲାଇନ୍ ମାଧ୍ୟମରେ ଅଶୋଧିତ ତୈଳକୁ ଲୋହିତ ସାଗର କୂଳରେ ଥିବା ୟାନବୁ ବନ୍ଦରକୁ ପଠାଯାଏ। ଗତ କିଛି ମାସ ଧରି ଏହି ରାସ୍ତାରେ ପ୍ରତିଦିନ ପ୍ରାୟ ୪୦ରୁ ୫୦ ଲକ୍ଷ ବ୍ୟାରେଲ୍ ତୈଳ ପଠାଯାଉଥିଲା। ହର୍ମୁଜ୍ ପ୍ରଣାଳୀରେ ଉତ୍ତେଜନା ଯୋଗୁଁ ଟ୍ୟାଙ୍କର୍ ଚଳାଚଳ ପ୍ରଭାବିତ ହେଉଥିବାରୁ ୟାନବୁ ରାସ୍ତା ସାଉଦି ଆରବ ପାଇଁ ତୈଳ ରପ୍ତାନିର ଏକ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ ହୋଇଥିଲା।ପାଇପଲାଇନ୍ ବନ୍ଦ ହେବା ପରେ ୟାନବୁରେ ଥିବା ତୈଳ ଷ୍ଟକ୍ ଉପରେ ଚାପ ବଢ଼ିଛି। ରିପୋର୍ଟ ଅନୁସାରେ, ବର୍ତ୍ତମାନର ଷ୍ଟକ୍‌ରୁ ସାଉଦି ଆରବ ପ୍ରାୟ ୫ରୁ ୭ ଦିନ ପର୍ଯ୍ୟନ୍ତ ତୈଳ ରପ୍ତାନି ଜାରି ରଖିପାରିବ। ମିଶରର ଐନ୍ ସୁଖନା ଓ ସିଦି କେରିର୍ ବନ୍ଦରରେ ଥିବା ଅତିରିକ୍ତ ସାଉଦି ତୈଳ ଷ୍ଟକ୍ କିଛି ସମୟ ପାଇଁ ସହାୟକ ହୋଇପାରେ। କିନ୍ତୁ ପାଇପଲାଇନ୍ ଦୀର୍ଘ ସମୟ ବନ୍ଦ ରହିଲେ ଏହା ସମ୍ପୂର୍ଣ୍ଣ ବିକଳ୍ପ ହୋଇପାରିବ ନାହିଁ। ପାଇପଲାଇନ୍ ମରାମତି ପାଇଁ କେତେ ସମୟ ଲାଗିବ, ତାହା ନେଇ ଭିନ୍ନ ଭିନ୍ନ ଆକଳନ ସାମ୍ନାକୁ ଆସୁଛି।

# ୨୫ ବର୍ଷରେ ଆମେରିକାକୁ ପଛରେ ପକାଇବ ଭାରତ

**ନୂଆଦିଲ୍ଲୀ,୧୪।୯(ଏଜେନ୍ସି):** ଭାରତର ଅର୍ଥନୀତି ଆଗକୁ ବଢୁଛି। ଆସନ୍ତା ୨୫ ବର୍ଷ ମଧ୍ୟରେ ଭାରତର ଅର୍ଥନୀତି ଆମେରିକାକୁ ଟପିଯିବା ସହ ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥନୀତି ହେବ ବୋଲି ଆମେରିକାର ଜଣାଶୁଣା ଅର୍ଥନୀତିଜ୍ଞ ତଥା କଲମ୍ବିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଜେଫ୍ରି ସାକ୍ସ କହିଛନ୍ତି। କେବଳ ସେତିକି ନୁହେଁ ବିଶ୍ୱ ଅର୍ଥନୀତିର କେନ୍ଦ୍ର ପୁଣି ଥରେ ଏସିଆକୁ ଆସିବ ବୋଲି ସେ ମତ ଦେଇଛନ୍ତି।ଭାରତ ଓ ଚୀନ ମଧ୍ୟରେ ଦୃଢ ସମ୍ପର୍କ ସ୍ଥାପନ ପାଇଁ ଅନେକ ଦିନ ହେଲା ଯୁକ୍ତି ବାଢି ଆସୁଥିବା ସାକ୍ସ କହିଛନ୍ତି ଯେ ଏସିଆର ଏହି ଦୁଇ ଅର୍ଥନୀତି ୨୫ ବର୍ଷରୁ କମ୍ ସମୟ ମଧ୍ୟରେ ବିଶ୍ୱର ଦୁଇଟି ବୃହତ୍ ଅର୍ଥନୀତିରେ ପରିଣତ ହେବେ ଏବଂ ଆମେରିକା ଅର୍ଥନୀତି ତୃତୀୟ ସ୍ଥାନକୁ ଖସିଯିବ। ଏପରିକି ଚଳିତ ଶତାବ୍ଦୀରେ ଭାରତ ବିଶ୍ୱର ସବୁଠୁ ବଡ ଅର୍ଥନୀତିରେ ମଧ୍ୟ ପରିଣତ ହେବ ବୋଲି ଇଣ୍ଡିଆ ଟୁଡେକୁ ଦେଇଥିବା ସାକ୍ଷାତକାରରେ ସେ କହିଛନ୍ତି।ଭାରତ ଅନ୍ୟ ପ୍ରମୁଖ ଅର୍ଥନୀତି ତୁଳନାରେ ଅଧିକ ବେଗରେ ଆଗକୁ ବଢୁଛି। ଚୀନ ସହିତ ଅଧିକ ଅର୍ଥନୈତିକ ଓ ପ୍ରଯୁକ୍ତିଗତ ସମ୍ପର୍କ ସ୍ଥାପନ ଜରିଆରେ ଭାରତ ଏହାର ଅଭିବୃଦ୍ଧି ହାରକୁ ଆହୁରି ଅଧିକ ତ୍ୱରାନ୍ୱିତ କରିପାରିବ। ଚୀନ ତୁଳନାରେ ଭାରତର ଜନସାଂଖ୍ୟିକ ଲାଭ ସଂପର୍କରେ ମଧ୍ୟ ସେ ଅବତାରଣା କରିଛନ୍ତି। ଭାରତର ଜନସଂଖ୍ୟା ୧୫୦ କୋଟି ପାଖାପାଖି ଥିବାବେଳେ ଚୀନର ଜନସଂଖ୍ୟା ପ୍ରାୟ ୧୪୦ କୋଟି ପାଖାପାଖି ରହିଛି। ଚୀନର ଲୋକସଂଖ୍ୟା କମୁଥିବାବେଳେ ଭାରତର ଲୋକସଂଖ୍ୟା ବଢୁଛି।ଭାରତ ଓ ଚୀନର ସମ୍ପର୍କକୁ ସେ ବିଶ୍ୱରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ସଂପର୍କ ଆଖ୍ୟା ଦେଇଛନ୍ତି। ଦୁଇ ଦେଶ ମଧ୍ୟରେ ଉତ୍ତମ ସମ୍ପର୍କ ବିଶ୍ୱ ପାଇଁ ସୁଦୂରପ୍ରସାରୀ ପ୍ରଭାବ ରଖିଛି। ସୀମା ବିବାଦ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଖରାପ କରିଥିବା ବିଷୟକୁ ସେ ସ୍ୱୀକାର କରିଛନ୍ତି। କିନ୍ତୁ ସେ ଏହା ମଧ୍ୟ ଯୁକ୍ତି ରଖିଛନ୍ତି ଚୀନ ଓ ଭାରତ ପରସ୍ପର ପାଇଁ ଲୋଡା। ସମ୍ପର୍କ ଭଲ ହେଲେ ବାଣିଜ୍ୟ, ନିବେଶ, ପ୍ରଯୁକ୍ତି କ୍ଷେତ୍ରରେ ସହଯୋଗିତା ବଢିବ। ଦୁଇ ଦେଶ ମଧ୍ୟରେ ସମ୍ପର୍କ ମଜଭୁତ ହେଲେ ଚୀନ ଓ ପାକିସ୍ତାନ ମଧ୍ୟରେ ବଢୁଥିବା ସମ୍ପର୍କକୁ ନେଇ ନୂଆଦିଲ୍ଲୀର ଯେଉଁ ଚିନ୍ତା ରହିଛି ତାହା କମିବ। ତାଙ୍କ ମତରେ ୪ଟି ସୁପର ପାୱାର ହେଉଛନ୍ତି ଆମେରିକା, ରୁଷ୍, ଭାରତ ଓ ଚୀନ ଏବଂ ସେମାନଙ୍କୁ ପରସ୍ପର ସହିତ ମିଶିବାକୁ ହେବ। ଦୀର୍ଘ ୨୦୦୦ ବର୍ଷ ଧରି ଏସିଆ ବିଶ୍ୱ ଅର୍ଥନୀତିର କେନ୍ଦ୍ର ଭାବେ ରହିଥିଲା, ଅଷ୍ଟାଦଶ ଶତାବ୍ଦୀ ପରେ କିଛି ସମୟ ପାଇଁ ଏହା ପଳାଇଥିଲାବେଳେ ତାହା ପୁଣି ଏସିଆକୁ ଫେରିଛି ବୋଲି ସାକ୍ସ କହିଛନ୍ତି।

# ଦୁଷ୍କର୍ମ ମାମଲାରେ ଆତ୍ମସମର୍ପଣ କଲେ ତରୁଣ ତେଜପାଲ

**ନୂଆଦିଲ୍ଲୀ,୧୪।୯(ଏଜେନ୍ସି):** ୨୦୧୩ ଦୁଷ୍କର୍ମ ମାମଲାରେ 'ତହଲକା'ର ପୂର୍ବତନ ଏଡିଟର-ଇନ୍-ଚିଫ୍ ତରୁଣ ତେଜପାଲ ଆତ୍ମସମର୍ପଣ କରିଛନ୍ତି। ସୋମବାର ଗୋଆର ମାପୁସା କୋର୍ଟରେ ସେ ସରେଣ୍ଡର କରିଛନ୍ତି। ବମ୍ବେ ହାଇକୋର୍ଟଙ୍କ ଦୋଷୀ ସାବ୍ୟସ୍ତ ରାୟ ବିରୋଧରେ ତାଙ୍କ ଆବେଦନର ଶୁଣାଣି ପୂର୍ବରୁ ସରେଣ୍ଡର କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।ଗତ ମାସରେ ସୁପ୍ରିମକୋର୍ଟ ତେଜପାଲଙ୍କ ସରେଣ୍ଡରରୁ ଛାଡ଼ ପାଇଁ ହୋଇଥିବା ଆବେଦନକୁ ଖାରଜ କରିଥିଲେ। ଏଥିସହ ୩ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଘଟଣାଟି ୨୦୧୩ ନଭେମ୍ବରର। ଜଣେ ମହିଳା ସାମ୍ବାଦିକ ତରୁଣ ତେଜପାଲଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ୭ ଓ ୮ ନଭେମ୍ବର ୨୦୧୩ରେ ଗୋଆର ଏକ ହୋଟେଲର ଲିଫ୍ଟ ଭିତରେ ତେଜପାଲ ତାଙ୍କୁ ଯୌନ ଉତ୍ପୀଡ଼ନ କରିଥିବା ମହିଳା ସାମ୍ବାଦିକ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପରେ ୩୦ ନଭେମ୍ବର ୨୦୧୩ରେ ତେଜପାଲଙ୍କୁ ଗିରଫ କରାଯାଇଥିଲା।ମାମଲାର ଶୁଣାଣି ପରେ ବମ୍ବେ ହାଇକୋର୍ଟ ତେଜପାଲଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏହି ରାୟକୁ ଚ୍ୟାଲେଞ୍ଜ କରି ତେଜପାଲ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ଏହି ଆବେଦନର ଶୁଣାଣି ପାଇଁ ତାଙ୍କ ପକ୍ଷରୁ ଦାବି କରାଯାଉଛି। ସରେଣ୍ଡର କରିବାରୁ ଛାଡ଼ ପାଇଁ ତେଜପାଲ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ପ୍ରଥମେ ତାଙ୍କ ଆବେଦନକୁ ତାଲିକାଭୁକ୍ତ କରି ଶୁଣାଣି କରାଯାଉ ଏବଂ ଏହାପରେ ସରେଣ୍ଡରର ଆବଶ୍ୟକତା ଉପରେ ନିଷ୍ପତ୍ତି ନିଆଯାଉ ବୋଲି ତାଙ୍କ ପକ୍ଷରୁ ଦାବି କରାଯାଇଥିଲା।ତେଜପାଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଯୁକ୍ତି ଦର୍ଶାଇ କହିଥିଲେ ଯେ, ଉପଯୁକ୍ତ ମାମଲାରେ କୋର୍ଟ ସରେଣ୍ଡରର ଅନିବାର୍ଯ୍ୟତାରୁ ଛାଡ଼ ଦେଇପାରିବେ। ଅଭିଯୁକ୍ତ ସରେଣ୍ଡର ନକରିଥିଲେ ମଧ୍ୟ ଅପରାଧିକ ଆବେଦନକୁ ତାଲିକାଭୁକ୍ତ କରି ଶୁଣାଣି କରାଯାଇପାରିବ ବୋଲି ସେ ଦଲିଲ ରଖିଥିଲେଗୋଆ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା ତେଜପାଲଙ୍କ ସରେଣ୍ଡରରୁ ଛାଡ଼ ଦାବିକୁ ବିରୋଧ କରିଥିଲେ। ମାମଲାର ଗୁରୁତ୍ୱ ଓ ତଥ୍ୟକୁ ବିଚାରକୁ ନେଇ ଏଭଳି ଆବେଦନ ଉପରେ ନିଷ୍ପତ୍ତି ନିଆଯିବା ଉଚିତ ବୋଲି ସେ କହିଥିଲେ। ତୁଷାର ମେହେଟା ବମ୍ବେ ହାଇକୋର୍ଟଙ୍କ ରାୟର ଉଲ୍ଲେଖ କରି କହିଥିଲେ ଯେ, ଏହା ଏକ ଗୁରୁତର ଦୁଷ୍କର୍ମ ମାମଲା। ଏହି ମାମଲାରେ ତରୁଣ ତେଜପାଲଙ୍କୁ ୧୦ ବର୍ଷର କଠୋର କାରାଦଣ୍ଡ ଦିଆଯାଇଛି।



# ପୋଲାଣ୍ଡ ସୀମାରେ ରେଳ ଷ୍ଟେସନକୁ ଟାର୍ଗେଟ କଲା ରୁଷ ଡ୍ରୋନ୍

**ନୂଆଦିଲ୍ଲୀ,୧୪।୯(ଏଜେନ୍ସି):**ୟୁକ୍ରେନ-ପୋଲାଣ୍ଡ ସୀମା ନିକଟରେ ଏକ ରେଳ ଷ୍ଟେସନକୁ ଟାର୍ଗେଟ କରି ଏକ ରୁଷ ଡ୍ରୋନ୍ ଆକ୍ରମଣ କରିଥିଲା। ଠିକ୍ ସେହି ସମୟରେ ବ୍ରିଟେନ ଏବଂ ସ୍ୱିଡେନର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସମେତ ଅନେକ ବରିଷ୍ଠ ବୈଦେଶିକ ଅଧିକାରୀ ଅନ୍ୟ ଏକ ଟ୍ରେନ୍‌ରେ ସେହି ଅଞ୍ଚଳ ଦେଇ ଯାତ୍ରା କରୁଥିଲେ।ୟୁକ୍ରେନର ରେଳ ଅପରେଟରଙ୍କ ଅନୁଯାୟୀ, ପୂର୍ବତନ ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ, ପୂର୍ବତନ ସ୍ୱିଡିସ୍ ପ୍ରଧାନମନ୍ତ୍ରୀ କାର୍ଲ ବିଲ୍ଟ ଏବଂ ଅନେକ ଇୟୁ ଦେଶର ସୁରକ୍ଷା ପରାମର୍ଶଦାତାଙ୍କୁ ନେଇ ଯାଉଥିବା ଏକ କୂଟନୈତିକ ଟ୍ରେନ୍ ଜାଣିଶୁଣି ୟାହୋଦିନ୍ ଷ୍ଟେସନ୍ ନିର୍ଦ୍ଧାରିତ ସମୟ ପୂର୍ବରୁ ଛାଡ଼ି ଦେଇଥିଲା। ବିଦେଶୀ ଅଧିକାରୀମାନେ କିଭ୍‌ରେ ଏକ ସୁରକ୍ଷା ସମ୍ମିଳନୀରୁ ଫେରୁଥିଲେ। ରେଳ ଅପରେଟର ଟେଲିଗ୍ରାମରେ ଏକ ପୋଷ୍ଟରେ କହିଛନ୍ତି ଯେ, ରୁଷ ଡ୍ରୋନର ପ୍ରକୃତ ଟାର୍ଗେଟ ନିର୍ଦ୍ଧାରିତ ସମୟ ପୂର୍ବରୁ ଷ୍ଟେସନ ଛାଡିଥିବା କୂଟନୈତିକ ଟ୍ରେନ୍ ଥିଲା ବୋଲି ଆଶଙ୍କା କରାଯାଉଛି। ପୂର୍ବତନ ସ୍ୱିଡିସ ପ୍ରଧାନମନ୍ତ୍ରୀ ବିଲ୍ଟ ସୋସିଆଲ ମିଡିଆ ଏକ୍ସରେ ୟାହୋଦିନ-ଡୋରୁହୁସ୍କ ସୀମା କ୍ରସିଂ ନିକଟରେ ଅବସ୍ଥିତ ୟାହୋଦିନ ଷ୍ଟେସନରେ ହୋଇଥିବା ଆକ୍ରମଣର ଏକ ଭିଡିଓ ସେୟାର କରିଛନ୍ତିରେଳବାଇ ଅପରେଟରଙ୍କ ଅନୁଯାୟୀ, ଡ୍ରୋନ୍ ଆକ୍ରମଣ ସମୟରେ ପୂର୍ବତନ ସିଆଇଏ ନିର୍ଦ୍ଦେଶକ ଡେଭିଡ ପେଟ୍ରେଅସଙ୍କୁ ନେଇ ଯାଉଥିବା ଅନ୍ୟ ଏକ ଟ୍ରେନ୍ ୟାହୋଦିନ୍ ଷ୍ଟେସନରେ ଥିଲା। ତେବେ କେହି ମୃତାହତ ହୋଇଥିବାର କୌଣସି ରିପୋର୍ଟ ମିଳିନାହିଁ। ରୁଷିଆ ଆକ୍ରମଣର ଆଶଙ୍କା ଯୋଗୁଁ ଶେଷ ମୁହୂର୍ତ୍ତରେ ଟ୍ରେନ୍ ସମୟସୂଚୀ ପରିବର୍ତ୍ତନ କରାଯାଇଥିଲା। ଥିଲା।

# ରାଜଭାଷା ସମ୍ମିଳନୀ: ସାଂସ୍କୃତିକ ଜାତୀୟତାବାଦ ଓ ଭାରତୀୟ ଭାଷାର ପ୍ରୋତ୍ସାହନ ଉପରେ ଅମିତ ଶାହଙ୍କ ଗୁରୁତ୍ୱ

**ନୂଆଦିଲ୍ଲୀ,୧୪।୯(ଏଜେନ୍ସି):** କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ସୋମବାର ସାଂସ୍କୃତିକ ଜାତୀୟତାବାଦ ଓ ଭାରତୀୟ ଭାଷାର ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦେଇଛନ୍ତି। ଶାହ କହିଛନ୍ତି, ସାଂସ୍କୃତିକ ଜାତୀୟତାବାଦର ଉଦ୍ଦେଶ୍ୟ ଭାରତର ସଂସ୍କୃତି ଓ ଇତିହାସ ନେଇ ସଚେତନତା ସୃଷ୍ଟି କରିବା। ଦେଶର ବିବିଧ ଭାଷାର ସ୍ୱର ଭିନ୍ନ ହୋଇପାରେ, କିନ୍ତୁ ଜାତୀୟ ଭାବନା ଏକ ରହିବା ଉଚିତ। ଜଣେ ଶିଶୁ ନିଜ ଦେଶକୁ ତା'ର ମାତୃଭାଷା ଦ୍ୱାରା ଚିହ୍ନିପାରେ ବୋଲି ଶାହ କହିବା ସହିତ ଭାରତୀୟ ଭାଷାର ପ୍ରୋତ୍ସାହନ ପାଇଁ ସମସ୍ତ ରାଜନୈତିକ ମତଭେଦକୁ ଅଲଗା ରଖିବା ଉଚିତ ବୋଲି ଆହ୍ୱାନ ଦେଇଥିଲେ। ଷଷ୍ଠ ସର୍ବଭାରତୀୟ ରାଜଭାଷା ସମ୍ମିଳନୀକୁ ସମ୍ବୋଧିତ କରି ଶାହ କହିଥିଲେ ଯେ, ମହାରାଷ୍ଟ୍ରରେ ଦେଶର ସବୁଠାରୁ ଅଧିକ ବହୁଭାଷୀ ସଂସ୍କୃତି ରହିଛି, ଏଠାରେ




କଥିତ ଓ ବିକଶିତ ଭାଷା ମଧ୍ୟରେ ମରାଠୀ, କୋଙ୍କଣୀ, ଗୁଜରାଟୀ, ସିନ୍ଧି, ହିନ୍ଦୀ, କନ୍ନଡ ଓ ୱାର୍ଲି ଅନ୍ତର୍ଭୁକ୍ତ। ସେ ଆହୁରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମରାଠୀକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେଇଛନ୍ତି।

ରାଷ୍ଟ୍ରୀୟ ଶିକ୍ଷା ନୀତି ଅଧୀନରେ ମାତୃଭାଷା ଶିକ୍ଷାକୁ ବାଧ୍ୟତାମୂଳକ କରିବା ପାଇଁ ଶାହ ପ୍ରଧାନମନ୍ତ୍ରୀଙ୍କୁ ଶ୍ରେୟ ଦେଇଥିଲେ ଓ କହିଥିଲେ ଯେ, ଛାତ୍ରଛାତ୍ରୀମାନେ ଅନ୍ୟ ଏକ ଭାରତୀୟ ଭାଷା ଶିଖିବା ମଧ୍ୟ ବାଧ୍ୟତାମୂଳକ। ନିଜ ମାତୃଭାଷା ବ୍ୟତୀତ ଆଉ ଏକ ଭାଷା ଶିଖିବାକୁ ଯେଉଁମାନେ ବିରୋଧ କରୁଛନ୍ତି ସେମାନେ ଜାଣିନାହାନ୍ତି ସେମାନେ କ'ଣ ପାପ କରୁଛନ୍ତି। ହିନ୍ଦୀକୁ ପ୍ରତିଦ୍ୱନ୍ଦ୍ୱୀ ଭାଷା ଭାବେ ନ ଦେଖିବାକୁ ଶାହ କହିଛନ୍ତି। ଏହି ଅବସରରେ ଶାହ କହିଥଲେ, 'ବନ୍ଦେ ମାତରମ୍'କୁ ଏହାର ପୂର୍ଣ୍ଣ ଗେ ?ରବ ଫେରାଇବାକୁ ୮୦ ବର୍ଷ ସମୟ ଲାଗିଥିଲା।









# ସାମସଙ୍ଗ ସଲ୍‌ଭ ଫର ଟୁମୋରୋ ୨୦୨୬ର ଶୀର୍ଷ ୨୦ଟି ଟିମ୍‌ର ନାମ ଘୋଷିତ




**ଭୁବନେଶ୍ୱର, ୧୪।୯ (ନି.ପ୍ର) :** ସାମସଙ୍ଗ ଇଣ୍ଡିଆ ପକ୍ଷରୁ ଆଜି ଏହାର ପ୍ରମୁଖ କାର୍ଯ୍ୟକ୍ରମ ସାମ୍‌ସଙ୍ଗ ସଲ୍‌ଭ ଫର ଟୁମୋରୋ ୨୦୨୬ର ଶୀର୍ଷ ୨୦ ଜଣ ଫାଇନାଲିଷ୍ଟଙ୍କ ନାମ ଘୋଷଣା କରାଯାଇଛି। ଏକ ଆ'ର୍ଜାତୀୟ ସମସ୍ୟା-ସମାଧାନକାରୀ ପ୍ଲାଟଫର୍ମ ସାମସଙ୍ଗ ସଲ୍‌ଭ ଫର ଟୁମୋରୋ ବିଶ୍ୱବ୍ୟାପୀ ଯୁବପିଢିଙ୍କୁ ଏସଟିଇଏମ (ସାଇନ୍ସ, ଟେକ୍ନୋଲୋଜି, ଇନିୟରିଂ ଓ ମ୍ୟାଥ୍)ର ବ୍ୟବହାର କରି ଏକ ଉତ୍ତମ ଭବିଷ୍ୟତ ଗଠନ କରିବା ପାଇଁ ସାହାଯ୍ୟ କରିଥାଏ। ଅଂଶଗ୍ରହଣକାରୀମାନେ ନିଜ ସମୁଦାୟର ସମସ୍ୟାଗୁଡିକୁ ଚିହ୍ନଟ କରିଥାନ୍ତି ଓ ଟେକ୍ନୋଲୋଜି ସହଯୋଗରେ ସୃଜନଶୀଳ ସମାଧାନ ବିକଶିତ କରିଥା'ି। ସାମସଙ୍ଗ ସଲ୍‌ଭ ଫର ଟୁମୋରୋ ୨୦୨୬ର ୫ମ ସଂସ୍କରଣରେ ଶୀର୍ଷ ୨୦ ଜଣ ଫାଇନାଲିଷ୍ଟ ଭାରତର ଟିୟର ୨ ଓ ଟିୟର ୩ ସହରରୁ ଆସିଥିବା ବେଳେ ୧୨ଟି ରାଜ୍ୟର ୧୮ଟି ସହରକୁ ପ୍ରତିନିଧିତ୍ୱ କରୁଛନ୍ତି। ଏହି ଫାଇନାଲିଷ୍ଟମାନେ ଓଡିଶାର ସୁନ୍ଦରଗଡ, ଆନ୍ଧ୍ରପ୍ରଦେଶର ଚିତୋର ଓ ବିଶାଖାପାଟ୍‌ନମ, ଉତରପ୍ରଦେଶର ରାଏବରେଲ ଓ ବାରାଣସି, ପାବର ଅମ୍ରିତସର ଓ ଏସଏଏସ ନାଗର, ହରିଆନାର ସୋନିପତ, ଛତିଶଗଡର ରାୟପୁର ସମେତ ବେଙ୍ଗାଲୁରୁ, ଚେନ୍ନାଇ, କୋଏମ୍ବାଟୁର, ନୂଆଦିଲ୍ଲୀ, ହାଇଦ୍ରାବାଦ, କୋଲ୍‌କାତା ଓ ମୁମ୍ବାଇର ଅଟନ୍ତି। ଏସମ୍ପର୍କରେ ସାମ୍‌ସଙ୍ଗ ସାଉଥ ୱେଷ୍ଟ ଏସିଆର କର୍ପୋରେଟ ଉପାଧ୍ୟକ୍ଷ ଏସପି ଚୁନ୍ କହିଛନ୍ତି, 'ଚଳିତ ବର୍ଷର ଶୀର୍ଷ ୨୦ ଜଣ ଫାଇନାଲିଷ୍ଟଙ୍କୁ ଯାହା ସ୍ୱତନ୍ତ୍ର କରୁଛି ତାହା ହେଉଛି ସେମାନେ ସମାଧାନ କରିବା ପାଇଁ ଚୟନ କରିଥିବା ସମସ୍ୟା। ଭାରତର ଯୁବ ଉଦ୍ଭାବକମାନେ ଉପଲବ୍ଧତାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ଓ କୃଷି, ପ୍ରଦୂଷଣ ଓ କ୍ରୀଡା ପର୍ଯ୍ୟନ୍ତ, ନିଜ ସମୁଦାୟରେ ରହିଥିବା ସମସ୍ୟାଗୁଡିକୁ ନିକଟରୁ ଦେଖୁଛନ୍ତି ଓ ତାହାକୁ ସମାଧାନ କରିବା ପାଇଁ ପ୍ରୟାସ କରୁଛନ୍ତି। ସାମ୍‌ସଙ୍ଗ ସଲ୍‌ଭ ଫର ଟୁମୋରୋ ସେମାନଙ୍କୁ ଏକ ସ୍ଥାନୀୟ ଆବଶ୍ୟକତା ସହ ଜଡିତ ବିଚାରକୁ ଆଗକୁ ବଢାଇ ବ୍ୟାପକ ପ୍ରଭାବ ସୃଷ୍ଟି କରିପାରୁଥିବା ଏକ ସମାଧାନରେ ପରିଣତ କରିବା ପାଇଁ ସୁଯୋଗ, ମାର୍ଗଦର୍ଶନ ଓ ସମ୍ବଳ ପ୍ରଦାନ କରୁଛି।

# ବିଶ୍ୱାସର ସ୍ଥାପତ୍ୟ: ପେମେଣ୍ଟରୁ ଆଗକୁ ବଢ଼ି ବୁଦ୍ଧିମତ୍ତା ଏବଂ ପ୍ରୋଗ୍ରାମେବିଲିଟି ଦିଗରେ

**କଟକ, ୧୪।୯ (ନି.ପ୍ର) :** "ଆଗାମୀ ଦିନର ଆର୍ଥିକ ଭିତ୍ତିଭୂମି ଏତେ ବୁଦ୍ଧିମାନ ହେବା ଆବଶ୍ୟକ ଯେ, ଏହା ଲୋକଙ୍କ ଉଦ୍ଦେଶ୍ୟକୁ ବୁଝିପାରିବ; ମୂଲ୍ୟର ସମନ୍ୱୟ କରିବା ପାଇଁ ଏତେ ପ୍ରୋଗ୍ରାମେବଲ୍ ହେବା ଆବଶ୍ୟକ; ଭବିଷ୍ୟତର ବିପଦ ଓ ଆହ୍ୱାନକୁ ସହ୍ୟ କରିବା ପାଇଁ ଏତେ ସୁଦୃଢ଼ ଓ ସ୍ଥିର ହେବା ଆବଶ୍ୟକ; ଏବଂ ପ୍ରତ୍ୟେକ ନାଗରିକଙ୍କୁ ସେବା ଯୋଗାଇବା ପାଇଁ ଏହା ସମାବେଶୀ ହେବା ଆବଶ୍ୟକ," ବୋଲି କହିଛନ୍ତି ଭାରତୀୟ ଜାତୀୟ ପେମେଣ୍ଟ୍ସ କର୍ପୋରେସନ୍ ର ଅଣ-କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ସ୍ୱାଧୀନ ନିର୍ଦ୍ଦେଶକ ଶ୍ରୀ ଅଜୟ କୁମାର ଚୌଧୁରୀ। ସେ ୭ମ ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ ୨୦୨୬ରେ ମୁଖ୍ୟ ବକ୍ତବ୍ୟ ପ୍ରଦାନ କରିବା ଅବସରରେ ଏହା କହିଥିଲେ। ୟୁପିଆଇର ୧୦ ବର୍ଷ ପୂର୍ତ୍ତି ଅବସରରେ, ଶ୍ରୀ ଚୌଧୁରୀ ଉଲ୍ଲେଖ କରିଥିଲେ ଯେ, କେବଳ ଅଗଷ୍ଟ ୨୦୨୬ ମାସରେ ୭୫୨ଟି ଅଂଶଗ୍ରହଣକାରୀ ବ୍ୟାଙ୍କ ମାଧ୍ୟମରେ ୟୁପିଆଇ ୨୪.୫ ବିଲିୟନରୁ ଅଧିକ ଲେନଦେନ ପ୍ରକ୍ରିୟାକରଣ କରିଛି, ଯାହାର ମୋଟ ମୂଲ୍ୟ ୨୯.୮ ଲକ୍ଷ କୋଟି ଟଙ୍କାରୁ ଅଧିକ। ସେ କହିଥିଲେ ଯେ, ୟୁପିଆଇ ଏକ ସାଧାରଣ ପେମେଣ୍ଟ୍ ଇଣ୍ଟରଫେସ୍‌ରୁ ବିକଶିତ ହୋଇ ଆଜି ଦୈନନ୍ଦିନ ଜୀବନର ଏକ ଅବିଚ୍ଛିନ୍ନ ଅଂଶ ହୋଇଥିବା ଆର୍ଥିକ ଭିତ୍ତିଭୂମିରେ ପରିଣତ ହୋଇଛି। ଭାରତର ବିକାଶ ଯାତ୍ରାର କେନ୍ଦ୍ରବିନ୍ଦୁରେ ଡିଜିଟାଲ୍ ପେମେଣ୍ଟ୍ସ ସ୍ଥାନ ଦେଇଥିବା ଜାତୀୟ ନେତୃତ୍ୱକୁ ସେ ଏହି ସଫଳତାର ଶ୍ରେୟ ଦେଇଥିଲେ। ବିଶେଷକରି, ୟୁପିଆଇକୁ ବିଶ୍ୱସ୍ତରରେ ପ୍ରୋତ୍ସାହିତ କରିବା ଏବଂ ଏହାକୁ ଭାରତର ବୈଷୟିକ କ୍ଷମତା ଓ ଆତ୍ମବିଶ୍ୱାସର ଅନ୍ୟତମ ସ୍ପଷ୍ଟ ପ୍ରତୀକରେ ପରିଣତ କରିବାରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନିରନ୍ତର ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଆର୍ଥିକ ଭିତ୍ତିଭୂମିର ଭବିଷ୍ୟତ ସମ୍ପର୍କରେ ମତ ପ୍ରକାଶ କରି ଶ୍ରୀ ଚୌଧୁରୀ ତିନୋଟି ପ୍ରମୁଖ ପରିବର୍ତ୍ତନର ରୂପରେଖା ଦେଇଥିଲେ, ଯାହା ଆଗାମୀ ପର୍ଯ୍ୟାୟର ପରିବର୍ତ୍ତନକୁ ନିର୍ଦ୍ଧାରଣ କରିବ। ସେ କହିଥିଲେ ଯେ, ପ୍ରଥମ ପରିବର୍ତ୍ତନ ହେଉଛି 'ନିର୍ଦ୍ଦେଶ' (ଇନଷ୍ଟ୍ରକସନ୍ ସ) ରୁ 'ଉଦ୍ଦେଶ୍ୟ' (ଇଣ୍ଟେଣ୍ଟ) ଦିଗକୁ ଅଗ୍ରସର ହେବା। ଏ କ୍ଷେତ୍ରରେ ଏଜେଣ୍ଟିକ୍ ଏଆଇ (ଏଜେନଟିକ୍ ଏ ଆଇ) ବ୍ୟବସ୍ଥାଗୁଡ଼ିକୁ ଉଦ୍ଦେଶ୍ୟ ବୁଝିବା ଏବଂ ଅନୁମୋଦିତ ଅଧିକାର ସୀମା ମଧ୍ୟରେ କାର୍ଯ୍ୟ କରିବାରେ ସକ୍ଷମ କରିପାରେ। ତେବେ, ଆର୍ଥିକ ବ୍ୟବସ୍ଥାରେ ମାନବୀୟ ଅଧିକାର ଓ ନିୟନ୍ତ୍ରଣ




ମୌଳିକ ଭାବେ ରହିବା ଆବଶ୍ୟକ ବୋଲି ସେ ଜୋର ଦେଇଥିଲେ। ସେ କହିଥିଲେ, "ଲକ୍ଷ୍ୟ ହେବା ଉଚିତ୍ ସୀମାବଦ୍ଧ ଏବଂ ଉତ୍ତରଦାୟୀ ସ୍ୱୟଂଚାଳିତ କାର୍ଯ୍ୟକ୍ଷମତା, ଅସୀମିତ ମେସିନ୍ ସ୍ୱାୟତ୍ତତା ନୁହେଁ।" ସେ ଆହୁରି କହିଥିଲେ ଯେ, ୟୁପିଆଇ ପରିବେଶ ମଧ୍ୟରେ ଡିଜିଟାଲ୍ ଏଜେଣ୍ଟମାନଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଅନୁମୋଦନ ଦେବା ପାଇଁ ଏନ୍ ପିସିଆଇ ବିଭିନ୍ନ ପ୍ରୋଟୋକଲ୍ର ପରୀକ୍ଷଣ କରୁଛି। ଏହା ସହିତ ଇଣ୍ଟରଅପରେବିଲିଟି ଏବଂ ସେଟଲମେଣ୍ଟର ଚୂଡ଼ାନ୍ତତା କୁ ଅକ୍ଷୁଣ୍ଣ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଦ୍ୱିତୀୟ ପରିବର୍ତ୍ତନ ହେଉଛି 'ଟଙ୍କାର ସ୍ଥାନାନ୍ତରଣ'ରୁ 'ମୂଲ୍ୟର ସମନ୍ୱୟ' ଦିଗକୁ ଅଗ୍ରସର ହେବା। ପ୍ରୋଗ୍ରାମେବିଲିଟି ମାଧ୍ୟମରେ ଟଙ୍କା କିମ୍ବା ସମ୍ପତ୍ତିର ସ୍ଥାନାନ୍ତରଣକୁ ପୂର୍ବନିର୍ଦ୍ଧାରିତ ଓ ସହମତିଭିତ୍ତିକ ସର୍ତ୍ତାବଳୀ ସହିତ ସଂଯୋଗ କରାଯାଇପାରିବ। ଏହି ପରିପ୍ରେକ୍ଷୀରେ ସେ ଏନ୍ ପିସିଆଇର ଓପନ୍-ସୋର୍ସ ଏଣ୍ଟରପ୍ରାଇଜ୍ ବ୍ଲକଚେନ୍ ପ୍ଲାଟଫର୍ମ 'ଡୁନିକ୍ସ' ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହି ପ୍ଲାଟଫର୍ମ ଟୋକେନାଇଜେସନ୍ ପ୍ଲାଟଫର୍ମ, ଡିଜିଟାଲ୍ ସମ୍ପତ୍ତି ପରିବେଶ ଏବଂ ଏକାଧିକ ସଂଗଠନକୁ ନେଇ ଗଠିତ ନେଟୱର୍କକୁ ସମର୍ଥନ କରିବା ପାଇଁ ଡିଜାଇନ୍ କରାଯାଇଛି। ସେ କହିଥିଲେ ଯେ, ସାଧାରଣ ମାନଦଣ୍ଡ ଏବଂ ଇଣ୍ଟରଅପରେବିଲିଟି ନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ। ଏହା ଦ୍ୱାରା ଭିନ୍ନ ଭିନ୍ନ ପ୍ରଣାଳୀରେ ବିଭାଜନ ବା ଖଣ୍ଡୀକରଣ ସୃଷ୍ଟି ହେବାକୁ ରୋକାଯାଇପାରିବ। ତୃତୀୟ ପରିବର୍ତ୍ତନ ହେଉଛି ଆତ୍ମବିଶ୍ୱାସ—ଟଙ୍କା ନିଜର ମୂଲ୍ୟ ବଜାୟ ରଖିବ, ଲେନଦେନ ଉଦ୍ଦିଷ୍ଟ ଭାବେ ସମ୍ପନ୍ନ ହେବ, ତଥ୍ୟ ସୁରକ୍ଷିତ ରହିବ ଏବଂ କୌଣସି ଅସୁବିଧା ଘଟିଲେ ଦାୟିତ୍ୱ କାହାର ତାହା ସ୍ପଷ୍ଟ ଭାବେ ଚିହ୍ନଟ କରାଯାଇପାରିବ। ଏହା ସହିତ 'ବର୍ତ୍ତମାନର ସୁରକ୍ଷା' ରୁ 'ଭବିଷ୍ୟତର ସୁଦୃଢ଼ତା' ଦିଗକୁ ଅଗ୍ରସର ହେବା ମଧ୍ୟ ଆବଶ୍ୟକ। ଶ୍ରୀ ଚୌଧୁରୀ ଉଲ୍ଲେଖ କରିଥିଲେ ଯେ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ କ୍ଷେତ୍ରରେ ହେଉଥିବା ଅଗ୍ରଗତିକୁ ଦୃଷ୍ଟିରେ ରଖି ଆର୍ଥିକ ସଂସ୍ଥାଗୁଡ଼ିକୁ ବର୍ତ୍ତମାନର କ୍ରିପ୍ଟୋଗ୍ରାଫିକ୍ ସୁରକ୍ଷା ବିପଦରେ ପଡ଼ିବା ପୂର୍ବରୁ ହିଁ ଆବଶ୍ୟକ ପ୍ରସ୍ତୁତି ନେବାକୁ ପଡ଼ିବ। ସେ ପୋଷ୍ଟ-କ୍ୱାଣ୍ଟମ୍ କ୍ରିପ୍ଟୋଗ୍ରାଫି ଦିଗକୁ ହେଉଥିବା ପରିବର୍ତ୍ତନକୁ "ଦୀର୍ଘମିଆଦୀ ଏବଂ ସମଗ୍ର ପରିବେଶକୁ ଅନ୍ତର୍ଭୁକ୍ତ କରୁଥିବା ଏକ ପ୍ରୟାସ" ବୋଲି ବର୍ଣ୍ଣନା କରିଥିଲେ। ଏହି ପ୍ରକ୍ରିୟାରେ ବୋର୍ଡ, ନିୟାମକ ସଂସ୍ଥା, ବ୍ୟାଙ୍କ, ଫିନଟେକ୍ କମ୍ପାନୀ ଏବଂ ସାଇବର ସୁରକ୍ଷା ବିଶେଷଜ୍ଞମାନଙ୍କ ସମେତ ସମସ୍ତ ହିତଧାରୀଙ୍କ ସକ୍ରିୟ ଅଂଶଗ୍ରହଣ ଆବଶ୍ୟକ ବୋଲି ସେ କହିଥିଲେ।

# କେଭିନକେୟାର ଓ ଏମଏମଏ ପକ୍ଷରୁ ୧୫ତମ ଚିନ୍ନିକ୍ରିଷ୍ଣନ ଇନୋଭେଶନ ଆୱାର୍ଡସରେ ଦକ୍ଷ ଉଦ୍ଭାବକଙ୍କୁ ସମ୍ମାନ




**ଭୁବନେଶ୍ୱର, ୧୪।୯ (ନି.ପ୍ର) :** ମାଡ୍ରାସ ମ୍ୟାନେଜମେଂଟ ଆସୋସିଏଶନ (ଏମଏମଏ) ସହ ସହଭାଗିତାରେ କେଭିନକେୟାର ପକ୍ଷରୁ ଚେନ୍ନାଇସ୍ଥିତ ଆଇଆଇଟି ମାଡ୍ରାସ ରିସର୍ଚ୍ଚ ପାର୍କ ଅଡିଟୋରିୟମଠାରେ ଆୟୋଜିତ ଚିନ୍ନିକ୍ରିଷ୍ଣନ ଇନୋଭେଶନ ଆୱାର୍ଡସ ୨୦୨୬ର ୧୫ତମ ସଂସ୍କରଣରେ ଭାରତର ଦକ୍ଷ ଉଦ୍ଭାବକ ଓ ଉଦୀୟମାନ ଆଇଡିଆ-ମେକ ?ଙ୍କୁ ସମ୍ମାନିତ କରାଯାଇଛି । ଏହି ସମାରୋହରେ ଭଲ୍ ?ଭୋ ଗ୍ରୁପ ଇଣ୍ଡିଆର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ କମଲ ବାଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟ ପ୍ରମୁଖ ବ୍ୟକ୍ତିବିଶେଷ ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।ଏହି ଆୱାର୍ଡ ସମଗ୍ର ଭାରତରୁ ୮୫୦ରୁ ଅଧିକ ନୋମିନେଶନ ମିଳିଛି, ଯାହା ଉଦ୍ଭାବନ-ପରିଚାଳିତ ଉଦ୍ୟୋଗିକତା କ୍ଷେତ୍ରରେ ବର୍ଦ୍ଧିତ ଆଗ୍ରହକୁ ପ୍ରତିଫଳନ କରୁଛି । ଇନୋଭେଶନ ବର୍ଗକୁ ଏକ ପ୍ରତିଷ୍ଠିତ ନ୍ୟାଶନାଲ ଜୁରୀ ଦ୍ୱାରାସ୍ୱତନ୍ତ୍ରତା, ସମସ୍ୟା ସମାଧାନକାରୀ କ୍ଷମତା, ସହଜତା, ବ୍ୟାପକତା, ସାମାଜିକ ପ୍ରଭାବ ଓ ସ୍ଥାୟିତ୍ୱ ଉପରେ ମୂଲ୍ୟାୟନ କରାଯାଇଥିଲା ।

ଚଳିତ ବର୍ଷ ଏହି ସମ୍ମାନ ଗ୍ରେଟ ଆଇଡିଆଜ୍ ବର୍ଗରେ ୧୦ଟି ପ୍ରବେଶକୁ ମଧ୍ୟ ସ୍ୱୀକୃତି ଦେଇଥିଲା, ଯାହା ଉନ୍ନତ ବିଚାରଧାରା ଓ ଉଦ୍ଭାବନ ପାଇଁ ଦେଶର ଅନ୍ୟତମ ସର୍ବାଧିକ ପ୍ରତିଷ୍ଠିତ ସମ୍ମାନ ଭାବେ ଏହାର ସ୍ଥିତିକୁ ସୁଦୃଢ କରିଛି । ଏହି ବର୍ଗ ଆଶାଜନକ ବିଚାରଧାରାଗୁଡିକୁ ସେଗୁଡିକର ମୌଳିକତା, ସମସ୍ୟା ସମାଧାନକାରୀ କ୍ଷମତା ଓ ପ୍ରାସଙ୍ଗିକତା ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ୱୀକୃତି ଦେଇଥିଲା ।

ଏହି ଅବସରରେ କେଭିନ କେୟାରର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ସିକେ ରଙ୍ଗନାଥନ କହିଛନ୍ତି, " ଗତ ୧୫ ବର୍ଷ ମଧ୍ୟରେ ଚିନ୍ନିକ୍ରିଷ୍ଣନ ଇନୋଭେଶନ ଆୱାର୍ଡସର ଯାତ୍ରା ଆମର ବିଶ୍ୱାସକୁ ସୁଦୃଢ କରିଛି ଯେ, ଉଦ୍ଭାବନ ପ୍ରଗତିର କେନ୍ଦ୍ରବିନ୍ଦୁ ଅଟେ ଏବଂ ଏହା ଅନେକ ରୂପ ନେଇପାରେ । ଏହା ସବୁବେଳେ ଏକ ଫିନିଶ୍‌ଡ ପ୍ରଡକ୍ଟ ସହ ଆରମ୍ଭ ହୋଇନଥାଏ, ବେଳେବେଳେ ଏହା ଏକ ପ୍ରଶ୍ନ, ଏକ ପର୍ଯ୍ୟବେକ୍ଷଣ କିମ୍ବା ଏକ ବିଚାର ସହିତ ଆରମ୍ଭ ହୋଇଥାଏ ଯାହା କାର୍ଯ୍ୟଶୈଳୀଗୁଡିକୁ ଆହ୍ୱାନ ଦେଇଥାଏ । ବିଗତ ବର୍ଷଗୁଡିକରେ ଏହି ଆୱାର୍ଡ ଏଭଳି ଅଭିନବ ବିଚାରଧାରାଗୁଡିକୁ ସ୍ୱୀକୃତି ଦେବା ଓ ପ୍ରୋତ୍ସାହିତ କରିବା ଏବଂ ଅର୍ଥପୂର୍ଣ୍ଣ ପ୍ରଭାବ ସୃଷ୍ଟି କରିବା ପାଇଁ କ୍ଷମତା ରଖିଥିବା ଉଦ୍ୟୋଗୀମାନଙ୍କୁ ସହଯୋଗ କରିବା ପାଇଁ ଏକ ମଂଚ ପ୍ରଦାନ କରିଛି । ଚଳିତ ବର୍ଷ ଗ୍ରେଟ ଆଇଡିଆଜ୍ ବର୍ଗର ପୁନଃଆରମ୍ଭ ଉଦ୍ଭାବନ କୌଶଳର ପ୍ରାରମ୍ଭିକ ଚମକକୁ ସ୍ୱୀକୃତି ଦେଇ ଏବଂ ଉନ୍ନତ ବିଚାରଧାରାକୁ ବିକଶିତ ହେବା ପାଇଁ ପ୍ରୋତ୍ସାହିତ କରି ଏହି ପ୍ରୟାସକୁ ଆହୁରି ମଜବୁତ କରିଛି । ଆମେ ୧୫ତମ ବର୍ଷରେ ପଦାର୍ପଣ କରିଥିବାରୁ, ଆମେ ଗର୍ବିତ ଯେ, ଚିନ୍ନିକ୍ରିଷ୍ଣନ ଇନୋଭେଶନ ଆୱାର୍ଡସ ଉଦ୍ଭାବନକୁ ସମର୍ଥନ କରିବା, ଉଦ୍ୟୋଗିକ ପ୍ରତିଭାକୁ ପ୍ରୋତ୍ସାହିତ କରିବ ଏବଂ ଏଭଳି ଏକ ଇକୋସିଷ୍ଟମ ସୃଷ୍ଟି କରିବା ଜାରି ରଖିବୁ ଯେଉଁଠାରେ ଅଣପାରମ୍ପରିକ ବିଚାରଗୁଡିକ ଏକ ଭିନ୍ନତା ସୃଷ୍ଟି କରିବା ପାଇଁ ଆବଶ୍ୟକ କରୁଥିବା ସମର୍ଥନ ପାଇପାରିବେ ।"

ମାଡ୍ରାସ ମ୍ୟାନେଜମେଂଟ ଆସୋସିଏଶନର ଅଧ୍ୟକ୍ଷ ଏ ଆର ଉନ୍ନିକ୍ରିଷ୍ଣନ କହିଛନ୍ତି, "ଏମଏମଏ ଏକ ଦଶନ୍ଧିରୁ ଅଧିକ ସମୟ ହେବ କେଭିନକେୟାର ଚିନ୍ନି କ୍ରିଷ୍ଣନ ଇନୋଭେଶନ ଆୱାର୍ଡସ ସହ ସହଭାଗିତା କରି ଗର୍ବିତ, ଯାହା ଜାତୀୟ ସ୍ତରରେ ଉଦ୍ଭାବନ ଓ ଅନ୍ତର୍ଭୁକ୍ତୀକରଣକୁ ପାଳନ କରିଥାଏ । ଚଳିତ ବର୍ଷ ମିଳିଥିବା ୮୫୦ରୁ ଅଧିକ ନୋମିନେଶନ ଭାରତର ଉଦ୍ଭାବନ ଇକୋସିଷ୍ଟମର ଚମତ୍କାର ଅଭିବୃଦ୍ଧିକୁ ହାଇଲାଇଟ କରୁଛି । ଏହି ଆୱାର୍ଡଗୁଡିକ ଉଦ୍ୟୋଗିକ ଉତ୍ସାହକୁ ସମ୍ମାନିତ କରୁଛି ଯାହା ଆମର ଅର୍ଥନୀତିକୁ ଆଗକୁ ବଢାଇଥାଏ ଏବଂ ଏକ ଅଧିକ ସମୃଦ୍ଧ ଓ ସମାବେଶୀ ଭବିଷ୍ୟତ ପାଇଁ ବାଟ ଫିଟାଇଥାଏ ।"

# ଆମାଜନ ଡଟ୍ ଇନ୍‌ରେ ଗଣେଶ ଚତୁର୍ଥୀ ଷ୍ଟୋର୍‌ର ଶୁଭାରମ୍ଭ

**ଭୁବନେଶ୍ୱର, ୧୪।୯ (ନି.ପ୍ର) :** ଆମାଜନ ଡଟ୍ ଇନ ପକ୍ଷରୁ ଏହାର ଗଣେଶ ଚତୁର୍ଥୀ ଷ୍ଟୋର୍‌ର ଲଂଚ ଘୋଷଣା କରାଯାଇଛି ଯାହା ଗ୍ରାହକଙ୍କ ପାଇଁ ଭଗବାନ ଗଣେଶଙ୍କୁ ସ୍ୱାଗତ କରିବା ଓ ନିଜର ଘରକୁ ଉତ୍ସବ ପାଇଁ ପାର୍ବଣ ପ୍ରସ୍ତୁତ କରିବା ଲାଗି ଆବଶ୍ୟକ ସମସ୍ତ ସାମଗ୍ରୀକୁ ଏକାଠି କରିଛି। ଏହି ଏଆଇ-ଉନ୍ନତ ଷ୍ଟୋର ପାର୍ବଣ ଋତୁ ପାଇଁ ସପିଂ କରିବା ଲାଗି ଗ୍ରାହକଙ୍କ ପାଇଁ ସହଜ ଓ ଅଧିକ ସୁବିଧାଜନକ କରିଛି। ପରିବେଶ ଅନୁକୂଳ ଗଣେଶ ମୂର୍ତ୍ତିଠାରୁ ଆରମ୍ଭ କରି ପୂଜା ସାମଗ୍ରୀ, ଫେଷ୍ଟିଭ ଡେକୋର, ଏଥିନିକ ଫ୍ୟାଶନ, ହୋମ୍ ଡେକୋର, ଲାଇଟିଂ, ମିଠା ଆଦି ସାମଗ୍ରୀଗୁଡିକୁ ଗ୍ରାହକମାନେ ଗୋଟିଏ ସୁବିଧାଜନକ ଗ'ବ୍ୟସଗଥଳୀରେ ସହଜରେ ଅନ୍ୱେଷଣ କରିପାରିବେ। ଗ୍ରାହକମାନେ ସେମ୍-ଡେ, ନେକ୍ସଟ-ଡେ ଓ କିଛି ଘଂଟା ମଧ୍ୟରେ ଡେଲିଭରିରୁ ମଧ୍ୟ ଲାଭାନ୍ୱିତ ହୋଇପାରିବେ। ଏହାବ୍ୟତୀତ ପ୍ରାଇମ ସଦସ୍ୟମାନେ ହୋମ୍, କିଚେନ, ଦୈନନ୍ଦିନ ସାମଗ୍ରୀ, ଫ୍ୟାଶନ, ବିୟୁଟି ଆଦି ବର୍ଗରେ ୨ ଲକ୍ଷରୁ ଅଧିକ ଉତ୍ପାଦ ଉପରେ ଅତିରିକ୍ତ ୫% ରିହାତି ପାଇପାରିବେ। ଗ୍ରାହକମାନେ ଆମାଜନ ନାଓରେ ଗଣେଶ ମୂର୍ତ୍ତି, ମୋଦକ, ମୃଦୁ ପାନୀୟ ଓ ଦୈନନ୍ଦିନ ସାମଗ୍ରୀ ଉପରେ ୬୫% ପର୍ଯ୍ୟନ୍ତ ରିହାତି ପାଇପାରିବେ ଯାହା ୫୫ରୁ ଅଧିକ ସହରରେ କିଛି ମିନିଟ୍ ମଧ୍ୟରେ ସୁବିଧାଜନକ ଲାଷ୍ଟ-ମିନିଟ ସପିଂ ପାଇଁ ପାର୍ବଣର ଜରୁରୀ ସାମଗ୍ରୀ ପ୍ରଦାନ କରୁଛି। ଗ୍ରାହକମାନେ ଏହି ଗଣେଶ ଚତୁର୍ଥୀ ଷ୍ଟୋରରେ ଫେଷ୍ଟିଭ ହୋମ୍ ଏସେନ୍ସିଆଲ ଯେପରିକି ହୋମ୍ ଡେକୋର, ଲାଇଟିଂ, ପୂଜା ସାମଗ୍ରୀ ଉପରେ ୮୦% ପର୍ଯ୍ୟନ୍ତ ରିହାତି, ମିଠା, ଡ୍ରାଏ ଫ୍ରୁଟ ଓ ଦୈନନ୍ଦିନ ରନ୍ଧନ ସାମଗ୍ରୀ ଉପରେ ୫୦% ପର୍ଯ୍ୟନ୍ତ ରିହାତି, କୁର୍ତା, ସଲୱାର, କୁର୍ତି, ଶାଢୀ, ଦୁପଟ୍ଟା, ଜୁଏଲାରୀ, ଆକ୍ସେସରିଜ ଆଦି ଫେଷ୍ଟିଭ ୱେୟାର ଉପରେ ୮୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ସପିଂ ସମୟରେ ଆମାଜନର ଏଆଇ ପରିଚାଳିତ ଟୁଲ୍ ଯେପରିକି ରୁଫସ୍, ଲେନ୍ସ ଏଆଇ, ରିଭ୍ୟୁ ହାଇଲାଇଟ, କ୍ୱିକ ଲର୍ଣ୍ଣ, ବାୟିଙ୍ଗ ଗାଇଡ୍‌ସ ଓ ପ୍ରାଇସ ହିଷ୍ଟ୍ରୀ ଆଦି ଗ୍ରାହକଙ୍କ ପାଇଁ ଅଧିକ ବ୍ୟକ୍ତିଗତ ସୁପାରିଶକୁ ସକ୍ଷମ କରି ସେମାନଙ୍କୁ ସଠିକ ଉତ୍ପାଦ ଅନ୍ୱେଷଣ କରିବାରେ ସାହାଯ୍ୟ କରିଥାଏ। ଶେଷ ସମୟରେ ପ୍ରସ୍ତୁତ ପାଇଁ ଗ୍ରାହକମାନେ ଆମାଜନ ନାଓରେ ପାର୍ବଣ ସାମଗ୍ରୀର ସପିଂ କରିପାରିବେ ଏବଂ ତାହାକୁ ୫୫ରୁ ଅଧିକ ସହରରେ 'ଡେଲିଭରଡ଼ ଇନ୍ ମିନିଟ୍‌ସ'ରେ ପାଇପାରିବେ। ଗ୍ରାହକମାନେ ନିଜ ପରିବାର ଓ ପ୍ରିୟଜନଙ୍କ ସହ ଉତ୍ସବ ପାଳନ କରିବା ପାଇଁ ଏକ ବିସ୍ତୃତ ଶୃଙ୍ଖଳାର ଉତ୍ପାଦଗୁଡିକୁ ସୁବିଧାରେ ଅନ୍ୱେଷଣ କରିପାରିବେ। ସେହିପରି ଆମାଜନ ପେ' ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡ ମାଧ୍ୟମରେ ପ୍ରାଇମ ସଦସ୍ୟମାନେ ଅନ୍‌ଲିମିଟେଡ ୫% କ୍ୟାଶବ୍ୟାକ ଓ ଅଣ ପ୍ରାଇମ ସଦସ୍ୟମାନେ ୩% କ୍ୟାଶବ୍ୟାକ୍ ସହିତ ଯଥାକ୍ରମେ ୨୫୦୦ ଓ ୨୦୦୦ ଟଙ୍କା ମୂଲ୍ୟର ୱେଲକମ୍ ରିୱାର୍ଡ ପାଇପାରିବେ। ଗ୍ରାହକମାନେ ୫୦୦ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟର ସପିଂ ଉପରେ ୧୦୦ ଟଙ୍କା କ୍ୟାଶବ୍ୟାକ ପାଇପାରିବେ। ଆମାଜନ ପେକ୍ଷରୁ ଫ୍ଲାଇଟ ବୁକିଂ ଉପରେ ୧୫% ପର୍ଯ୍ୟନ୍ତ ଓ ହୋଟେଲ ବୁକିଂ ଉପରେ ୩୫% ପର୍ଯ୍ୟନ୍ତ ରିହାତି ଦେଉଥିବା ବେଳେ ବସ୍ ଟିକେଟ ବୁକିଂ ଉପରେ ୧୫% ପର୍ଯ୍ୟନ୍ତ ରିହାତି ଦେଉଛି ଯାହାଫଳରେ ସପିଂଠାରୁ ଆରମ୍ଭ କରି ଭ୍ରମଣ ପର୍ଯ୍ୟନ୍ତ ଆମାଜନ ପେ' ସବୁକିଛିକୁ ରିୱାର୍ଡିଙ୍ଗ କରିଛି।

# ସମ୍ପୂର୍ଣ୍ଣ କାର୍ଡବିହୀନ ପେମେଂଟ ବ୍ୟବସ୍ଥା ଯୋଗାଇବାକୁ ଫୋନପେ ଏବଂ ଭିସା ସହବନ୍ଧିତ

**ଭୁବନେଶ୍ୱର, ୧୪।୯ (ନି.ପ୍ର) :** ଫୋନେପେ ଏବଂ ଭିସା ପକ୍ଷରୁ ମିଳିତ ଭାବେ ତିନୋଟି ନୂଆ ପେମେଂଟ ସେବା, ଯଥା – 'ଟାପ ଟୁ ପେ', 'କ୍ରସ ବୋର୍ଡର ସ୍କାନ ଟୁ ପେ', 'ଅନଲାଇନ ଡିଭାଇସ ଟୋକନାଇଜେସନ' ଏବଂ 'ସ୍ମାର୍ଟ ଆକ୍ସେପ୍ଟ'ର ଶୁଭାରମ୍ଭ କରାଯାଇଛି । 'ଗ୍ଲୋବାଲ ଫିନଟେକ ଫେଷ୍ଟ' ୨୦୨୬ ମଂଚରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଏହା ଉନ୍ମୋଚିତ ହୋଇଛି। ଏହି ସହଭାଗିତା ଫଳରେ ଆ'ର୍ଜାତୀୟ ଟ୍ରାନ୍‌ଜେକସନ ପାଇଁ 'କ୍ରସ ବୋର୍ଡର ସ୍କାନ ଟୁ ପେ' ଆରମ୍ଭ କରିବାରେ ଫୋନେପେ ଭାରତର ପ୍ରଥମ ଆପ ହୋଇପାରିଛି। କେବଳ ସେତିକି ନୁହେଁ, ଗ୍ରାହକମାନଙ୍କ ପାଇଁ ଭିସାର ତିନୋଟି ମୁଖ୍ୟ ସୁବିଧା ଯେପରିକି, 'ଅନଲାଇନ ଡିଭାଇସ ଟୋକନାଇଜେସନ', 'ଟାପ ଟୁ ପେ' ଏବଂ 'କ୍ରସ ବୋର୍ଡର ସ୍କାନ ଟୁ ପେ' ସମ୍ପୂର୍ଣ୍ଣ କା । ଯ ୍ୟ କ୍ଷ ମ କ ର ି ବ । ୧ ର ଫୋନେପେ ପ୍ରଥମ ଆପ ପାଲଟିଛି। ଏହାସହିତ, 'ସ୍ମାର୍ଟ ଆକ୍ସେପ୍ଟ' ମାଧ୍ୟମରେ ଏହି ପ୍ଲାଟଫର୍ମ କ୍ଷୁଦ୍ର-ମର୍ଚାଂଟ ମାନଙ୍କୁ ସିଧାସଳଖ କାର୍ଡ ମାଧ୍ୟମରେ ପେମେଂଟ ଗ୍ରହଣ କରିବାକୁ ସକ୍ଷମ କରୁଛି। ଏହି ଶୁଭାରମ୍ଭ ବିଷୟରେ ଫୋନେପେ'ର ସହ-ପ୍ରତିଷ୍ଠାତା ତଥା ସିପିଟିଓ, ରାହୁଲ ଚାରୀ କହିଛନ୍ତି, 'ଫୋନେପେ'ରେ ଆମର ଲକ୍ଷ୍ୟ ସବୁବେଳେ ଏପରି ପ୍ରଯୁକ୍ତିବିଦ୍ୟା ତିଆରି କରିବା ଯାହା ପେମେଂଟକୁ ସାର୍ବଜନୀନ, ସହଜ ଏବଂ ସୁରକ୍ଷିତ କରିପାରିବ। ଭିସା ସହିତ ସହଭାଗିତା ଆମର ସେହି ଲକ୍ଷ୍ୟକୁ ବିଶ୍ୱସ୍ତରରେ ପହଂଚାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଅଟେ। ଏହି ସହଭାଗିତା ମାଧ୍ୟମରେ ଆମେ କେବଳ କାର୍ଡର ଡିଜିଟାଇଜେସନ କରୁନାହୁଁ, ବରଂ ଭାରତୀୟ ଉପଭୋକ୍ତା ଏବଂ କ୍ଷୁଦ୍ର-ମର୍ଚାଂଟ ମାନଙ୍କ ପାଇଁ ସୀମାହୀନ ଓ କାର୍ଡବିହୀନ ବ୍ୟବସାୟର ଏକ ନୂଆ ଯୁଗ ଆରମ୍ଭ କରୁଛୁ।' ଭିସାର ଭାରତ ଏବଂ ଦକ୍ଷିଣ ଏସିଆର ଗ୍ରୁପ କଂଟ୍ରି ମ୍ୟାନେଜର ସୁରେଶ ସେଠୀ କହିଛନ୍ତି, 'ବିଶ୍ୱ ଡିଜିଟାଲ ପେମେଂଟ ବିପ୍ଳବରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ଏବଂ ଏହି ପରିବର୍ତନରେ ସହଯୋଗୀ ହୋଇ ଭିସା ଗର୍ବିତ। ଏହି ସହଯୋଗିତା ସାରା ବିଶ୍ୱରେ ପେମେଂଟ କରିବା ଏବଂ ଗ୍ରହଣ କରିବାର ସବୁଠାରୁ ପସନ୍ଦଯୋଗ୍ୟ ମାଧ୍ୟମ ହେବା ପାଇଁ ଭିସାର ସଂକଳ୍ପକୁ ପୁନଃପ୍ରତିଷ୍ଠିତ କରୁଛି ଯାହା ସୁରକ୍ଷିତ ହେବା ସହ ଅନାୟାସ କାରବାରର ଅନୁଭୂତି ପ୍ରଦାନ କରିଥାଏ।'


# ତାରକ ମେହତା କା ଓଲଟା ଚଷମା ଲାଇଭ୍ କୁଇଜ୍ ର ବିଜେତା ଭୁବନେଶ୍ୱରର ବୈଶାଖ ବିଷ୍ଣୁପ୍ରସାଦ ମିଶ୍ର



**ଭୁବନେଶ୍ୱର:** ଭାରତର ସବୁଠାରୁ ଦୀର୍ଘକାଳୀନ ଏବଂ ସବୁଠାରୁ ପ୍ରିୟ ପାରିବାରିକ ମନୋରଞ୍ଜନ ଶୋ 'ତାରକ ମେହତା କା ଉଲଟା ଚଷମା'ର ଏକ ଅଂଶ ଭାବରେ ଆୟୋଜିତ ଶୋ' ର ୧୮ ଦିନିଆ ଲାଇଭ୍ କୁଇଜ୍ ସଫଳତାର ସହ ସମାପ୍ତ କରିଛନ୍ତି। ୧ ରୁ ୨୧ ଅଗଷ୍ଟ ପର୍ଯ୍ୟନ୍ତ ଆୟୋଜିତ ଏହି କୁଇଜ୍‌ରେ ଦେଶବ୍ୟାପୀ ଲକ୍ଷ ଲକ୍ଷ ଦର୍ଶକଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯାହା ପ୍ରଶଂସକମାନଙ୍କୁ ସେମାନଙ୍କର ପ୍ରିୟ ଶୋ' 'ଟିଏମକେଓସି', ଏହାର ଚରିତ୍ର ଏବଂ ଗୋକୁଲଧାମ ସୋସାଇଟିର ଆନନ୍ଦ ନେବାପାଇଁ ଏକାଠି କରିଥିଲା। ବର୍ତ୍ତମାନ ବିଜେତାମାନଙ୍କ ନାମ ପ୍ରକାଶ ପାଇବା ସହିତ, ବିଜେତା ପରିବାର ମଧ୍ୟରେ ଭୁବନେଶ୍ୱରର ବୈଶାଖ ବିଷ୍ଣୁପ୍ରସାଦ ମିଶ୍ର ସ୍ଥାନ ପାଇଛନ୍ତି । ଏହି ଅବସରରେ ଅସିତ କୁମାର ମୋଦି, ନିର୍ମାତା ଏବଂ ପ୍ରଯୋଜକ, ତାରକ ମେହେତା କା ଓଲଟା ଚଷମା କହିଛନ୍ତି ଯେ, 'ଏହି କୁଇଜ୍ ପ୍ରତି ଆମର ଦର୍ଶକମାନେ ଯେଉଁ ପ୍ରେମ ଦେଖାଇଛନ୍ତି ତାହା ପ୍ରକୃତରେ ଅତୁଳନୀୟ। ଅଠର ଦିନ ଧରି, ସାରା ଦେଶରୁ ପରିବାରମାନେ ଆମ ସହିତ ୧୮ତମ ବାର୍ଷିକୀ ପାଳନ କରିବାକୁ ଏକାଠି ହୋଇଥିଲେ ଏବଂ ତାରକ ମେହେତା କା ଓଲଟା ଚଷମାରେ ଏହା ଆମ ସମସ୍ତଙ୍କ ପାଇଁ ସବୁଠାରୁ ବଡ଼ ପୁରସ୍କାର।' ଏହି ପରିପ୍ରେକ୍ଷୀରେ ଅଜୟ ଭାଲୱାଙ୍କର, ମୁଖ୍ୟ କଂଟେଂଟ ଅଧିକାରୀ, ସୋନି ସବ୍ କହିଛନ୍ତିଯେ, 'ତାରକ ମେହତା କା ଓଲଟା ଚଷମା ବର୍ଷ ବର୍ଷ ଧରି ଦର୍ଶକଙ୍କ ସହିତ ଏକ ସ୍ୱତନ୍ତ୍ର ସମ୍ପର୍କ ଗଢ଼ି ତୋଳିଛି ଏବଂ କୁଇଜର ପ୍ରତିକ୍ରିୟା ସେହି ସମ୍ପର୍କର ଏକ ପ୍ରମାଣ। ଟିଏମକେଓସିର ୧୮ ବର୍ଷ ପାଳନ କରିବା ପାଇଁ ପରିବାର ଗୁଡ଼ିକୁ ଏକାଠି ଦେଖିବା ଉତ୍ସାହଜନକ ଥିଲା। ସୋନି ସବ୍ ରେ , ଦର୍ଶକମାନଙ୍କୁ ଶୋ ଦେଖିବାଠାରୁ ଅଧିକ ଆଗକୁ ବଢ଼ି ଗୋକୁଲଧାମ ସୋସାଇଟିରେ ଦୁନିଆକୁ ନିଜ ପାଇଁ ଅନୁଭବ କରିବାର ସୁଯୋଗ ଦେଇ ଆମେ ଏହି ମାଇଲଖୁଂଟକୁ ପାଳନ କରିବାପାଇଁ ଖୁସି ଅନୁଭବ କରୁଛୁ।'ଟିଏମକେଓସି କ୍ଲବ୍ ହାଉସ୍ ଆପ୍, ଯାହାକି ଶୋ'ର ଅଫିସିଆଲ୍ ଡିଜିଟାଲ୍ ସହଯୋଗୀ, କୁଇଜ୍ କାର୍ଯ୍ୟକ୍ରମ ଲାଇଭ୍ ହୋଷ୍ଟ କଲାପରେ ସାରା ଭାରତର ପ୍ରଶଂସକମାନେ ଗୋକୁଲଧାମ ସୋସାଇଟି ଏବଂ ଏହାର ପ୍ରିୟ ବାସିନ୍ଦାଙ୍କ ବିଷୟରେ ସେମାନଙ୍କ ବାସ୍ତବ କ୍ଷେତ୍ର ଜ୍ଞାନ ପରୀକ୍ଷା କରିବାର ସୁଯୋଗ ପାଇଥିଲେ ।

# ରୟାଲ ଏନ୍‌ଫିଲ୍ଡ ପକ୍ଷରୁ ୱାନ୍ ରାଇଡ଼ : ହିମଚିତା ସଂରକ୍ଷଣ ପାଇଁ ଏକ ଅଭିନବ ପଦକ୍ଷେପ

**ଭୁବନେଶ୍ୱର, ୧୪।୯ (ନି.ପ୍ର) :** ରୟାଲ ଏନ୍‌ଫିଲ୍ଡ ପକ୍ଷରୁ ଆୟୋଜିତ ହେଉଥିବା 'ପିୟୋର ମୋଟରସାଇକ୍ଲିଂ'ରେ ସେପ୍ଟେମ୍ବର ୨୦, ୨୦୨୬ରେ ବିଶ୍ୱର ବିଭିନ୍ନ ପ୍ରାନ୍ତର ହଜାର ହଜାର ବାଇକ୍ ଚାଳକ 'ୱାନ୍ ରାଇଡ୍' ପାଇଁ ରାସ୍ତାକୁ ଓହ୍ଲାଇବେ। ୨୦୧୧ ମସିହାରୁ 'ୱାନ୍ ରାଇଡ୍' ମାଧ୍ୟମରେ ବିଭିନ୍ନ ଦେଶ ଓ ମହାଦେଶର ବାଇକ୍ ଚାଳକମାନେ ଏକାଠି ହୋଇ ଆସୁଛନ୍ତି। ଗୋଟିଏ ଦିନରେ ଏକାସାଙ୍ଗରେ ଆୟୋଜିତ ଏହି ରାଇଡ୍ ସରଳ ଓ ସହଜ ରାଇଡିଂ ଆନନ୍ଦରେ ସମସ୍ତଙ୍କୁ ଯୋଡ଼ିଥାଏ। ଚଳିତ ବର୍ଷ ରୟାଲ ଏନ୍‌ଫିଲ୍ଡ ଏହାର ୧୨୫ତମ ବାର୍ଷିକୀ ପାଳନ କରୁଥିବାବେଳେ, ୬୦ଟି ଦେଶରେ ୧,୬୦୦ରୁ ଅଧିକ ରାଇଡ୍ ଆୟୋଜିତ ହେବ। ମୋଟରସାଇକ୍ଲିଂ ପ୍ରତି ସମାନ ଭଲପାଇବା ସହିତ ୨୦୨୬ରେ ଏହି ଆୟୋଜନ ଯାତ୍ରାକୁ ସମ୍ଭବ କରୁଥିବା ପ୍ରକୃତି ଓ ପରିବେଶ ପ୍ରତି ସାମୂହିକ ଦାୟିତ୍ୱର ବାର୍ତା ମଧ୍ୟ ବହନ କରିବ। 'ପ୍ରତ୍ୟେକ ରାଇଡର, ପ୍ରତ୍ୟେକ ରାସ୍ତା, ଗୋଟିଏ ଲକ୍ଷ୍ୟ' ବାର୍ତା ସହିତ ଆୟୋଜିତ ୱାନ ରାଇଡ଼ ୨୦୨୬ ହିମାଳୟର ଉଚ୍ଚ ପାର୍ବତ୍ୟ ଅଂଚଳର ଏକ ପ୍ରମୁଖ ପ୍ରଜାତି ତଥା ଏହି ପରିବେଶର ଏକ ଚିରସ୍ଥାୟୀ ପ୍ରତୀକ ହିମଚିତା (ସ୍ନୋ ଲିଓପାର୍ଡ଼)ର ସଂରକ୍ଷଣ ପାଇଁ ସମର୍ପିତ। ହିମାଳୟ ରୟାଲ ଏନ୍‌ଫିଲ୍ଡର ଆଧ୍ୟାତ୍ମିକ ଘର ଭାବେ ପରିଚିତ। ପିଢ଼ିପରେ ପିଢ଼ି ରାଇଡ଼ରମାନେ ଏହି ପାର୍ବତ୍ୟ ଅଂଚଳକୁ ଅନୁସନ୍ଧାନ କରିଆସିଥିବାବେଳେ,




ହିମାଳୟ ରୟାଲ ଏନ୍‌ଫିଲ୍ଡର ମୋଟରସାଇକ୍ଲିଂ ସଂସ୍କୃତିର ଏକ ଅବିଚ୍ଛିନ୍ନ ଅଂଶ। ୱାନ୍ ରାଇଡ଼ ୨୦୨୬ରେ ଅଂଶଗ୍ରହଣ କରୁଥିବା ପ୍ରତ୍ୟେକ ରାଇଡରଙ୍କ ପାଇଁ ରୟାଲ ଏନ୍‌ଫିଲ୍ଡ ହିମଚିତା ସଂରକ୍ଷଣ ଦିଗରେ ଆର୍ଥିକ ଅବଦାନ ରଖିବ। ପାହାଡ଼ ସହିତ ଆମର ସମ୍ପର୍କ କେବଳ ଯାତ୍ରାରେ ସୀମିତ ନୁହେଁ ବରଂ ଏହାର ସୁରକ୍ଷା ଓ ସଂରକ୍ଷଣ ପ୍ରତି ମଧ୍ୟ ଆମର ଦାୟିତ୍ୱ ରହିଛି, ଏହି ଚିନ୍ତାଧାରାକୁ ଏହି ପଦକ୍ଷେପ ଆଗକୁ ନେଉଛି। ଏହି ପଦକ୍ଷେପ ରୟାଲ ଏନ୍‌ଫିଲ୍ଡ ସୋସିଆଲ ମିଶନ ଅଧୀନରେ ଚାଲିଥିବା ସଂରକ୍ଷଣ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରୁଛି। ଏହାର ସମୁଦାୟଭତିକ ସଂରକ୍ଷଣ ପ୍ରକଳ୍ପ ହିମାଚଳ ପ୍ରଦେଶ, ଲଦାଖ, ଉତରାଖଣ୍ଡ, ସିକ୍କିମ ଏବଂ ଜମ୍ମୁ ଓ କଶ୍ମୀରରେ କାର୍ଯ୍ୟକରୁଛି। ଏହି ପ୍ରକଳ୍ପ ଅଧୀନରେ ୧୦,୫୦୦ ବର୍ଗ କିଲୋମିଟରରୁ ଅଧିକ ହିମଚିତା ବାସସ୍ଥାନକୁ ଆବୃତ କରାଯାଇଛି ଏବଂ ୫୩ ବର୍ଗ କିଲୋମିଟର ଅଂଚଳକୁ ସମୁଦାୟଭିତିକ ସଂରକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ଅଣାଯାଇଛି। ବର୍ତମାନ ଭାରତରେ ଆନୁମାନିକ ୭୧୮ଟି ହିମଚିତା ରହିଥିବା ଆକଳନ କରାଯାଇଛି। ୱାନ୍ ରାଇଡ଼ ମାଧ୍ୟମରେ ଏହି ସଂରକ୍ଷଣ ଅଭିଯାନ ଏବେ ବିଶ୍ୱସ୍ତରରେ ବ୍ୟାପକ ହେବ। ଦିଲ୍ଲୀ, ଲଣ୍ଡନ କିମ୍ବା ସାଓ ପାଉଲୋ, ଯେଉଁଠାରୁ ରାଇଡ଼ରମାନେ ଏହି ଅଭିଯାନରେ ସାମିଲ ହୁଅନ୍ତୁ ନା କାହିଁକି, ପ୍ରତ୍ୟେକ ରାଇଡ଼ରଙ୍କ ଅବଦାନ ଉଚ୍ଚ ହିମାଳୟରେ ଚାଲିଥିବା ହିମଚିତା ସଂରକ୍ଷଣ ପ୍ରୟାସକୁ ସିଧାସଳଖ ସମର୍ଥନ କରିବ।

# ଦୁର୍ନୀତି ଅଭିଯୋଗ ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ପାଇଁ ତତ୍ପର ହୋଇଛି ଏଚଏଓ

**ଭୁବନେଶ୍ୱର, ୧୪।୯ (ନି.ପ୍ର) :** ହକି ଓଡିଶାର ସାଧାରଣ ସମ୍ପାଦକ ପ୍ରତାପ ଶତପଥୀ ଓଡ଼ିଶାରେ ହକି ପ୍ରଶାସନର ହାଇଜ୍ୟାକ୍ ଓ ହେରଫେର ଉପରେ ଚିନ୍ତା ବ୍ୟକ୍ତ କରିବା ଏବଂ ସରକାରୀ ହସ୍ତକ୍ଷେପ ଦାବି କରିବାର କିଛି ଦିନ ପରେ, ହକି ଆସୋସିଏସନ୍ ଅଫ୍ ଓଡ଼ିଶା (ଏଚଏଓ) ପାଇଁ ନିର୍ବାଚନ ପ୍ରକ୍ରିୟା ଖୁବ୍ ଜୋର୍‌ସୋରରେ ଆରମ୍ଭ ହୋଇଛି। ଶ୍ରୀଯୁକ୍ତ ଶତପଥୀ ଏହାକୁ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀଙ୍କ ଦୁର୍ନୀତିକୁ ଲୁଚାଇବା ପାଇଁ ଏକ ହତାଶାଜନକ ପ୍ରୟାସ ବୋଲି କହିଛନ୍ତି ଏବଂ ଚେତାବନୀ ଦେଇଛନ୍ତି ଯେ ଏହି ଚାଲ ତାଙ୍କ ପାଇଁ ଏକ ବଡ ଫାଶ ପାଲଟିପାରେ। ଏହି 'କଭର-ଅପ୍' ପାଇଁ ଜଣେ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ବ୍ୟବହାର କରାଯାଉଥିବା ନେଇ ଶ୍ରୀଯୁକ୍ତ ଶତପଥୀ ଚିନ୍ତା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏଚଏଓ ନିର୍ବାଚନ ପାଇଁ ନିଯୁକ୍ତ ନିର୍ବାଚନ ଅଧିକାରୀ ଅନୀ କୁମାର ମିଶ୍ର (ଅବସରପ୍ରାପ୍ତ ଆଇଏଏସ), ଓଡ଼ିଶା ହକି ଆସୋସିଏସନ୍‌ର କାର୍ଯ୍ୟନିର୍ବାହୀ କମିଟି ପାଇଁ ଅକ୍ଟୋବର ୩, ୨୦୨୬କୁ ନିର୍ବାଚନ ତାରିଖ ସ୍ଥିର କରିବା ପାଇଁ ଏକ ବିଜ୍ଞପ୍ତି ଜାରି କରିଛନ୍ତି।

ସେ ସମସ୍ତ ସ୍ଥାୟୀ ସମ୍ପୃକ୍ତ ଜିଲ୍ଲା ୟୁନିଟ୍‌ଠାରୁ ବିସ୍ତୃତ ସୂଚନା ମଧ୍ୟ ମାଗିଛନ୍ତି, ଯେଉଁଥିରେ ସେମାନଙ୍କର ବର୍ତମାନର ପରିଚାଳନା ସଂସ୍ଥା, ସେମାନଙ୍କର କାର୍ଯ୍ୟ ପଦ୍ଧତି ଓ ନିର୍ବାଚନ ଏବଂ ଏଚଏଓ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଥିବା ଅଧିକାରପ୍ରାପ୍ତ ପ୍ରତିନିଧିଙ୍କ ନାମ ସାମିଲ ଥିବ। ଏହି ଘଟଣା ଉପରେ ପ୍ରତିକ୍ରିୟା ଦେଇ ଶ୍ରୀଯୁକ୍ତ ଶତପଥୀ କହିଛନ୍ତି, 'ଜିଲ୍ଲାସ୍ତରୀୟ ସଂସ୍ଥାଗୁଡିକୁ ସଠିକ୍ ଭାବରେ ଯାଂଚ କରାଗଲେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କ ବେଆଇନ କାର୍ଯ୍ୟ ଏବଂ ପୂର୍ବ ବିଜେଡି ସରକାରଙ୍କ ସହିତ ତାଙ୍କର ଭିତିରି ସହଯୋଗ ସାମ୍ନାକୁ ଆସିପାରିବ। ଯେପରି ଆମେ ପୂର୍ବରୁ ସୂଚିତ କରିଥିଲୁ, ଏହି ପଦାଧିକାରୀଙ୍କ ମଧ୍ୟରୁ ଅଧିକାଂଶ ଆନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ପ୍ରୋଟୋକଲ ଏବଂ ଚାର୍ଟର ଅନୁଯାୟୀ ନୁହେଁ। ତେଣୁ ନିର୍ବାଚନ ପ୍ରକ୍ରିୟା ଇଲେକ୍‌ଟୋରାଲ କଲେଜର ସ୍ୱଚ୍ଛ ଯାଂଚ ସହିତ ଆରମ୍ଭ ହେବା ଉଚିତ।' ନିର୍ବାଚନ ଅଧିକାରୀ ସ୍ୱତନ୍ତ୍ର ଭାବେ ପ୍ରତ୍ୟେକ ଜିଲ୍ଲା ୟୁନିଟ୍‌ରୁ ଦୁଇଜଣ ଅଧିକାରପ୍ରାପ୍ତ ପ୍ରତିନିଧିଙ୍କ ବିବରଣୀ ବ୍ୟତୀତ ଜିଲ୍ଲା ପ୍ରଶାସନିକ ସଂସ୍ଥାର ଗଠନ କିମ୍ବା ନିର୍ବାଚନ ସହିତ ଜଡିତ ରେକର୍ଡ, ତାରିଖ, ନିର୍ବାଚନ ପ୍ରକ୍ରିୟା ଏବଂ କାର୍ଯ୍ୟକାଳ ସମେତ ସମସ୍ତ ତଥ୍ୟ ମାଗିଛନ୍ତି। ଏକାଧିକ ଜିଲ୍ଲା ହକି ସଂଘରେ ପଦାଧିକାରୀ ଭାବେ କାର୍ଯ୍ୟରତ ଆଇଏଏସ ଅଧିକାରୀମାନଙ୍କ ସମେତ ସରକାରୀ ଅଧିକାରୀମାନଙ୍କର ଉପସ୍ଥିତି ଉପରେ ପୂର୍ବରୁ ଉଠାଯାଇଥିବା ଚିନ୍ତାକୁ ଦୃଷ୍ଟିରେ ରଖିଲେ ନିର୍ବାଚନ ଅଧିକାରୀଙ୍କ ଏହି ପଦକ୍ଷେପ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀଯୁକ୍ତ ଶତପଥୀ କହିଛନ୍ତି। ତାଙ୍କ ମତରେ, 'ନିର୍ବାଚନର ବିଶ୍ୱସନୀୟତା ଇଲେକ୍‌ଟୋରାଲ କଲେଜର ବିଶ୍ୱସନୀୟତା ଉପରେ ନିର୍ଭର କରିବ। ପ୍ରତ୍ୟେକ ଜିଲ୍ଲା ୟୁନିଟ୍ ଏହା ପ୍ରତିପାଦନ କରିବାକୁ ସକ୍ଷମ ହେବା ଉଚିତ ଯେ ଏହାର ପରିଚାଳନା ସଂସ୍ଥା ଏକ ବୈଧ, ସ୍ୱଚ୍ଛ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ମାଧ୍ୟମରେ ଗଠିତ ହୋଇଥିଲା। ଓଡ଼ିଶାରେ ହକି ଏହାର ଖେଳାଳି, ପ୍ରଶିକ୍ଷକ ଏବଂ ପ୍ରକୃତ ପ୍ରତିନିଧିମାନଙ୍କର, ଏବଂ ଏହାର ପରିଚାଳନା ସେହିତ ବିଶ୍ୱାସକୁ ପ୍ରତିଫଳିତ କରିବା ଉଚିତ।' ଉଲ୍ଲେଖଯୋଗ୍ୟ ଯେ, ଏଚଏଓ କାର୍ଯ୍ୟନିର୍ବାହୀ କମିଟିର ଚାରି ବର୍ଷର କାର୍ଯ୍ୟକାଳ ୧୭ ମଇ ୨୦୨୬ରେ ଶେଷ ହୋଇଥିଲା ବେଳେ ଜୁନ୍ ୧୮ ଏଜିଏମ, ନିର୍ବାଚନକୁ ଏକ ଏଜେଣ୍ଡା ଆଇଟମ୍ ଭାବରେ ତାଲିକାଭୁକ୍ତ କରିଥିଲା କିନ୍ତୁ ନିର୍ବାଚନ ପରିଚାଳନା କରିନଥିଲା।

## ବ୍ରିକ୍ସ ସମ୍ମିଳନୀର ସଫଳ ଆୟୋଜନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଲେ ମନମୋହନ

**ଭୁବନେଶ୍ୱର,୧୪।୯ (ନି.ପ୍ର) :** ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ ୧୮ତମ ବ୍ରିକ୍ସ ସମ୍ମିଳନୀର ସଫଳ ଓ ଐତିହାସିକ ଆୟୋଜନ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଜ୍ୟବାସୀଙ୍କ ତରଫରୁ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱ ଏବଂ ବସୁଧୈବ କୁଟୁମ୍ବକମ୍ ତଥା ହ୍ୟୁମାନିଟି ଫାଷ୍ଟ (ମାନବିକତା ପ୍ରଥମ) ନୀତି ଯୋଗୁଁ ଆଜି ବିଶ୍ୱ ଦରବାରରେ ଭାରତବର୍ଷର ସମ୍ମାନ ଓ ପ୍ରତିଷ୍ଠା ଶିର୍ଷରେ ପହଂଚିଛି । ଚଳିତ ବର୍ଷ ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ନୂଆଦିଲ୍ଲୀ ଘୋଷଣାନାମାର ସର୍ବସମ୍ମତ ଗ୍ରହଣ, ବିଶ୍ୱ ଅର୍ଥନୀତି, ଜଳବାୟୁ ପରିବର୍ତ୍ତନ ଏବଂ ଆତଙ୍କବାଦ ବିରୋଧରେ ଭାରତର ଦୃଢ ଆଭିମୁଖ୍ୟକୁ ସମଗ୍ର ବିଶ୍ୱ ସ୍ୱୀକାର କରିଛି । ଏହି ସମ୍ମିଳନୀରେ ସଫଳତା ପ୍ରମାଣିତ କରିଛି ଯେ, ଭାରତ କେବଳ ଗ୍ଲୋବାଲ ସାଉଥ୍‌ର ସ୍ୱର ସାଜିନାହିଁ, ବରଂ ବିଶ୍ୱକୁ ଶାନ୍ତି ଓ ପ୍ରଗତିର ଏକ ନୂତନ ମାର୍ଗ ଦେଖାଇଛି ।










## ନୂଆଖାଇ ଜୁହାର

ବଲାଙ୍ଗୀର ସଦାଇପାଲି, ପଲ୍ଲିଶ୍ରୀ ବିହାରଠାରେ ପ୍ରତିଷ୍ଠିତ ଇଣ୍ଡିଏନ୍ ନର୍ସିଂ କାଉନ୍ସିଲ୍ (ଆଇ.ଏନ୍.ସି) ମଞ୍ଜୁରୀ ପ୍ରାପ୍ତ ସୁଶ୍ରୀ ନର୍ସିଂ କଲେଜ (ସାଇଟ୍) ଏମ୍.ଏସ୍.ସି ନର୍ସିଂ, ବି.ଏସ୍.ସି, ନର୍ସିଂ, ଜି.ଏନ୍.ଏମ୍. ନର୍ସିଂ, ଏ.ଏନ୍.ଏମ୍. ନର୍ସିଂ, ସାଇଟ୍ ଇଞ୍ଜିନିୟରିଂ, ସୁଶ୍ରୀ ଆଇ.ଟି.ଆଇ, ସୁଶ୍ରୀ ଡି.ଏମ୍.ଏଲ୍.ଟି ଓ ଡି.ଏମ୍.ଆର.ଟି. ପରିବାର ତରଫରୁ ସମସ୍ତଙ୍କୁ ନୂଆଖାଇ ଜୁହାର ।

ଡ. ନାରାୟଣ ପ୍ରସାଦ ମିଶ୍ର, ସମ୍ପାଦକ

## ଗଣେଶ ଚତୁର୍ଥୀରେ ଜନ୍ମ ନେଲା ହାତୀ ଶାବକ

କେନ୍ଦୁଝର: ପବିତ୍ର ଗଣେଶ ଚତୁର୍ଥୀରେ କେନ୍ଦୁଝର ଜିଲ୍ଲାରୁ ଆସିଛି ଏକ ଶୁଭ ଖବର । ଜିଲ୍ଲାରେ ଗଣେଶ ଚତୁର୍ଥୀ ଅବସରରେ ଜନ୍ମ ନେଇଛି ଏକ ହାତୀ ଶାବକ । ଚମ୍ପୁଆ ରେଞ୍ଜ ବାଲିବନ୍ଧ ସେକ୍ସନ୍ ରେ ଥିବା ୨୧ ଟିକିଆ ହାତୀପଲରୁ ଏକ ହାତୀଛୁଆ ଜନ୍ମ ନେଇଥିବାରୁ ସେଠାରେ ମୋଟ୍ ହାତୀ ସଂଖ୍ୟା ଏବେ ୨୨ରେ ପହଞ୍ଚିଛି । ଏହି ସୂଚନା ଦେଇଛନ୍ତି କେନ୍ଦୁଝରଡିଏଫ୍‌ଓ । ହାତୀଛୁଆ ଏବେ ସୁସ୍ଥ ଥିବାବେଳେ, ହାତୀପଲଙ୍କ ସହିତ ଚଳପ୍ରଚଳ କରିବା ସହ, ମା ଠାରୁ କ୍ଷୀରପାନ କରୁଥିବା ସୂଚନା ଦେଇଛନ୍ତି ଡିଏଫ୍‌ଓ । ହାତୀପଲ ପ୍ରତି ବନ ବିଭାଗର ସ୍ଥାନୀୟ କର୍ମଚାରୀ ନଜର ରଖୁଥିବା ବେଳେ, ମା ଏବଂ ଛୁଆହାତୀ କିପରି ସୁରକ୍ଷିତ ଏବଂ ଭଲରେ ରହିବେ ସେଥିପ୍ରତି ସଜାଗ ଅଛନ୍ତି ।



## ନୂଆଁଖାଇ ଜୁହାର-୨୦୨୬


### ନୂଆ ଧାନ, ନୂଆ ଆଶା, ନୂଆ ସ୍ୱାସ୍ଥ୍ୟ

ପଶ୍ଚିମ ଓଡ଼ିଶାର ଗଣପର୍ବ ପବିତ୍ର ନୂଆଁଖାଇ ଅବସରରେ ବଲାଙ୍ଗିର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ନୂଆ ଧାନ ଯେମିତି ସମୃଦ୍ଧି ଆଣେ, ସ୍ୱାସ୍ଥ୍ୟ ହିଁ ସେହିପରି ଜୀବନର ପ୍ରକୃତ ସମ୍ପଦ। ଆସନ୍ତୁ ଏହି ନୂଆଁଖାଇରେ ସଂକଳ୍ପ ନେବା ଯେପରିକି - ଜିଲ୍ଲାର ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁ ହାର କମାଇବାରେ ସହଯୋଗ କରିବା,ସମସ୍ତ ଯୋଗ୍ୟ କନ୍ୟାଙ୍କୁ ଜରାୟୁ ଗ୍ରୀବା କର୍କଟ ସୁରକ୍ଷା ଟୀକା (ଏଚପିଭି) ଦେବା, ୩୦ ବର୍ଷରୁ ଉର୍ଦ୍ଧ ସମସ୍ତେ ବିପି ଓ ସୁଗାର ଯାଞ୍ଚ କରିବା, ଟି.ବି ମୁକ୍ତ ଭାରତ କାର୍ଯ୍ୟ କ୍ରମରେ ସହଯୋଗ କରିବା, କୁଷ୍ଠ ମୁକ୍ତ ଭାରତ କାର୍ଯ୍ୟକ୍ରମରେ ସହଯୋଗ କରିବା, କନ୍ୟା ଭ୍ରୁଣ ହତ୍ୟାକୁ ବିରୋଧ କରିବା ଏବଂ ଆମ ପରିବେଶ ସାଫା ରଖିବା ମେଲେରିଆ ଓ ଡେଙ୍ଗୁରୁ ରକ୍ଷା ପାଇବା ।

ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ବଲାଙ୍ଗିର ଆପଣଙ୍କ ସେବାରେ ସର୍ବଦା ପ୍ରସ୍ତୁତ

ଡାକ୍ତର- ଶ୍ରୀମତୀ ପୁଷ୍ପାଞ୍ଜଳି ମିଶ୍ର
ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ବଲାଙ୍ଗିର




## ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ହେତୁ ମେମୁ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

ଭୁବନେଶ୍ୱର: ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ବ୍ରହ୍ମପୁର–ରମ୍ଭା ଡାଉନ୍ ଲାଇନ୍ ସେକ୍ସନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ହେତୁ ପୂର୍ବତଟ ରେଳପଥ ପକ୍ଷରୁ ନିର୍ଦ୍ଧାରିତ ତାରିଖଗୁଡ଼ିକରେ ଦୁଇଟି ମେମୁ ଟ୍ରେନ୍ ?କୁ ଖଲ୍ଲିକୋଟ ରେଳ ଷ୍ଟେସନରେ ସର୍ଟ-ଟର୍ମିନେଟ୍ (ଆଂଶିକ ବାତିଲ), ସର୍ଟ-ଓରିଜିନେଟ୍ (ଆଂଶିକ ଆରମ୍ଭ) କରାଯିବ ।ସେହି ଅନୁଯାୟୀ, ଟ୍ରେନ୍ ନମ୍ବର ୬୮୪୧୧ ଭୁବନେଶ୍ୱର–ବ୍ରହ୍ମପୁର ମେମୁ ଟ୍ରେନ୍ ?ଟି ୧୫, ୧୬ ଏବଂ ୧୯ ସେପ୍ଟେମ୍ବର ୨୦୨୬ରେ ବ୍ରହ୍ମପୁର ପରିବର୍ତ୍ତେ ? ଖଲ୍ଲିକୋଟ ଠାରେ ସ୍ୱଳ୍ପ ସମାପ୍ତ ହେବ ।ସେହିପରି, ଟ୍ରେନ୍ ନମ୍ବର ୬୮୪୧୨ ବ୍ରହ୍ମପୁର–ଭୁବନେଶ୍ୱର ମେମୁ ଟ୍ରେନ୍‌ଟି ୧୫, ୧୬ ଏବଂ ୧୯ ସେପ୍ଟେମ୍ବର ୨୦୨୬ରେ ବ୍ରହ୍ମପୁର ପରିବର୍ତ୍ତେ ? ଖଲ୍ଲିକୋଟ ଠାରୁ ଯାତ୍ରା ଆରମ୍ଭ କରିବ ।ଫଳସ୍ୱରୂପ, ଉପରୋକ୍ତ ସମୟ ଅବଧି ମଧ୍ୟରେ ଖଲ୍ଲିକୋଟ ଏବଂ ବ୍ରହ୍ମପୁର ମଧ୍ୟରେ ମଧ୍ୟରେ ଏହି ଟ୍ରେନ ସେବା ବାତିଲ ରହିବ ।ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍' କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ ।

## ପୂର୍ବ ତଟ ରେଳପଥ ମୁଖ୍ୟାଳୟରେ ହିନ୍ଦୀ ପଖୱାଡା–୨୦୨୬ ଆରମ୍ଭ

ଭୁବନେଶ୍ୱର, ୧୪।୯ : ପୂର୍ବ ତଟ ରେଳପଥ ମୁଖ୍ୟାଳୟରେ ୧୪ ସେପ୍ଟେମ୍ବରରୁ ୨୮ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ହିନ୍ଦୀ ପଖୱାଡା– ୨୦୨୬ ଉତ୍ସାହ ଓ ଉଦ୍ଦୀପନାର ସହିତ ଆରମ୍ଭ ହୋଇଛି । ସରକାରୀ କାର୍ଯ୍ୟରେ ହିନ୍ଦୀର ପ୍ରଗତିଶୀଳ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ରାଜଭାଷା ହିନ୍ଦୀର ଗୁରୁତ୍ୱ ସମ୍ପର୍କରେ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏହି ପକ୍ଷବ୍ୟାପୀ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ।ଏହି ଅବସରରେ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଅଧିକାରୀ ଓ କର୍ମଚାରୀମାନଙ୍କୁ ରାଜଭାଷା ଶପଥ ପାଠ କରାଇଥିଲେ । ନିଜ ଅଭିଭାଷଣରେ ସେ ୧୪ ସେପ୍ଟେମ୍ବର ୧୯୪୯ରେ ଭାରତୀୟ ସମ୍ବିଧାନରେ ହିନ୍ଦୀକୁ ରାଜଭାଷାର ମର୍ଯ୍ୟାଦା ପ୍ରଦାନ କରାଯାଇଥିବାର ପୃଷ୍ଠଭୂମି ସମ୍ପର୍କରେ ସୂଚନା ଦେଇଥିଲେ । ସେ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦୈନନ୍ଦିନ ସରକାରୀ କାର୍ଯ୍ୟରେ ହିନ୍ଦୀର ବ୍ୟାପକ ବ୍ୟବହାର ପାଇଁ ଆହ୍ୱାନ କରିଥିଲେ ।ଶ୍ରୀ ଫୁଙ୍କୱାଲ କହିଥିଲେ ଯେ, ହିନ୍ଦୀର ବ୍ୟବହାର କେବଳ ଗୋଟିଏ ଦିନ କିମ୍ବା ପଖୱାଡା ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ । ସରକାରୀ କାର୍ଯ୍ୟରେ ନିୟମିତ ଭାବେ ହିନ୍ଦୀର ବ୍ୟବହାର ବୃଦ୍ଧି କରିବା ଆବଶ୍ୟକ ।ଏହି ପାଳନର ଏକ ଅଂଶ ସ୍ୱରୂପ, ବିଭିନ୍ନ ପ୍ରତିଯୋଗିତା ଏବଂ କାର୍ଯ୍ୟକ୍ରମ ଆୟୋଜନ କରାଯିବ, ଯେଉଁଥିରେ ରେଳ ସୁରକ୍ଷା ସ୍ଲୋଗାନ ଲିଖନ ପ୍ରତିଯୋଗିତା, ଯାତ୍ରୀ ଅଭିଯୋଗ ନିରାକରଣ ଚିଠା ପ୍ରସ୍ତୁତି ପ୍ରତିଯୋଗିତା, ହିନ୍ଦୀ ବନାନ ଓ ବାକ୍ୟ ସଂଶୋଧନ ପ୍ରତିଯୋଗିତା, ରେଳ ସମ୍ବନ୍ଧୀୟ ଶବ୍ଦ ସନ୍ଧାନ ଓ ସଙ୍କ ?ତ ଚିହ୍ନଟ ପ୍ରତିଯୋଗିତା, କୁଇଜ୍ ପ୍ରତିଯୋଗିତା ଏବଂ ହିନ୍ଦୀ କର୍ମଶାଳା ଅନ୍ତର୍ଭୁକ୍ତ । ଏହି ସବୁ କାର୍ଯ୍ୟକଳାପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟାଳୟ କାମରେ ଧୀରେ ଧୀରେ ହିନ୍ଦୀ ଭାଷା ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତ କରିବା ।ସରକାରୀ କାର୍ଯ୍ୟରେ ରାଜଭାଷାର ବ୍ୟାପକ ବ୍ୟବହାରକୁ ପ୍ରୋତ୍ସାହନ ଦେବା ନିମନ୍ତେ ଭାରତ ସରକାରଙ୍କ ନୀତି ଅନୁଯାୟୀ ପ୍ରତିବର୍ଷ ସମଗ୍ର ଭାରତୀୟ ରେଳବାଇରେ ହିନ୍ଦୀ ପଖୱାଡା ପାଳନ କରାଯାଏ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ